

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୨ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 JANUARY 2023
Vol.No. 34 ■ No. 21 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆତଙ୍କୀ ଆକ୍ରମଣରେ ଥରିଲା ଜମ୍ମୁର ନରୱାଲ

### ୨୦ ମିନିଟରେ ୨ଟି ବଡ ଆଇଡି ବିସ୍ଫୋରଣ

ନୂଆଦିଲ୍ଲୀ,୨୧/୦୧ : ଶନିବାର ସକାଳୁ ସକାଳୁ ସବୁ ଦିନ ପରି ଆଜି ବି ଚଳଚଂଚଳ ଥାଏ ଜମ୍ମୁ । ନୂଆ ସକାଳରେ ସ୍ୱାଭାବିକ ହେଉଥାଏ ଜନଜୀବନ । ହଠାତ ଜମ୍ମୁର ଭିଡବହୁଳ ତଥା ବ୍ୟବସାୟ ପେଣ୍ଡସ୍ଥଳୀ ଭାବେ ଜଣାଶୁଣା ନରୱାଲରେ ହୋଇଥିଲା ବିସ୍ଫୋରଣ । ଥରି ଉଠିଲା ଜମ୍ମୁର ଏହି ଭିଡବହୁଳ ସ୍ଥାନ । କ୍ଷଣିକ ମଧରେ ବୋମା ବିସ୍ଫୋରଣ ସ୍ଥାନର ଚିତ୍ର ସମ୍ପୂର୍ଣ୍ଣଭାବେ ବଦଳିଯାଇଥିଲା । ସେଠାରେ ଥିବା ଅନେକ ଯାନବାହନ କ୍ଷତିଗ୍ରସ୍ତ ହେବା ସହ କିଛି ଘର ଭାଙ୍ଗିରୁଜି ଯାଇଛି । ଆକ୍ରମଣରେ ଏବେ ସୁଦ୍ଧାର ୬ରୁ ଅଧିକ ଲୋକ ଗମ୍ଭୀରଭାବେ ଆହତ ହୋଇଥିବା ସୂଚନା ରହିଛି । ଘଟଣାକୁ ନେଇ



ସ୍ଥାନୀୟ ଅଂଚଳରେ କୋକୁଆ ଭୟ ଖେଳିଯାଇଛି । ସେପଟେ ସୁରକ୍ଷା ବନ୍ଦୋବସ୍ତକୁ ନେଇ ମଧ ପ୍ରଶ୍ନ ଉଠିଛି । ଆଗକୁ ଜାନୁଆରୀ ୨୬ । ସେପଟେ କଂଗ୍ରେସର ଭାରତ ଯୋଡ଼ ଯାତ୍ରା ମଧ ଚାଲିଛି । ଏହା ଭିତରେ ଏଭଳି ଆତଙ୍କୀ ଆକ୍ରମଣ ଘଟଣା ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ବୁଧବାର କଠୁଆରୁ ରାହୁଲ ଗାନ୍ଧୀ ଭାରତ ଯୋଡ ଯାତ୍ରା ଆରମ୍ଭ କରିଛନ୍ତି । ଏଆଇସିସି ମହାସଚିବ କେସି ବେଣୁଗୋପାଳ କହିଛନ୍ତି କୌଣସି ପରିସ୍ଥିତିରେ ଭାରତ ଯୋଡ ଯାତ୍ରା ଅଟକିବ ନାହିଁ। ଆତଙ୍କୀ ଆକ୍ରମଣ ପଛରେ ଲସ୍କର ଏ ତୋୟବାର ହାତ ଥିବା ସନ୍ଦେହ କରାଯାଉଛି । ସେପଟେ ମାମଲାର ତଦନ୍ତ ଭାର ଏନଆଇଏକୁ ହସ୍ତାନ୍ତର କରାଯାଇଛି। ବିସ୍ଫୋରଣ ସ୍ଥଳକୁ ସମ୍ପୂର୍ଣ୍ଣଭାବେ ସିଲ କରାଯାଇଛି ଓ ଫେରାର ଆତଙ୍କବାଦୀଙ୍କ ଖୋଜା ଚାଲିଛି ।

## ରାଜ୍ୟ କ୍ୟାବିନେଟ୍‌ରେ ୧୨ ଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟର ବୈଠକରେ ଅନୁଦାନପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀଙ୍କ ଗ୍ରାଂଟ-ଇନ୍ ଏଡ୍ ବଢାଯିବା ସମେତ ମୋଟ ୧୨ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି । ମିଳିଥିବା ସୂଚନା ଅନୁସାରେ ଅନୁଦାନପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀଙ୍କ ଗ୍ରାଂଟ-ଇନ୍ ଏଡ୍ ବଢାଯିବାକୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । କ୍ୟାବିନେଟର ଏହି ନିଷ୍ପତି ଫଳରେ ରାଜ୍ୟର ୧୫,୭୭୧ ଶିକ୍ଷକ, କର୍ମଚାରୀ ଉପକୃତ ହେବେ। ଏହା ପିଛିଲା ଭାବେ ୨୦୨୨ ଜାନୁଆରି ୧ ତାରିଖରୁ ଏହା ଲାଗୁ ହେବ। ଓଡିଶା ରାଜ୍ୟ ନିମନ୍ତେ କେନ୍ଦ୍ର ତାଲିକାଭୁକ୍ତ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଜାତି ଗୁଡିକୁ ଓଡିଶା ରାଜ୍ୟର ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ



(ଏସଇବିସି) ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ପାଇଁ ପଛୁଆ ବର୍ଗ ଆୟୋଗ (ଏସସିବିସି) ଅଧିନିୟମ ୧୯୯୩ରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଂଜୁରୀ ଦିଆଯାଇଛି । ଜଳେଶ୍ୱର ଗୋବରୀ ଘାଟର ସୁବର୍ଣ୍ଣରେଖା ନଦୀରେ ହେବ ବ୍ରିଜ୍ । ବ୍ରିଜ୍ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ସେହିପରି ଖଣି, ଭୂତତ୍ତ୍ୱ ସେବା ନିର୍ଦ୍ଦେଶାଳୟର ୫ଟି କ୍ୟାଡର ନିଯୁକ୍ତିରେ ସଂଶୋଧନ ପ୍ରସ୍ତାବକୁ ମଂଜୁରୀ ମିଳିଛି । ଓଏସ୍‌ଜେଏସ୍ ଓ ଓଜେଏସ୍ ସେବା ଅଧିନିୟମରେ କ୍ୟାବିନେଟରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ମଧ ଅନୁମୋଦନ ମିଳିଛି । କ୍ୟାବିନେଟ ବୈଠକରେ ବାଗଚୀ ଶ୍ରୀଶଙ୍କର କର୍କଟ ଚିକିତ୍ସା କେନ୍ଦ୍ର ଓ ଅନୁସନ୍ଧାନ ପ୍ରତିଷ୍ଠାନକୁ ୨ ଏକର ଜମି ମାଗଣାରେ ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ଏହି ପ୍ରତିଷ୍ଠାନ ସ୍ୱେଚ୍ଛାକୃତ ଭାବେ ▶▶ପୃଷ୍ଠା ୭

## ଆବାସ ପାଇଁ ଅସନ୍ତୋଷ : ନରସିଂହପୁରରେ ଲୋକଙ୍କ ରାସ୍ତାରୋକ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ନରସିଂହପୁର ବ୍ଲକ ନୂଖାପଡା ପଞ୍ଚାୟତରେ ଆବାସ ଯୋଜନାରେ ବାଦ ପଡିଥିବା ହିତାଧିକାରୀଙ୍କ ଅସନ୍ତୋଷ ତେଜିଛି । ତାଲିକାରେ ତ୍ରୁଟି ଅଭିଯୋଗ କରି ସ୍ଥାନୀୟ ଲୋକେ ନୂଖାପଡା ଛକ ନିକଟରେ ୬୫ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଛନ୍ତି । ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କୁ ମଧ ପଞ୍ଚାୟତ ଅଫିସରେ ତାଲା ପକାଇଛନ୍ତି । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମ ପଞ୍ଚାୟତରେ ବାଦପଡିଥିବା ମହିଳା ହିତାଧିକାରୀମାନେ ଧର୍ମଶାଳା ବ୍ଲକ ଅଫିସ ଆଗରେ ଧାରଣା ଦେଇ ନାରାବାଜି କରିଛନ୍ତି । ଦୀର୍ଘ ଆଲୋଚନା ପରେ ବିଡିଓ ସମସ୍ତ କଥାକୁ ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଫେରିଯାଇଥିଲେ । କେବଳ ଏହି ପଞ୍ଚାୟତ ନୁହେଁ ଅନେକ ପଞ୍ଚାୟତରେ ଏଭଳି ଅସନ୍ତୋଷ ଦେଖିବାକୁ ମିଳିଛି । କେବଳ ଏହି ଅଞ୍ଚଳ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଯୋଗ୍ୟ ହିତାଧିକାରୀ ଘର ପାଇନଥିବା ଚିତ୍ର ସାମ୍ନାକୁ ଆସିଛି । ନିମାପଡ଼ା ବ୍ଲକ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତରେ । ପ୍ରିୟାପ୍ରିତି

## ଆନ୍ଦୋଳନରୁ ହଟିଲେ ରେସ୍‌ଲର୍ : ତଦନ୍ତ କରିବ ୭ ଜଣିଆ କମିଟି

ନୂଆଦିଲ୍ଲୀ,୨୧/୦୧ : ଅଲିମ୍ପିକ୍ସ ମେଡେଲ୍ ବିଜେତା ଭିନେଶ ଫୋଗଟ୍ ବ୍ରିଜଭୂଷଣ ଓ କୋଚଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଖେଳାଳିଙ୍କ ସହ ଶାରୀରିକ ଓ ମାନସିକ ନିର୍ଯାତନା ହେଉଥିବା ସେ ଅଭିଯୋଗ ଲଗାଇଛନ୍ତି। କେନ୍ଦ୍ର କ୍ରୀଡାମନ୍ତ୍ରୀଙ୍କ ସହ ଆଲୋଚନା ପରେ ଜନ୍ତରମନ୍ତରରେ ଚାଲିଥିବା ରେସଲରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ରେସଲରମାନେ ଆଣିଥିବା ଯୌନ ନିର୍ଯ୍ୟାତନା ଅଭିଯୋଗର ତଦନ୍ତ ପାଇଁ ଏକ ୭ ଜଣିଆ କମିଟି ଗଠନ କରିଛି ଅଲିମ୍ପିକ୍ସ ଆସୋସିଏସନ୍। ଏହି ୭ ଜଣିଆ କମିଟିରେ ମେରୀ କମ୍, ଦୋଲା ବାନାର୍ଜୀ, ଯୋଗେଶ୍ୱର ଦତ୍ତଙ୍କ ଭଳି ବରିଷ୍ଠ ଖେଳାଳି ରହିଛନ୍ତି। ବ୍ରିଜଭୂଷଣଙ୍କ ଉପରେ ଲାଗିଥିବା ଅଭିଯୋଗ ଉପରେ ତଦନ୍ତ ହେବ। କମିଟି ଘଟଣାର



ଅନୁଧାନ ଓ ଖୋଲତାଡ଼ ପରେ ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦେବେ। ଦିଲ୍ଲୀରେ ଧାରଣାରତ ରେସଲର୍‌ମାନେ ଇଣ୍ଡିଆନ୍ ଅଲିମ୍ପିକ୍ସ ଆସୋସିଏସନ୍ ମୁଖ୍ୟ ପିଟି ଉଷାଙ୍କୁ ଚିଠି ଲେଖିଥିଲେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀଙ୍କ ସହ ଦୁଇ ଦୁଇଥର ରେସଲରଙ୍କ ଆଲୋଚନା ହୋଇଥିଲେ ମଧ ନିଜ ପଦରୁ ହଟିବେନି ବୋଲି ରୋକଠୋକ କହିଛନ୍ତି ବାହୁବଳୀ ସାଂସଦ ତଥା ଡରଓ ସଭାପତି ବ୍ରିଜଭୂଷଣ। ଅଲିମ୍ପିକ୍ସ ମେଡେଲ୍ ବିଜେତା ଭିନେଶ ଫୋଗଟ୍ ବ୍ରିଜଭୂଷଣ ଓ କୋଚଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଖେଳାଳିଙ୍କ ସହ ଶାରୀରିକ ଓ ମାନସିକ ନିର୍ଯାତନା ହେଉଥିବା ସେ ଅଭିଯୋଗ ଲଗାଇଛନ୍ତି। ଏହାପରେ ନ୍ୟାୟ ଦାବିରେ ଖେଳାଳିମାନେ ଦିଲ୍ଲୀର ଜନ୍ତରମନ୍ତରରେ ଧାରଣାରେ ବସିଥିଲେ। ଖେଳାଳିଙ୍କ ଧାରଣାକୁ ଏବେ ବିଭିନ୍ନ ମହଲରୁ ମିଳୁଛି ସମର୍ଥନ।

## ଚୀନ୍ ସେନାର ବେଆଇନ ନିର୍ମାଣକୁ ନେଇ ସୀମାରେ ଗମ୍ଭୀର ସ୍ଥିତି

ନୂଆଦିଲ୍ଲୀ,୨୧/୦୧ : ବଢିଲା ଭାରତ-ଚୀନ୍ ତିକ୍ତତା । ପୂର୍ବ ଲଦାଖ ଓ ଅରୁଣାଚଳ ସୀମାରେ ଚୀନ୍ ସେନାର ଉତେଜନା ସୃଷ୍ଟିକାରୀ ପଦକ୍ଷେପ ଏବେ ଦୁଇ ଦେଶର ତିକ୍ତତାକୁ ବଢାଇ ଦେଇଛି । ଚୀନ୍ ସେନାର ବେଆଇନ ନିର୍ମାଣକୁ ନେଇ ସୀମାରେ ଏବେ ସ୍ଥିତି ଗମ୍ଭୀର ହୋଇ ପଡିଛି । ପିପୁଲ୍ସ ଲିବରେସନ୍ ଆର୍ମିର ସମସ୍ତ ୟୁନିଟ୍ର ସାମରିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଚୀନ୍ ରାଷ୍ଟ୍ରପତି । ଭାରତ ସୀମାରେ ଚୀନ୍ର ଯୁଦ୍ଧ ବିମାନ ମୁତୟନ, ସ୍ଥାୟୀ ଶିବିର ନିର୍ମାଣ, ସାମରିକ ପରିବହନ ଏବଂ ଯୋଗାଣ ବାବଦରେ ଜିନପିଙ୍ଗ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି । ପିଏଲଏ ମୁଖ୍ୟାଳୟରୁ ଭିଡିଓ କନ୍ଫରେନ୍ସ ମାଧମରେ ଜିନପିଙ୍ଗ ଯବାନଙ୍କୁ ଉଦବୋଧନ ଦେଇଛନ୍ତି । ପିଏଲଏର ସୁପ୍ରିମ କମାଣ୍ଡର ଜିନପିଙ୍ଗ ସୈନିକଙ୍କୁ ସାମରିକ ପ୍ରସ୍ତୁତି ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ । ସୀମାରେ ମୁତୟନ ହୋଇଥିବା ସୈନିକଙ୍କ ସ୍ଥିତି ଏବଂ ପ୍ରତିକୂଳ ପାଣିପାଗ ସମ୍ପର୍କରେ ମଧ ଜିନପିଙ୍ଗଙ୍କୁ ଅବଗତ କରାଯାଇଥିଲା । ପୂର୍ବ ଲଦାଖରେ ୨୦୨୦ ମେ’ ୫ ତାରିଖରେ ଦୁଇ ଦେଶର ସେନା ମଧରେ ସଂଘର୍ଷ ହୋଇଥିଲା ।

## ଷ୍ଟାର ଦମ୍ପତ୍ତିଙ୍କ କଳିରେ ନୂଆ ଟ୍ୱିଷ୍ଟ : ମୁହଁ ଖୋଲିଲେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା

ଭୁବନେଶ୍ୱର,୨୧/୦୧ (ନି.ପ୍ର): ପ୍ରସିଦ୍ଧ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ପତ୍ନୀ ଶ୍ରେୟାଙ୍କ ବିବାଦ ଦିନକୁ ଦିନ ନୂଆ ମୋଡ ନେଉଛି । ଶ୍ରେୟା, ହ୍ୟୁମାନଙ୍କ ନାଁରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ । ଉଭୟଙ୍କୁ ସମସ୍ୟାର ସମାଧାନ ପାଇଁ ପୁଲିସ ୪ ଦିନ ସମୟ ଦେଇଥିଲେ ବି ଶ୍ରେୟା ଶନିବାର ହ୍ୟୁମାନଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ଶ୍ରେୟା ଅଭିଯୋଗ କରିଛନ୍ତି, ମଦ ପିଇବାକୁ ବାରଣ କରିବାକୁ ହ୍ୟୁମାନ ମାଡ ମାରୁଥିଲେ । ହ୍ୟୁମାନ ନିଶାସକ୍ତ ଅବସ୍ଥାରେ ଶୋ କରିପାରନ୍ତି ନାହିଁ । ଏଥିପାଇଁ ଅନେକବାର ଶୋ ଓ ଗୀତ ରେକର୍ଡ଼ି କ୍ୟାନସଲ ହୋଇଛି । ଧର୍ମ ପରିବର୍ତନ ପାଇଁ ତାଙ୍କୁ ବାଧ କରାଯାଉଥିଲା । ଟିକିଲି ଓ ସିନ୍ଦୂର ପିନ୍ଧିବାକୁ ବାରଣ କରୁଥିଲେ ଶାଶୁ ଓ ତାଙ୍କ ପରିବାର ଲୋକେ । ଅଳତା ଲଗାଇବାକୁ ମନା କରୁଥିଲେ ଓ ଭୋଗ ଖାଇବାକୁ ମନା କରୁଥିଲେ । ଏ ସବୁ ଅଭିଯୋଗ ନେଇ ସେ ରବିବାର ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିବେ । ଶ୍ରେୟା ଅଭିଯୋଗ ▶▶ପୃଷ୍ଠା ୭

## ହାଇକୋର୍ଟରେ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ମାମଲା : ଉଚିତ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ବାର୍ଦ୍ଧକ୍ୟ ସମୟରେ ଆର୍ଥିକ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନା ଚଳାଇଛନ୍ତି । ହେଲେ ଏଥିରେ ମିଳୁଥିବା ଆର୍ଥିକ ସହାୟତା, ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇ ପାରୁ ନାହିଁ । ତେଣୁ ବାର୍ଦ୍ଧ୍ୟକ ଭତ୍ତା ବୃଦ୍ଧି କରିବା ପାଇଁ ହାଇକୋର୍ଟରେ ଏକ ମାମଲା ହୋଇଥିଲା । ସେହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଭତ୍ତାର ପରିମାଣ ବଢାଇବାକୁ କହିଛନ୍ତି । ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ସଚିବଙ୍କୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ୨୦୦୮



ମସିହାରେ ରାଜ୍ୟ ସରକାର ବୟସ୍କ, ଦିବ୍ୟାଙ୍ଗ ଓ ବିଧବାଙ୍କ ପାଇଁ ମଧୁବାବୁ ପେନସନ ଯୋଜନା ଆରମ୍ଭ କରିଥିଲେ । ରାଜ୍ୟର ୨୭ ଲକ୍ଷ ୮୦ ହଜାର ୧୬୩ ଜଣ ମଧୁବାବୁ ପେନସନ ଯୋଜନାରେ ଆର୍ଥିକ ସହାୟତା ପାଉଛନ୍ତି ।

## ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଘେରାଉ ସହ ପ୍ରତିବାଦ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସରକାରୀ ବାସଭବନ ଘେରାଉ କରାଯିବା ସହ ପ୍ରତିବାଦ କରାଯାଇଛି । ଜଗତସିଂହପୁର ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ହୋଇଥିବା ବେଳେ ମଣ୍ଡି ଓ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ନିରୀହ ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରତିବାଦରେ ଏହି ଘେରାଉ କରାଯାଇଛି । ଘେରାଉ ବେଳେ ପୋଲିସ ଓ ସଂଗଠନର କର୍ମୀ ମାନଙ୍କ ମଧରେ ଠେଲା ପେଲା ଓ ଧସ୍ତାଧସ୍ତି ହେବାର ଦେଖିବାକୁ ମିଳିଛି । ସଂଗଠନର କର୍ମକର୍ତା ମାନଙ୍କ କହିବା ଅନୁସାରେ ୧୨ ଜଣ ଚାଷୀଙ୍କୁ ମିଥ୍ୟାରୋପରେ ଗିରଫ କରାଯାଇଛି । ତେଣୁ ସେମାନେ ଅହାକୁ ବିରୋଧ କରି ବିରୋଧ ପ୍ରଦର୍ଶନ କରିଛନ୍ତି । କେବଳ ସେତିକି ନୁହେଁ ଯାଜପୁରରେ ନିବନିର୍ମାଣ କୃଷକର ରାଲି ବେଳେ ଗଣମାଧମ ପ୍ରତିନିଧିଙ୍କୁ ପୋଲିସର ନାଲି ଆଖି ଓ ମାଡ଼ ଧମକକୁ ନେଇ ମଧ ପ୍ରତିବାଦ କରାଯାଇଛି । ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

## ଜାନୁଆରୀ ୨୬ରେ ଲଞ୍ଚ ହେବ ଦେଶର ପ୍ରଥମ କୋଭିଡ୍ ନାଜାଲ ଟିକା

ନୂଆଦିଲ୍ଲୀ,୨୧/୦୧ : ଆସନ୍ତା ଜାନୁଆରୀ ୨୬ରେ ଲଞ୍ଚ ହେବ ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ ଦେଶର ପ୍ରଥମ କୋଭିଡ୍ ନାଜାଲ ଟିକା। ଭାରତ ବାୟୋଟେକ ନାକରେ ପଡ଼ି ପାରୁଥିବା କୋଭିଡ୍ ଟିକା INCOVACCକୁ ଲଞ୍ଚ କରିବ। ଏନେଇ ଆଜି କମ୍ପାନୀ ଚେୟାରମ୍ୟାନ ତଥା ଏମଡି କ୍ରିଷ୍ଣା ଇଲ୍ଲା ସୂଚନା ଦେଇଛନ୍ତି। ଭୋପାଳରେ ଇଣ୍ଡିଆନ ଇଣ୍ଟରନ୍ୟାଶନାଲ ସାଇନ୍ସ ଫେଷ୍ଟିଭାଲରେ ଯୋଗ ଦେବା ଅବସରରେ ଇଲ୍ଲା ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସେ କହିଛନ୍ତି ଯେ ଗାଇଙ୍କ ଦେହରେ ଦେଖା ଯାଉଥିବାର ଲୁମ୍ପି ଚର୍ମ ରୋଗର ମୁକାବିଲା ପାଇଁ Lumpi-ProVacIndକୁ ଆସନ୍ତା




ମାସରେ ଲଞ୍ଚ କରାଯିବ। ଏହାପୂର୍ବରୁ କରୋନାର ମୁକାବିଲା ପାଇଁ ନାଜାଲ ଟିକାର ଶୁଭାରମ୍ଭ ହେବ। ସେ କହିଛନ୍ତି, “ଆମର ନାଜାଲ ଟିକା ବିଧିବଦ୍ଧ ଭାବେ ଜାନୁଆରୀ ୨୬ ଅର୍ଥାତ ସାଧାରଣତନ୍ତ୍ର ଦିବସରେ ଲଞ୍ଚ ହେବ। ଲୋକମାନେ ବେଶ ସହଜରରେ ଏହାକୁ ନେଇ ପାରିବେ। ଏହାର ବ୍ୟବହାର ପାଇଁ ଅନୁମତି ମିଳି ସାରିଛି।” ଡିସେମ୍ବର ମାସରେ ଭାରତ ବାୟୋଟେକ ଘୋଷଣା କରିଥିଲା ଯେ ଏହି ଇଣ୍ଟରନାଜାଲ କରୋନା ଟିକାକୁ କମ୍ପାନୀ ଡୋଜ୍ ପିଛା ୩୨୫ ଟଙ୍କାରେ ସରକାରଙ୍କୁ ବିକ୍ରି କରିବ। ସେହିପରି ଘରୋଇ ଟିକାକରଣ କେନ୍ଦ୍ରରେ ଏହାର ଦାମ ଡୋଜ୍ ପିଛା ୮୦୦ ଟଙ୍କା ରହିବ। ▶▶ପୃଷ୍ଠା ୭

## ଆମର ଭାଷା ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ଆମର ଭାବନା ଏକ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର,/କୋଏମ୍ବାଟୁର, ୨୧/୦୧ (ନି.ପ୍ର): ଆମ ଦେଶ ଗୋଟିଏ । ଆମ ଦେଶ ସ୍ୱତନ୍ତ୍ର । ବିବିଧ ସଂସ୍କୃତିରେ ପରିପୂର୍ଣ୍ଣ ଦେଶ ଭାରତରେ ଆମ ସମସ୍ତଙ୍କର ଭାଷା ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ଆମର ଭାବନା ଏକ୍ ବୋଲି ଶନିବାର ତାମିଲନାଡୁ କୋଏମ୍ବାଟୁର ସ୍ଥିତ ଅବିନାଶୀଲିଙ୍ଗମ ମହିଳା ଗୃହ ବିଜ୍ଞାନ ଓ ଉଚ୍ଚ ଶିକ୍ଷା କେନ୍ଦ୍ରର ୩୪ତମ ସମାବର୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାବର୍ତନ ହେଉଛି ଉଦ୍ଦୀପନାର ପ୍ରାରମ୍ଭ । ଦେଶ ପାଇଁ ଗୁରୁତ୍ୱ ବହନ କରୁଥିବା ଆମର ପ୍ରଭାବବାନ ଯୁବଶକ୍ତି ନିଜ ଜୀବନ ନୂଆ ଅଧ୍ୟାୟ ଆରମ୍ଭ କରୁଛନ୍ତି । ଡଃ ଟିଏସ ଅବିନାଶୀଲିଙ୍ଗମ ଛେଟ୍ରିଙ୍କ ଦ୍ୱାରା




ଆରମ୍ଭ ହୋଇଥିବା ଅନୁଷ୍ଠାନ ଜ୍ଞାନର ବଟବୃକ୍ଷ ଭାବରେ ପରିଣତ ହୋଇଛି । ଏହି ଶିକ୍ଷାନୁଷ୍ଠାନ ବିଗତ ୬ ଦଶନ୍ଧି ଧରି ମହିଳାଙ୍କୁ ଶିକ୍ଷା ପ୍ରଦାନ କରିବାରେ ନୂଆ ବେଂଚମାର୍କ ସ୍ଥାପନ କରିଛି । ତାମିଲନାଡୁ ବିଶ୍ୱରେ ସର୍ବପୁରାତନ ସଭ୍ୟତା ମଧ୍ୟରୁ ଅନ୍ୟତମ । ଭାରତ ଯଦି ଗଣତନ୍ତ୍ରର ଜନନୀ, ତାମିଲନାଡୁ ହେଉଛି ଏହାର ପେଣ୍ଡସ୍ଥଳୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାଶୀ ତାମିଲ ସଙ୍ଗମମ ଆମ ମଧରେ ଥିବା ଏକତାର ଭାବନାକୁ ଗୁରୁତ୍ୱ ଦେବା ସହ ତାମିଲ ଭାଷା ଓ ସାହିତ୍ୟର ମହତ୍ୱକୁ ପରିପ୍ରକାଶ କରିଥିଲା । ପରାଧୀନ ମାନସିକତାକୁ ଦୂର କରି ଆମର ଯୁବଶକ୍ତି ଆମର ଐତିହ୍ୟକୁ ନେଇ ଗର୍ବ କରନ୍ତୁ । ଅବିନାଶୀଲିଙ୍ଗମ ଭଳି ବିଶ୍ୱବିଦ୍ୟାଳୟ ସୃଜନଶୀଳତାର କେନ୍ଦ୍ରବିନ୍ଦୁ । ଏହି ଶିକ୍ଷାନୁଷ୍ଠାନ ଗବେଷଣା କ୍ଷେତ୍ରରେ ଗୁରୁତ୍ୱ ଦେବା ସହ ଗବେଷଣାରେ ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯାଉ । ଆଗାମୀ ୨୫ ବର୍ଷରେ ବିକଶିତ ଭାରତର ଲକ୍ଷ୍ୟ ନେଇ ଆମେ ଅଗ୍ରସର ହେଉଥିବା ବେଳେ ଏବେ ଦେଶ ରୋଜଗାର ଅନ୍ୱେଷଣରେ ନ ରହି ନିଯୁକ୍ତିଦାତା ହେବା ପଥରେ ଆଗକୁ ବଢୁଛି । ଆମେ ପୂର୍ବରୁ ଅନ୍ୟ ଦେଶର ମୋବାଇଲ ଅପରେଟିଂ ସିଷ୍ଟମ ଉପରେ ନିର୍ଭରଶୀଳ ଥିଲୁ । ମାତ୍ର କିଛି ଦିନ ପୂର୍ବେ ଆଇଆଇଟି ମାଡ୍ରାସ ଭାରତ ଅପରେଟିଂ ସିଷ୍ଟମ ବିକଶିତ କରିଛି । ଜାତୀୟ ଶିକ୍ଷା ନୀତି ୨୦୨୦ରେ ୩୬୦ ଡିଗ୍ରୀରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଅଣାଯାଉଛି । ନୂଆ ଆଇଡିଆ, ନୂଆ ପଦ୍ଧତି ଉପରେ ପରାମର୍ଶ ଲୋଡାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# କୀଟପତଙ୍ଗ, ହାତୀ ଓ ବାର୍ହାଙ୍କ ଉପଦ୍ରବଠାରୁ ମିଲର ଏବଂ ଯୋଗାଣ ବିଭାଗର ଦୌରାମ୍ୟ ବଳିଗଲା : କୃଷକମୋର୍ଚ୍ଚା

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ଜାତୀୟ ପରିସଂଖ୍ୟାନ (ଏନଏସଓ)ର ସଦ୍ୟତମ ରିପୋର୍ଟ ଅନୁଯାୟୀ ଓଡ଼ିଶାର କୃଷକମାନଙ୍କ ଆୟ ଦେଶରେ ତଳଆଡୁ ଦ୍ୱିତୀୟ। ଏକଥାକୁ ଅନୁଶୀଳନ କରାଗଲେ ଜଣାଯାଏ ଯେ, ଓଡ଼ିଶା ସରକାର କୃଷି ଏବଂ କୃଷକର ଉନ୍ନତି ପାଇଁ ସେପରି କିଛି ଠୋସ ପଦକ୍ଷେପ ନେଇନାହାନ୍ତି। ଆଜି ବି ଓଡ଼ିଶାରେ ଧାନମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବେହାଲ୍। ପରିସ୍ଥିତି ଏପରି ହୋଇଛି ଯେ, ଧାନକୁ ମିଲ୍‌ରେ ପେସି ଚାଉଳ ତିଆରି କରି ସରକାରଙ୍କୁ ଦେବା ବ୍ୟକ୍ତି (ମିଲର) ହାତରେ ମଣ୍ଡିର ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜିଲ୍ଲାପାଳମାନେ ନାଚାର ଏବଂ ଉପାୟଶୂନ୍ୟ। ମିଲ୍‌ମାଲିକ ଏବଂ ଯୋଗାଣ ବିଭାଗ ମଧୁଚନ୍ଦ୍ରିକା ଏବଂ ରାଜ୍ୟର କିଛି ନ୍ୟସ୍ତ ସ୍ୱାର୍ଥ ଅଧିକାରୀଙ୍କର ବୃହତର ସ୍ୱାର୍ଥସାଧନ ନିକଟରେ ବନ୍ଧା ପଡିଛି ଓଡ଼ିଶାର ଧାନମଣ୍ଡି। ତୁଣ୍ଡ ଝାଳ ମୁଣ୍ଡରେ ମାରି ଓଡ଼ିଶାର ଚାଷୀକୁଳ କୀଟପତଙ୍ଗ ବା ବାର୍ହା ଓ ହାତୀଙ୍କ ଉପଦ୍ରବ୍ୟରୁ ନିଜର ଫସଲ ରକ୍ଷା କରି ଧାନମଣ୍ଡିକୁ ବିକ୍ରୟ କରିବାକୁ ଆସି ମଣ୍ଡିରେ ଫସି ରହିଛି। ମିଲରର୍ସଙ୍କ ମନମାନୀ ଏବଂ ଟାଳଟୁଳନୀତି ଯୋଗୁଁ ଧାନ କ୍ୱିଂଟାଲ ପ୍ରତି ୫କିଗ୍ରା ରୁ ୧୦କିଗ୍ରା କଟନୀ ଛଟନୀର ଶିକାର ହେଉଛି ଚାଷୀ। ଏଠାରେ କୀଟପତଙ୍ଗ ବାର୍ହା ଓ ହାତୀଙ୍କ ଉପଦ୍ରବ୍ୟଠାରୁ ମିଲର ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କ ଦୌରାମ୍ୟ ସବୁଠାରୁ ବଳି ଯାଇଛି ବୋଲି ବିଜେପି କୃଷକମୋର୍ଚ୍ଚା ଅଭିଯୋଗ କରିଛି।

କୃଷକମୋର୍ଚ୍ଚାର ରାଜ୍ୟ ଉପସଭାପତି ଶ୍ରୀ ଶ୍ରୀରଞ୍ଜନ ମଙ୍ଗରାଜ ଏକ ପ୍ରେସ ବାର୍ତାରେ କହିଛନ୍ତି ଯେ, କେନ୍ଦ୍ର ସରକାର ପ୍ରତିବର୍ଷ ଉତ୍ପାଦନ ମୂଲ୍ୟର ଦେଢ଼ଗୁଣା ଏମ୍‌ଏସପି ବୃଦ୍ଧି କରୁଛନ୍ତି। ୨୦୧୪ମସିହାରୁ କେନ୍ଦ୍ରରେ ମୋଦୀ ସରକାର ଦାୟିତ୍ୱ ନେବାଠାରୁ ୧୩୬୦ଟଙ୍କାରୁ ଏମଏସପି ବୃଦ୍ଧି ୨୦୪୦ଟଙ୍କାରେ ପଂହଚିଛି। ମାତ୍ର ରାଜ୍ୟ ସରକାରଙ୍କର ଅତ୍ୟଧିକ ମିଲର୍ସପ୍ରୀତି କାରଣରୁ ଚାଷୀକୁ ମଧ ସେତିକି ପ୍ରାପ୍ୟ ଠିକରେ ମିଳିପାରୁ ନାହିଁ। ରାଜ୍ୟରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଡିଏଲପିସି ମିଟିଂ ବସିପାରୁ ନାହିଁ। ଟୋକନ ଏବଂ ମିଲର ଆବଟଂନ ପ୍ରସଙ୍ଗ ଯାହା ଜିଲ୍ଲାପାଳଙ୍କ କ୍ଷମତା ପରିସରଭୁକ୍ତ ଥିଲା, ଆଜି ରାଜ୍ୟ ସରକାର ନିଜର ବୃହତର ସ୍ୱାର୍ଥସାଧନ ପାଇଁ ସେହି ବ୍ୟବସ୍ଥାକୁ ଜିଲ୍ଲାପାଳଙ୍କ ହାତରୁ କାଢ଼ିନେଇ ରାଜ୍ୟ ଯୋଗାଣସଚିବଙ୍କ ହାତରେ ରଖିଛନ୍ତି। ଯଦ୍ୱାରା ଏହାର ସ୍ୱଚ୍ଛତା ରହୁନାହିଁ ଏବଂ ଚାଷୀ ନ୍ୟାୟ ପାଇଁ ରାଜ୍ୟ ରାଜଧାନୀକୁ ଦୌଡି ପାରୁନାହିଁ। ଏପରି ବ୍ୟବସ୍ଥାରେ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ଚାଷୀର ତାଲିକା ମଣ୍ଡି କାନ୍ଥରେ ସାର୍ବଜନୀନ କରାଯାଉନାହିଁ। ମଣ୍ଡିରେ ପ୍ରିୟାପ୍ରତୀ କାରଣୁ ଚାଷୀ ଠିକଣା ସମୟରେ ଧାନ ବିକ୍ରି କରିପାରୁ ନାହିଁ ଫଳରେ ତାର ଟୋକନ ରଦ୍ଦ ହେଉଛି ବୋଲି ଶ୍ରୀ ମଙ୍ଗରାଜ ଜଣାଇଛନ୍ତି।

ମଣ୍ଡି ବିଳମ୍ବରେ ଖୋଲୁଥିବାରୁ ଅନେକ କ୍ଷୁଦ୍ର ଚାଷୀ ନିଜର ଆବଶ୍ୟକତା ମେଂଟାଇବା ପାଇଁ ଦଲାଲ ଏବଂ ବାହାର ବେପାରୀଙ୍କୁ ୧୨ଶହ ଟଙ୍କାରୁ ୧୪ଶହ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ମିଲର ଚାଷୀଙ୍କୁ ଅଖା ଦେଉନାହିଁ, ଚାଷୀର ପରିବହନ ଅର୍ଥ ଏବଂ ପାରିଶ୍ରମିକ ଅର୍ଥ ଦେବା ପରିବର୍ତେ ଚାଷୀଙ୍କୁ ଅଧିକନ୍ତୁ ଖର୍ଚ୍ଚାନ୍ତ କରାଇ ନିଜର ମିଲ୍ ପର୍ଯ୍ୟନ୍ତ ଧାନ ଆଣିବା ପାଇଁ ବାଧ କରୁଛନ୍ତି । ଏଫଏକ୍ୟୁ ମାନର ଧାନ ମାପିବା ପାଇଁ ମଣ୍ଡିକୁ ସରକାର ଯନ୍ତ୍ରପାତି ଯୋଗାଇ ଦେଉଥିବାବେଳେ, ଉପଯୁକ୍ତ ବୈଷୟିକ ତାଲିମପ୍ରାପ୍ତ ଅଧିକାରୀ ନଥିବାରୁ ଧାନର ମାନ ନିର୍ଣ୍ଣୟ କରାଯାଇପାରୁ ନାହିଁ। ଯାହାଫଳରେ ଆଳ ଦେଖାଇ କଟନି ଛଟନି ବାଧତାମୂଳକ କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବିଶ୍ୱକପ୍ ହକି ଆୟୋଜନ କରି ବାହା ବାଃ ନେବାରେ ବ୍ୟସ୍ତ ଥିବାବେଳେ ହଜାର ହଜାର ଚାଷୀ ସେମାନଙ୍କର ଧାନବସ୍ତାକୁ ରାଜରାସ୍ତାରେ ରଖି ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ତାଙ୍କ ଦୁଃଖ ବୁଝିବା ପରିବର୍ତେ ପୋଲିସ ଲଗାଇ ସେମାନଙ୍କୁ ହଟାଇବାର ବ୍ୟବସ୍ଥା କରୁଛନ୍ତି। ଏହା ଓଡ଼ିଶା ସରକାରଙ୍କର ଅପାରଗତା ଏବଂ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବିଜେପି କୃଷକମୋର୍ଚ୍ଚା କହିଛି।

ଏଠାରେ ପ୍ରକାଶଥାଉ କି, ମିଲରର ଦାଦାଗିରି ଏବଂ ମଣ୍ଡିରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ଗତ ସପ୍ତାହରେ ବିଜେପି କୃଷକମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ ଭିଜିଲାନ୍ସ ଡିଜିଙ୍କୁ ଭେଟି ମିଲର୍ସର ମିଲ୍, ଧାନ ଗାଡି ଏବଂ ମଣ୍ଡିକୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛି। ରାଜ୍ୟ ସରକାର ତୁରନ୍ତ ଧାନମଣ୍ଡି ବ୍ୟବସ୍ଥାର ସୁଧାର ଆଣି ମିଲର୍ସଙ୍କ କବଜାରୁ ମଣ୍ଡିକୁ ମୁକ୍ତ କରିବା ସହ ସମସ୍ତ ଚାଷୀଙ୍କର ସବୁଧାନକୁ କେନ୍ଦ୍ର ସରକାର ଦେଉଥିବା ଏମଏସପି(୨୦୪୦) ଦରରେ କିଣିବା ପାଇଁ କୃଷକମୋର୍ଚ୍ଚା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛି। ଯଦି ଏହି ବ୍ୟବସ୍ଥାର ସୁଧାର ନଆସେ ତେବେ କୃଷକମୋର୍ଚ୍ଚା ତରଫରୁ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହାତକୁ ନିଆଯିବ ବୋଲି ଶ୍ରୀ ମଙ୍ଗରାଜ ଜଣାଇଛନ୍ତି।

# ଚନ୍ଦ୍ରଭାଗା ମେଳା ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ

ପୁରୀ, ୨୧/୦୧ (ନି.ପ୍ର): ରଥଯାତ୍ରା ପରେ ଚନ୍ଦ୍ରଭାଗା ମେଳା ପୁରୀ ଜିଲ୍ଲାର ଏକ ବିପୁଳ ଜନସମାଗମ ହେଉଥିବା ଆଧାତ୍ମିକ ବୁଡ କାର୍ଯ୍ୟକ୍ରମ। ଏହାକୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମା ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରଭାଗା ମେଳାକୁ ଶୃଙ୍ଖଳିତ ପରିଚାଳନା ପାଇଁ ଦ୍ୱିତୀୟ ସମନ୍ୱୟ କମିଟି ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଶ୍ରୀ ବର୍ମା ଅଧକ୍ଷତା କରି ଠାକୁରଙ୍କ କାର୍ଯ୍ୟକୁ ଅତି ସୁନ୍ଦର ଭାବେ ଆୟୋଜନ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ବିସ୍ତୃତ ସୂଚନା ଦେଇ ପୂର୍ବ ପ୍ରସ୍ତୁତି ବୈଠକ ଓ ନୀତିକାନ୍ତି ବୈଠକ ର ନିର୍ଯ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ।ଚଳିତ ମାସ ୨୭ ଓ ୨୮ତାରିଖରେ ୩ ଠାକୁରଙ୍କୁ ନେଇ ଚନ୍ଦ୍ରଭାଗା ରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ। ୨୭ ତାରିଖ ରାତ୍ର ୮.୧୦ରୁ ରାତ୍ର ୧୦.୪୦ ମଧ୍ୟରେ ତିନି ଠାକୁରଙ୍କ ବିମାନ ବିଜେ, ୧୧.୩୦ ରୁ ରାତ୍ର ୧୨ଟା ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ପରିସରରେ ଠାକୁରଙ୍କ ପୂଜା ଓ ଭୋଗ ଲାଗି ଅନୁଷ୍ଠିତ ହେବ। ରାତ୍ର ୧.୧୬ ରୁ ଠାକୁରଙ୍କ ପୂଜାର୍ଚ୍ଚନା ଓ ରାତ୍ର ୪.୪୧ରୁ ୬.୨୪ ମଧ୍ୟରେ ଠାକୁର ମାନଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁ ମାନଙ୍କୁ ଚନ୍ଦ୍ରଭାଗା ପୁଷ୍କରିଣୀ ରେ ବୁଡ ପକାଇବାର ସୁଯୋଗ ମିଳିବ। ଠାକୁର ମାନଙ୍କ ନୀତିରେ ଯେପରି ବିଳମ୍ବ ନ ହୁଏ ସେଥିପାଇଁ ପୂଜକ ଓ ସେବାୟତ ମାନେ ସହଯୋଗ କରିବାକୁ ଅନୁରୋଧ କରାଗଲା। ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା,ପରିବହନ, ରାସ୍ତା ଘାଟ ମରାମତି, ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ,ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାନୀୟ ଜଳ ବ୍ୟବସ୍ଥା, ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥାକୁ ସୁନିୟନ୍ତିତ କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଏସ ପି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଉପଜିଲ୍ଲାପାଳ ଭବତାରଣ ସାହୁ, କୋଣାର୍କ ଏନ ଏ ସି ଅଧକ୍ଷ ସଞ୍ଜୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସେକ ସଗିର, ଡେପୁଟି କଲେକ୍ଟର ଶ୍ରୀ ରାକେଶ ପଣ୍ଡା,ସନ୍ଥ ସମିତି ର ଶରତ ଜୟସିଂ, ତିନି ଠାକୁରଙ୍କ ସେବାୟତ, ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ।

# ସିନାପାଲିରେ ୨୫୧ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଆରମ୍ଭ: ପ୍ରତ୍ୟହ ପଚାଶ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ

ବଲାଙ୍ଗିର/ସିନାପାଲି, ୨୧/୦୧ (ନି.ପ୍ର): ସିନାପାଲି ଗାୟତ୍ରୀ ଶକ୍ତିପୀଠର ଆନୁକୂଲ୍ୟରେ ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ବିରାଟ କଳସ ଶୋଭାଯାତ୍ରା ମାଧ୍ୟମରେ ଭବ୍ୟ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଗୁରୁବାର ଶୁଭ ଉଦଘାଟନ ହୋଇଯାଇଛି । ଏହି ଶୋଭାଯାତ୍ରାରେ ଏକାବନ ଶହ ମହିଳା ପୂର୍ଣ୍ଣ କଳସ, ଏକୋଇଶ ଶହ ପୁରୁଷ ସତ୍ ସାହିତ୍ୟ ଧାରଣ କରିଥିଲେ । ଯଜ୍ଞର ମୁଖ୍ୟ ଯଜମାନ ଗଜାନନ ଅଗ୍ରୱାଲ ଓ ସୁନୀତା ଅଗ୍ରୱାଲ ମୁଖ୍ୟ କଳସ ଏବଂ ସିନାପାଲି ଶକ୍ତିପୀଠର ସଭାପତି ଶଶିଭୂଷଣ ମାଝୀ ଓ ତାଙ୍କ ଧର୍ମପତ୍ନୀ କାଂଚନ ମାଝୀ ଶକ୍ତି କଳସ ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ଘଂଟ, ସଂକୀର୍ତନ, ଘୁମୁରା ଆଦି ପାରମ୍ପରିକ ସାଂସ୍କୃତିକ ଦଳ ସହ ବିଭିନ୍ନ ଅନୁଷ୍ଠାନର ପ୍ରଦର୍ଶନୀ ମେଢ଼ ସାମିଲ ହୋଇଥିଲେ । ସକାଳୁ ସମସ୍ତେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଏକତ୍ରିତ ହେବା ପରେ ସେଠାରୁ ଉଦନ୍ତୀ ନଦୀକୁ ଯାଇ ଅଭିମନ୍ତ୍ରିତ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରା ମାଧ୍ୟମରେ ସିନାପାଲି ନଗର ପରିକ୍ରମା କଲା ପରେ ଯଜ୍ଞସ୍ଥଳରେ ପହଂଚିଥିଲେ । ଏହାପରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରଜ୍ଞା ପୁରୁଷ ପ୍ରଫେସର ପ୍ରମୋଦ ଭଟ୍ଟନାଗର, ବେଦ ଗବେଷକ ଗାୟତ୍ରୀ କିଶୋର ତ୍ରିବେଦୀ, ଡକ୍ଟର ଜିତେନ୍ଦ୍ର ମିଶ୍ର, ଓଡ଼ିଶା ପ୍ରଭାରି ଶେଷଦେବ ବଡ଼େଇ, ଉପପ୍ରଭାରି ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ମହାଯଜ୍ଞର ଶୁଭ ଉଦଘାଟନ କରାଯାଇଥିଲା । ଏହା ପରେ ସାମୁହିକ ଅନ୍ନ ଭୋଜନ କରାଯାଇଥିଲା । ସଂଧ୍ୟାରେ ଶାନ୍ତିକୁଞ୍ଜରୁ ଆସିଥିବା ଆର୍ନ୍ତଜାତୀୟ ଟୋଲି ଦ୍ୱାରା ଯୁଗ ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଅଂଚଳରୁ ଆସିଥିବା ପ୍ରାୟ ପଚାଶ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ଏବଂ ମହାମାରୀ କରୋନା ପରେ ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ଐତିହାସିକ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଗୁରୁବାର ଠାରୁ ଆସନ୍ତା ରବିବାର ଯାଏଁ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏନେଇ କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏହି ମହାଯଜ୍ଞରେ ମୋଟ ୭୫୩ ଜଣ ଦମ୍ପତି କର୍ତା ଦାୟିତ୍ୱରେ ରହିଥିବା ବେଳେ ପ୍ରତ୍ୟହ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଆହୁତି ଦେବେ ବୋଲି ଯଜ୍ଞ କମିଟି ତରଫରୁ ଆକଳନ କରାଯାଇଛି ।

କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳରୁ ଆସିଥିବା ଗାୟତ୍ରୀ ପରିଜନ ଏବଂ ସ୍ଥାନୀୟ ଶକ୍ତିପୀଠର ଭାଇଭଉଣୀ ଓ ସିନାପାଲି ଅଂଚଳର ବିଭିନ୍ନ ଅନୁଷ୍ଠାନ, ସଂଘ, କ୍ଲବର ହଜାର ହଜାର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ବ୍ୟାପକତାକୁ ଦେଖି ପୁଲିସ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ବଲାଙ୍ଗିର ଜିଲ୍ଲାରେ ଗାଈ ମାନଙ୍କଠାରେ ଲାମ୍ପି ରୋଗ ବ୍ୟାପିଛି : ବିପଦରେ ଗୋବଂଶ

ବଲାଙ୍ଗିର, ୨୧/୦୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଏବେ ଭୁତାଣୁଜନିତ ସଂକ୍ରମିତ ଚର୍ମ ରୋଗ ଲାମ୍ପି ଚାରିଆଡ଼େ ଆତଙ୍କ ଖେଳାଇଦେଇଛି । ଏହି ରୋଗରେ ଆକ୍ରାନ୍ତ ହୋଇ ଗାଈ ଗୋରୁ ମାନେ ମୃତ୍ୟୁ ମୁଖରେ ପଡିଛନ୍ତି । ଅବଶ୍ୟ ଏ ସମ୍ପର୍କରେ ପ୍ରାଣିଧନ ଚିକିତ୍ସା ବିଭାଗକୁ କୌଣସି ଖୋଜଖବର ନାହିଁ । ଏ ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିବାକୁ ଯାଉଥିବା ବେଳେ ଲୋକଙ୍କୁ ଆମ ପାଖରେ କିଛି ଖବର ନାହିଁ, ଏଭଳି ଉତର ଦେଇଥିଲେ ଜିଲ୍ଲା ମୁଖ୍ୟ ପ୍ରାଣିଧନ ଚିକିତ୍ସକ। ବଲାଙ୍ଗିର ଜିଲ୍ଲାରେ ଗାଈ ମାନଙ୍କ ଠାରେ ଲାମ୍ପି ରୋଗ ବ୍ୟାପିଛି । ଏହି ରୋଗରେ ପୀଡିତ ହୋଇ ବଲାଙ୍ଗିର ସହର ଉପକଣ୍ଠ ବିଯାଖମନ ଗ୍ରାମରେ ଗତ ଏକ ସପ୍ତାହ ମଧ୍ୟରେ ୧୧ ଟି ଗାଈ ପ୍ରାଣ ହରାଇଥିବା ନେଇ ସାଙ୍ଘାତିକ ଅଭିଯୋଗ ଆସିଛି । ସମୟ ପୂର୍ବରୁ ଟୀକାକରଣ ନହେବା ଓ ସଚେତନତାର ଅଭାବ ଯୋଗୁଁ ଜିଲ୍ଲାରେ ଏଭଳି ପରିସ୍ଥିତି ଉପୁଜିଥିବା ନେଇ ପଶୁପ୍ରେମୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଲାମ୍ପି ରୋଗ ଜୀବାଣୁ ନିହିତ ରୋଗ ଅଟେ । ମଶା, ମାଛି ଦ୍ୱାରା ଏହି ରୋଗ ବ୍ୟାପିଥାଏ । ଏହି ରୋଗ ହେଲେ ଗାଈ ମାନଙ୍କ ଶରୀରରେ ଚକଡ଼ା ହୁଏ । ତାଙ୍କର ପାକୁଳି କରିବା ବନ୍ଦ ହେବା ସହ ଆଖିରୁ ପାଣି ଝରେ । ଲାମ୍ପି ରୋଗରେ ପୀଡିତ ଗାଈର ଖାଦ୍ୟ ଗ୍ରହଣ କ୍ଷମତା କମି ଯାଏ । ଫଳରେ ଅତ୍ୟଧିକ ଜ୍ୱର, ଦୁର୍ବଳତା, ଦୁଗ୍ଧ ଉତ୍ପାଦନ ହ୍ରାସ ଓ ଗର୍ଭପାତ ଭଳି ସମସ୍ୟା ଉତ୍ପନ୍ନ ହୁଏ । ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଗଲେ ଗାଈ ମାନେ ମୃତ୍ୟୁ ମୁଖରେ ପଡିଥାନ୍ତି । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଏଭଳି ଅବହେଳା ଯୋଗୁଁ ବଲାଙ୍ଗିର ଜିଲ୍ଲାରେ ଏବେ ସେହି ସମସ୍ୟା ସୃଷ୍ଟି ହୋଇଛି । ଭ୍ରାମ୍ୟମାଣ ପ୍ରାଣୀ ସମ୍ପଦ ବିକାଶ ଗାଡ଼ି ଜିଲ୍ଲାରେ କୁଆଡେ ବୁଲିଛି ତାର ଠିକଣା ନାହିଁ । ଲମ୍ପୀ ରୋଗ ଏକ ସଂକ୍ରମଣ ରୋଗ ହୋଇଥିବାରୁ ଏହାକୁ ନେଇ ଯେଉଁଭଳି ସଚେତନତା ସୃଷ୍ଟି କରାଯିବ କଥା ତାହା କରାଯାଉନାହିଁ । ଯାହା ଫଳରେ ଗୋପାଳନ ଚାଷୀ ମାନେ ଏବେ ଦୁଗ୍ଧ ବ୍ୟବସାୟରେ କ୍ଷତି ସହୁଥିବା ପ୍ରକାଶ କରିଛନ୍ତି। ତେବେ ଯଥା ଶୀଘ୍ର ଏହି ରୋଗର ନିରାକରଣ ପାଇଁ ଏକ ଚିକିତ୍ସକ ଟିମ ଗଠନ କରି ଗାଁ ମାନଙ୍କରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଯାଉ ଓ ଲାମ୍ପି ରୋଗର ନିରାକରଣ ପାଇଁ ସଚେତନତା ସୃଷ୍ଟି କରାଯାଉ ବୋଲି ପଶୁ ପ୍ରେମୀ ମହଲରେ ଦାବି ଉଠିଛି । ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି ଯେ, ଭୁତାଣୁଜନିତ ଏହି ରୋଗର ଉପଶମ ପାଇଁ ଗତ ତିନିଦିନ ହେବ ଟୀକାକରଣ କରାଯାଉଛି। ଆମ ପାଖରେ ୧ ଲକ୍ଷ ୭୨ ହଜାର ଭାକସିନ୍ ଥିଲାବେଳେ ଆହୁରି ୭୦ ହଜାର ଆସୁଛି। ଆମର ୧୪ ଗୋଟି ବ୍ଲକ ଅଂଚଳରେ ୧୪ଟି ଭ୍ରାମ୍ୟମାଣ ଦଳ କାମ କରୁଛନ୍ତି। ବିଜାଖମନରେ ୧୦୦ ଗୋ ଧନ ଅଛନ୍ତି ସେଠାକୁ ଚିକିତ୍ସା ଦଳ ଯାଇଥିବା ସେ କହିଛନ୍ତି।

# ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଗଞ୍ଜାମ, ୨୧/୦୧ (ନି.ପ୍ର): ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଛି। ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଏହି କ୍ରମରେ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆଜି ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ୍ ଙ୍କୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଣ୍ଡି ସମସ୍ୟାର ସମାଧାନ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାରେ ମଣ୍ଡି ଖୋଲିବାର ମାସେ ବିତି ଯାଇଥିଲେ ମଧ ଏଯାଏଁ ଅର୍ଦ୍ଧାଧିକ ଚାଷୀଙ୍କ ଧାନ କିଣାଯାଇନାହିଁ । କିଛି ଚାଷୀଙ୍କ ଟୋକନ୍ ଅବଧି ସରିବାକୁ ବସିଲାଣି। ଡ଼ିଲର ମାନେ କଟନୀ ଛଟନୀ ନୀତି ଆପଣେଇ ଚାଷୀଙ୍କ ଠାରୁ କ୍ୱିଂଟାଲ ପିଛା ୮ରୁ ୯ କେଜି ଅଧିକ ଧାନ ନେଉଛନ୍ତି । ସେହିପରି ଅଖାର ପ୍ରାପ୍ୟ ମିଳୁନାହିଁ । ଟୋକନ୍ ଅବଧି ବୃଦ୍ଧି ସହ ସମସ୍ତ ଚାଷୀଙ୍କ ଧାନ କିଣିବା ଦିଗରେ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ନଚେତ୍ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଏହି ଦାବି ପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂଯୋଜକ ସଦସ୍ୟ ରମେଶ କରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଦଲାଲଙ୍କ କବଜାରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟ

ସାଲେପୁର, ୨୧/୦୧ (ନି.ପ୍ର): କର୍ମଚାରୀ ନୁହଁନ୍ତି ହେଲେ କର୍ମଚାରୀଙ୍କ ଭଳି କାର୍ଯ୍ୟ କରୁଛନ୍ତି ଦଲାଲ । ଯାହାଫଳରେ ରାଜ୍ୟ ସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଯାହାକି ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ଚାଲିଥିବା ଅଭିଯୋଗ ହେଉଛି । କେବଳ ତହସିଲ କାର୍ଯ୍ୟାଳୟ ନୁହେଁ କେତେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଧ ଦଲାଲଙ୍କ କବ୍ଜାରେ ରହିଛି । ଏହି ଦଲାଲମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର କର୍ମଚାରୀ ନୁହଁନ୍ତି । ହେଲେ ଏମାନଙ୍କ ନିକଟରେ କାର୍ଯ୍ୟାଳୟର ଚାବି ରହିଥିଲା ବେଳେ କର୍ମଚାରୀଙ୍କ ପରି ଏମାନେ ରେକର୍ଡପତ୍ର କାମ କରିଥାଆନ୍ତି। ରାଜସ୍ୱ ନିରୀକ୍ଷକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଏମାନେ ମଧ୍ୟସ୍ଥି ସାଜି କାମ କରନ୍ତି । ଇଟାଭାଟି ପୋଡା ହେଉ କିମ୍ବା ବିଲରୁ ମାଟି ଉଠୁ, ସରକାରୀ ଜମାରୁ ଗଛ କଟାଯାଉ ଏପରିକି ରେକର୍ଡପତ୍ରର ସଂଶୋଧନ କାର୍ଯ୍ୟରେ ବି ଦଲାଲମାନେ ସହଯୋଗ କରିଥାଆନ୍ତି । ଆର.ଆଇ. କାର୍ଯ୍ୟାଳୟ ନାମକୁ ମାତ୍ର ରସିଦ୍ କାଟନ୍ତି ହେଲେ ବେଧଡକ ଭାବେ ଚାଲେ ବେଆଇନ କାର୍ଯ୍ୟ । ଯାହାଫଳରେ ସରକାର ରାଜସ୍ୱ ହରାଇଥାଆନ୍ତି । କୁଆଁପାଳ, ସିନ୍ଧୁପୁର ଓ କୋଳିଅଠା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ ଦଲାଲଙ୍କ ଦବ୍ ଦବା ରହିଛି । କୋଳିଅଠା ଅଂଚଳରେ ବ୍ୟାପକ ଇଟାଭାଟି ପୋଡା ଯାଉଥିବା ଏବେ ସାଧାରଣରେ ଅଭିଯୋଗ ହେଉଛି। ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ବି ଦଲାଲମାନେ ସକ୍ରିୟ ରହିଛନ୍ତି । କେତେକ କର୍ମଚାରୀଙ୍କ ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ସାଧାରଣରେ ହେଉଛି । ବିନା ହାତଗୁଞ୍ଜାରେ କିଛି କାର୍ଯ୍ୟ ହେଉନଥିବା ଚର୍ଚ୍ଚା ହେଉଛି। ଅପରପଟେ ରାଜ୍ୟ ସରକାରଙ୍କର ଫାଇଭ-ଟି କେବଳ ଧୂଆଁବାଣ ବୋଲି ଲୋକେ ଏବେ ଭାବିଲେଣି

# ଆଦିବାସୀ ଭେଟ ଘାଟ ଅନୁଷ୍ଠିତ

ଜୟପୁର, ୨୧/୦୧ (ନି.ପ୍ର): ଜୟପୁର ବ୍ଲକ ରଣ୍ଡାପାଲ୍ଲି ଠାରେ ଆଦିବାସୀ ଭେଟ ଘାଟ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବୈଠକରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମୁଖ୍ଯ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀ ସେଲର ତ୍ରିନାଥ ମୁଦୁଲିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକ ଅଧକ୍ଷ ତିଳୋତମା ମୁଦୁଲି, ଉପାଧକ୍ଷ ଗଣେଷ ପାଢୀ, ପୂର୍ବତନ ବ୍ଲକ ଉପାଧକ୍ଷ ଇଶ୍ୱର ବାଘ, କେସିସି ବ୍ୟାଙ୍କର ପୂର୍ବତନ ସଭାପତି ଇନ୍ଦିରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜୟପୁର ବ୍ଲକ ପାଇଁ ଆଦିବାସୀ ପରିଷଦ ଗଠନ କରାଯାଇ ଆଦିବାସି ସେଲ ର ବ୍ଲକ ସଭାପତି ଭାବେ ତ୍ରିନାଥ ମୁଦୁଲିଙ୍କୁ ଚୟନ କରାଯାଇଛି ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସାକ୍ଷୀଗୋପାଳ, ୨୧/୦୧ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ଶିବିର ଆଜି ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମଟି ପ୍ରଭୁ ଜଗନ୍ନାଥ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ତଥା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆରମ୍ଭ ହୋଇଥିଲା। ଏହି ସଭାରେ ଅନୁଷ୍ଠାନର ଅଧକ୍ଷ ଡ଼ଃ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରି ନିଜ ବକ୍ତବ୍ୟରେ ‘ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ନାରୀ ଜାତିକୁ ପୁରୁଷମାନଙ୍କ ସମକକ୍ଷ କରିବାରେ ସହାୟତା ହେବ’ ବୋଲି ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଓଡ଼ିଆ ଭାଷା ସାହିତ୍ୟର ପ୍ରାଧ୍ୟାପକ ପ୍ର.ନଳିନୀ ଲୋଚନ ଦାଶ ‘ଏହି ଶିକ୍ଷା ଦ୍ୱାରା ଛାତ୍ରୀମାନେ ନିଶ୍ଚିତ ଭାବରେ ନିଜର ଆତ୍ମରକ୍ଷା କରିପାରିବେ’ ବୋଲି ନିଜର ଅଭିଭାଷଣରେ କହିଥିଲେ। ସେହିପରି ସଂସ୍କୃତ ବିଭାଗର ମୁଖ୍ୟା ତଥା ଏକାଡେମିକ ବର୍ଷ ର ପ୍ର. ସୁଜାତା ମହାପାତ୍ର ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ ସୂଚନା ଦେଇଥିବା ବେଳେ ବିଦ୍ୟାଳୟର ମୁଖ୍ୟ କିରାଣୀ ରାଜକିଶୋର ପତି ନାରୀର ସୁରକ୍ଷା ହେଲେ ସମାଜର ପ୍ରକୃତ ଉପକାର ହୋଇପାରିବ ବୋଲି କହିଥିଲେ।

# ପୋଲିସ ଅଧିକାରୀ କରୁଥିଲେ ଗଞ୍ଜେଇ ବେପାର : ଧରାପଡ଼ିବା ପରେ ନିଲମ୍ବିତ

ବୌଦ୍ଧ, ୨୧/୦୧ (ନି.ପ୍ର): ପୋଲିସ ବରଦିରେ ଲାଗିଲା କଳା ଛିଟା। ପୋଲିସ ଅଧିକାରୀ କରୁଥିଲେ ଗଞ୍ଜେଇ ବେପାର। ପୋଲିସ ଅଧିକାରୀଙ୍କ ବାସଭବନରୁ ଜବତ ହେଲା ଗଞ୍ଜେଇ। ଗଞ୍ଜେଇ କାରବାରରେ ସମ୍ପୃକ୍ତି ନେଇ ଧରାପଡ଼ିବା ପରେ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ନିଲମ୍ବିତ ହେଲେ ପୋଲିସ ଅଧିକାରୀ। ବୌଦ୍ଧ ଗଞ୍ଜେଇ କାରବାର ସମ୍ପୃକ୍ତିରେ ବଘିଆପଡା ଫାଣ୍ଡି ଅଧିକାରୀ ସମେତ ୨ କନେଷ୍ଟବଳ ନିଲମ୍ବିତ । ନିଲମ୍ବନ କଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନା । ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ, କନେଷ୍ଟବଳ ସଂଜୀବ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି । ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ ଗତ ୧୬ ତାରିଖରେ ଜଣେ ଗଞ୍ଜେଇ ବେପାରି ଠାରୁ ଏକ ବାଇକ ସହ ୧୬ କିଲୋ ଗଂଜେଇ ଧରିଥିଲେ । ଅଭିଯୁକ୍ତକୁ ଛାଡିବା ସହ ଗଂଜେଇ ନିଜ ସରକାରୀ କ୍ୱାର୍ଟରରେ ରଖିଥିଲେ । ଅଭିଯୋଗ କ୍ରମେ ଏସପି ଘଟଣାର ତଦନ୍ତ କରିଥିବା ବେଳେ ତାଙ୍କ ସରକାରୀ ବାସଭବନରୁ ଗଞ୍ଜେଇ ସହିତ ବାଇକ୍ ମଧ ଜବତ ହୋଇଥିଲା । ତେବେ ଏହି ବେପାରରେ ପୋଲିସ୍ ନିଜେ ଡ଼ିଲ କରି ଗଞ୍ଜେଇ ବେପାରୀଙ୍କ ସହିତ ମିଶିଥିବରୁ ଫାଣ୍ଡି ଅଧିକାରୀ ସନାତନ ପ୍ରଧାନଙ୍କ ସମେତ ଦୁଇ ଜଣ କନେଷ୍ଟବଳ ମଧ ସଂପୃକ୍ତି ଥିବାରୁ ସମସ୍ତଙ୍କୁ ଆରକ୍ଷୀ ଅଧିକ୍ଷକ ନିଲମ୍ବନ କରିଛନ୍ତି । ତେବେ ପୂର୍ବରୁ ମଧ ସେହି ଫାଣ୍ଡିରେ ଏଭଳି ଅଭିଯୋଗ ଆସିଥିବା ବେଳେ ପୂର୍ବରୁ ମଧ ଜଣେ ଫାଣ୍ଡି ଅଧିକାରୀଙ୍କୁ ବଦଳି କରାଯାଇଥିଲା । ସୂଚନା ଅନୁଯାୟୀ, ଗତ ୧୬ ତାରିଖ ଦିନ ବଘିଆପଡା ଫାଣ୍ଡି ଅଂଚଳ ବେରେଡାବେରି ଛକ ନିକଟରୁ ଜଣେ ଯୁବକ ଗଞ୍ଜେଇ ନେଇ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଫାଣ୍ଡି ଅଧିକାରୀ ବାଇକ୍ ଟିଙ୍କୁ ଅଟକାଇଥଲେ । ସେଥିରେ ଗଞ୍ଜେଇ ଥିବା ଦେଖି ତାଙ୍କୁ ଫାଣ୍ଡିକୁ ନେଇ ଆସିଥିଲେ ହେଲେ ସେଠାରେ ଗଞ୍ଜେଇ ବେପାରୀଙ୍କ ସହ ଡିଲ କରି ବେପାରୀ ଜଣକୁ ଛାଡି ଦେଇଥିବା ବେଳେ ଗଞ୍ଜେଇକୁ ଏବଂ ତାଙ୍କ ବାଇକ୍‌କୁ ନିଜ ସରକାରୀ ବାସଭବନରେ ଲୁଚାଇ ରଖିଥିଲେ । ତେବେ ଏ ନେଇ ବୌଦ୍ଧ ଏସପିଙ୍କ ପାଖରେ ଅଭିଯୋଗ ହୋଇଥିଲା।

# ଭାରତ ଯୋଡ଼ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ


ଜୟପୁର, ୨୧/୦୧ (ନି.ପ୍ର): ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଭାରତ ଯୋଡ କାଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ବାବା ସାହେବ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିନୋଦ ମହାପାତ୍ର, ମଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ଧ୍ୱନି ପ୍ରତିଧ୍ୱନି**
ବାଲେଶ୍ୱର
ରବିବାର, ୨୨ ଜାନୁଆରୀ, ୨୦୨୩
email :
rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୦୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆମ୍ଭମାନଙ୍କ ଦେଶରେ ତଥାକଥିତ ପଣ୍ଡିତମ୍ମନ୍ୟ କେତେକ ସମାଜ, ନେତା ଯେଉଁମାନେ ସ୍ତ୍ରୀଶିକ୍ଷା ପ୍ରସାରରେ ଚମକି ପଡ଼ିଥିବା ଦେଖାଯାଉଅଛନ୍ତି, ସେମାନେ ସ୍ତ୍ରୀଶିକ୍ଷାର ଅତ୍ୟନ୍ତ ବିରୋଧୀ ହୋଇ ଉଠିଅଛନ୍ତି । ନିଜର ଘରର ଝିଅମାନେ ପଢ଼ିବାକୁ ଚାହିଁଲେ ପଢ଼ାଇ ଦେଉନାହାଁନ୍ତି । ଏମାନଙ୍କ ମତରେ କେବଳ ଶିକ୍ଷିତା ସ୍ତ୍ରୀମାନଙ୍କଦ୍ୱାରା ସମାଜ ଶୃଙ୍ଖଳା ବିନଷ୍ଟ ହେବ । ଯେଉଁମାନେ ଏହି ଯୁଗରେ ସୁଦ୍ଧା ସ୍ତ୍ରୀ ଶିକ୍ଷାର ଉପକାରିତା ସ୍ୱୀକାର କରିନାହାଁନ୍ତି ବା ତହିଁର ପ୍ରତିକୂଳାଚରଣ କରନ୍ତି ସେମାନେ ହୁଏତ ଭ୍ରାନ୍ତ ଓ ସ୍ୱାର୍ଥପ୍ରଣୋଦିତ କହିଲେ ଚଳେ । ଏହି ଭାବାପନ୍ନ ବ୍ୟକ୍ତିଙ୍କ ଆମ୍ଭମାନଙ୍କ ସମାଜରେ ନିତାନ୍ତ କମ୍ ନୁହେଁ । ଏହି ଲୋକମାନଙ୍କ ମନରେ ଶିକ୍ଷାପ୍ରାପ୍ତା ସ୍ତ୍ରୀଙ୍କ ସମ୍ବନ୍ଧରେ ଦୁଇଗୋଟି ଭାବ ଉଦିତ ହୋଇଥିବାର ମନେହୁଏ । ଝିଅମାନେ ଶିକ୍ଷିତା ହୁଅନ୍ତୁ ବୋଲି ଯେଉଁମାନେ ଚାହାଁନ୍ତି ନାହିଁ ହୁଏତ ସେମାନେ ମନେ କରନ୍ତି ଯେ, ଶିକ୍ଷିତା ହେଲେ ସେମାନଙ୍କ ବିଦ୍ୟା ଓ ଜ୍ଞାନବଳରେ ହିତାହିତ ବିବେଚନା କରି ଅନ୍ୟାୟାଚରଣର ପ୍ରତିକାର କରିବାରେ ସେମାନେ ନିଜେ ଚେଷ୍ଟିତ ହେବେ, ଏବଂ ପୁରୁଷମାନେ ଯେଉଁଠାରେ ସେମାନଙ୍କ ଉପରେ ଅତ୍ୟାଚାର କରିଥାନ୍ତି, ସେମାନଙ୍କ ତ୍ୟାଗ ଓ ସହନଶୀଳତାର ସୁଯୋଗ ନେଇ ନିଜ ସୁଖ ଭୋଗ ସକାଶେ ସେମାନଙ୍କୁ ଉତ୍ପୀଡ଼ିତ କରନ୍ତି, ସେହିଠାରେ ସେମାନଙ୍କୁ ବାଧା ଦେବେ, ପୁରୁଷର କ୍ରୀଡ଼ାବଳ ହୋଇ ଚାଲିବାକୁ ସ୍ୱୀକାର କରିବେ ନାହିଁ । ଅପରନ୍ତୁ ପାଠ ପଢ଼ିଲେ ସେମାନେ ବିଳାସିନୀ ହୋଇଯିବେ ସଂସାର କର୍ମ ମନଦେବେ ନାହିଁ । ଶାଶୁଶ୍ୱଶୁର ପ୍ରଭୃତି ଗୁରୁଜନମାନଙ୍କୁ ମାନିବେ ନାହିଁ । ସୁତରାଂ ସଂସାର ଅଶାନ୍ତିର କ୍ଷେତ୍ର ହୋଇଯିବ । ପ୍ରଥମୋକ୍ତ ଶ୍ରେଣୀର ସ୍ୱାର୍ଥାନ୍ଧ ଲୋକଙ୍କ ମନୋବୃତ୍ତି ବିଷୟରେ ଆଲୋଚନା କରିବା ଆବଶ୍ୟକ ନାହିଁ । ଯେଉଁମାନେ କେବଳ ସ୍ୱାର୍ଥସିଦ୍ଧି ସକାଶେ ଭଗବାନଙ୍କ ସୃଷ୍ଟିର ଅର୍ଦ୍ଧାଂଶକୁ ଅଜ୍ଞାନାନ୍ଧକାରରେ ଚିରକାଳ ନିମଜ୍ଜିତ ରଖିବାକୁ ବ୍ୟସ୍ତ ମନୁଷ୍ୟର ଜ୍ଞାନ ଓ ପୂର୍ଣ୍ଣତା ପଥରେ ପ୍ରତିବନ୍ଧକ, ନିଜର ସହଧର୍ମିଣୀ, ସହକର୍ମିଣୀ, ଅର୍ଦ୍ଧାଙ୍ଗିନୀ ବୋଲି ଯେଉଁମାନଙ୍କୁ ଆଖ୍ୟା ପ୍ରଦାନ କରନ୍ତି, ସେମାନଙ୍କ ମନୁଷ୍ୟତାର ପୂର୍ଣ୍ଣତା ସାଧନରେ ଯତ୍ନବାନ ହେବା ପରିବର୍ତ୍ତେ ସେମାନଙ୍କୁ କେବଳ ସେମାନଙ୍କ ସଂସାର ପରିଚାଳନାର ଯନ୍ତ୍ର ବିଶେଷ ବୋଲି ମନେ କରନ୍ତି, ସେମାନଙ୍କ ମନୋବୃତ୍ତି ଓ କାର୍ଯ୍ୟକଳାପ ଆଲୋଚନାର ବହିର୍ଭୂତ । ଦ୍ୱିତୀୟ ଶ୍ରେଣୀର ଲୋକଙ୍କ ମଧ୍ୟ ଆଶଙ୍କା ଅମୂଳକ । ଅଭିଭାବକମାନଙ୍କ ଲକ୍ଷ୍ୟ ଥିଲେ ଉପଯୁକ୍ତ ଶିକ୍ଷାପ୍ରାପ୍ତା ନାରୀମାନେ ଏହି ଦୋଷରେ ଦୂଷିତ ହେବା ସମ୍ଭାବନା ନାହିଁ । କେବଳ ସ୍କୁଲକୁ ପଠାଇ ଅଭିଭାବକମାନେ ଯେ ନିଜେ ନିଜେ ଝିଅମାନଙ୍କ ସମ୍ବନ୍ଧରେ ନିଶ୍ଚିନ୍ତ ବୋଲି ରହିବେ, ଏହା ଭ୍ରମାତ୍ମକ । ଏଥିରେ ସେମାନଙ୍କୁ ସୁଦ୍ଧା ଜାଗ୍ରତ ରହିବାକୁ ହେବ । ବାହା ଶିକ୍ଷା ସହିତ ଗୃହ ଶିକ୍ଷାଦ୍ୱାରା କନ୍ୟାମାନଙ୍କ ଶିକ୍ଷା ମାର୍ଜିତ କରି ସର୍ବତମୁଖୀ କରିବାକୁ ହେବ । ଯେଉଁ ଶିକ୍ଷାଦଦ୍ୱାରା ନାରୀ ଜ୍ଞାନ ଓ ବିବେକ ପରିବର୍ତ୍ତରେ ବିଳାସିତା ଶିକ୍ଷାକରେ, ସଂସାର କର୍ତ୍ତବ୍ୟପାଳନରେ ଓ ଗୁରୁଜନମାନଙ୍କ ପ୍ରତି ଯୋଗ୍ୟ ଶ୍ରଦ୍ଧା ପ୍ରଦର୍ଶନରେ କୁଣ୍ଠିତା ହୁଏ ସେହି ଶିକ୍ଷା ଫଳରେ ଗୃହ ଓ ସମାଜର ବୈଶିଷ୍ଟ୍ୟ ନଷ୍ଟହୁଏ । ଏହି ଶିକ୍ଷା ଆମ୍ଭମାନଙ୍କ ଅନାବଶ୍ୟକ ଓ ପରିତ୍ୟାଜ୍ୟ । ଏହା ଶିକ୍ଷା ନୁହେଁ ଅଶିକ୍ଷା । ଅଭିଭାବକମାନେ ଜାଗ୍ରତ ରହିଲେ ଏହି ଦୋଷ କଦାପି ପ୍ରବେଶ କରିପାରିବ ନାହିଁ । କିନ୍ତୁ ଏହାଦ୍ୱାରା କେବଳ ନାରୀ ଯେ ଦୁଷ୍ଟା ତାହା ନୁହେଁ । ପୁରୁଷ ପକ୍ଷରେ ସୁଦ୍ଧା ଏହା ସମଭାବରେ ପ୍ରଯୋଜ୍ୟ । ଆକ୍ଷେପର ବିଷୟ, ପୁରୁଷ ପକ୍ଷରେ ସହସ୍ର ସହସ୍ର ତ୍ରୁଟି ମାର୍ଜନୀୟ, ଅଥଚ ନାରୀ ପକ୍ଷରେ ସାମାନ୍ୟ ବିକୃତି ଅସହନୀୟ ହୋଇପଡ଼େ ।


ଲେଖାପଢ଼ା ସଙ୍ଗେ ସ୍ଥଳ ବିଶେଷରେ ଯେ ନାରୀମାନଙ୍କ ମନରେ ଭାବାନ୍ତର ଉପସ୍ଥିତ ନ ହୁଏ ତାହା କୁହାଯାଇ ନପାରେ । ଏହା ଅସ୍ୱାଭାବିକ ବୋଲି ଉପେକ୍ଷିତ ମଧ୍ୟ ହୋଇନପାରେ । ଏହା ସ୍ଥାନେ ସ୍ଥାନେ ଶିକ୍ଷାଜନିତ ଆତ୍ମାଭିମାନରୁ ଉଦ୍ଭୁତ । ଏହା ଆଦୌ ବାଞ୍ଛନୀୟ ନୁହେଁ । ଏହା ବୋଲି ଯେ ଗୋଟାକେତେ ଦୃଷ୍ଟାନ୍ତରୁ କେବଳ ଏହା ଯୋଗୁଁ ନାରୀମାନଙ୍କ ଶିକ୍ଷା ବର୍ଜନୀୟ- ଏହା ସମର୍ଥନ କରାଯାଇ ନପାରେ । ପୁରୁଷମାନଙ୍କ ମଧ୍ୟରେ କଣ କେତେ ଶିକ୍ଷାଭିମାନୀ ନାହାଁନ୍ତି? ଶିକ୍ଷା ମଧ୍ୟରେ ଯେଉଁ ଉପକାରୀତା ନିହିତ ଅଛି, ତାହାର ମୂଲ୍ୟ ବିଷୟରେ ଭାବନାକଲେ ବାଳିକାମାନଙ୍କ ଶିକ୍ଷାବିସ୍ତାର ସକାଶେ ତାହାର ବିରୋଧୀ ବା ଉଦାସୀନ ହୋଇ କେହି ରହିପାରିବେ ନାହିଁ । ଶିକ୍ଷା ମଧ୍ୟରେ ଯେଉଁ ସ୍ଥାନରେ ମଳିନତା ଅଛି, ସେହିଠାରେ ଅମଙ୍ଗଳର ଆଶଙ୍କା । ସେହି ମଳିନତା ଅପସାରିତ କରି, ନାରୀଶିକ୍ଷାର ବିଷୟ ଓ ବ୍ୟବସ୍ଥା ସଂସ୍କୃତ କରି ନୂତନ ଶିକ୍ଷାନୁଷ୍ଠାନ ଗଠନ କରିବା ଉଚିତ । ସୁମାତା ଭିନ୍ନ କେବେ ସୁସନ୍ତାନ ହୋଇପାରିବ ନାହିଁ, ଏହା ତ କେତେ ମଞ୍ଚରୁ କେତେ ଗ୍ରନ୍ଥରୁ ଅନବରତ ବିଘୋଷିତ ହେଉଅଛି । ଗର୍ଭଧାରିଣୀ ଦେବୀର ଯେ ସୁସନ୍ତାନ ନୁହେଁ, ସେ ଦେଶମାତାର ସୁସନ୍ତାନ ହୋଇପାରିବ ନାହିଁ । ପାଠପଢ଼ିଲେ ଯେକେହି ସମାଜରେ ଅକର୍ମଣ୍ୟ ହୋଇ ରହିବ, ଉଚ୍ଛୃଙ୍ଖଳ ବା ଭ୍ରଷ୍ଟ ଚରିତ୍ର ହେବ, ଏହା କଦାପି ସତ୍ୟ ନୁହେଁ । ଆମ୍ଭମାନଙ୍କ ଦେଶରେ ଶିକ୍ଷାର ପରିସର ଅତ୍ୟନ୍ତ ସୀମାବଦ୍ଧ ଓ ଶିକ୍ଷିତା ନାରୀ ଅଳ୍ପସଂଖ୍ୟକ । ଯେଉଁ ଜଣ କେତେ ଅଛନ୍ତି, ସେମାନେ ସାଧାରଣ ଗୃହିଣୀ ଭିନ୍ନ ଆଉ କିଛି ନୁହଁନ୍ତି । ସେମାନେ ଗୃହସଂସାର ଚଳାଇ ଆନନ୍ଦରେ ଗୃହପରିଚାଳନାର ଭାର ଲାଘବ କରୁଅଛନ୍ତି । ଏହା ମଧ୍ୟ କର୍ତ୍ତବ୍ୟ ବୋଲି ହୃଦୟଙ୍ଗମ କରୁଅଛନ୍ତି । ଜଗତରେ ସମସ୍ତ ବସ୍ତୁ ମଧ୍ୟରେ କିଛି ନା କିଛି ମନ୍ଦ ଲୁକ୍କାୟିତ ଅଛି । ରେଳଗାଡ଼ି, ଜାହାଜ, ମୋଟର, ବ୍ୟୋମଯାନ ପ୍ରଭୃତି ମଙ୍ଗଳକର ପଦାର୍ଥ ମଧ୍ୟରେ ପ୍ରାଣନାସକ ସତ୍ତା ବିଦ୍ୟମାନ ଥିଲେ ହେଁ, ସେ ସକଳ ବ୍ୟବହାର ବର୍ଜନୀୟ ନୁହେଁ । ସ୍ତ୍ରୀ ଶିକ୍ଷା ମଧ୍ୟରେ ଯଦି କିଛି କ୍ଷତିର ସମ୍ଭାବନା ଥାଏ ତାହାହେଲେ ହେଁ କଲ୍ୟାଣ ଅନୁପାତରେ ତାହା ମନରେ ବଡ଼ସ୍ଥାନ ପାଇବା ସମୀଚିନ ନୁହେଁ । ଅତି ପୁରାକାଳରେ ସୁଦ୍ଧା କନ୍ୟାପ୍ୟେବ ପାଳନିଆ ଶିକ୍ଷଣିୟାତି ଯତ୍ନତଃ । ଦେୟା ବରାୟ ବିଦୁସେ ଧନ ରତ୍ନ ସମନ୍ୱିତା ଥିଲା । କନ୍ୟାକୁ ବିଦ୍ୱାନ ବର ହସ୍ତରେ ତଥା ସପାତ୍ରରେ ଅର୍ପଣ କରିବା ଉଦ୍ଦେଶ୍ୟରେ ତାହାକୁ ସୁଶିକ୍ଷିତା କରିବାକୁ ହେଉଥିଲା । ଦେଶର ଏହି ଦୁର୍ଦ୍ଦିନରେ ପରିବର୍ତ୍ତନ ମୂଳକ ପରିସ୍ଥିତିରେ ଆମ୍ଭମାନଙ୍କ କୌଣସି ଶକ୍ତିର ଉପଚୟ କରିବା ଉଚିତ ନୁହେଁ । ସମୟର ପ୍ରଭାବରେ ଅନେକ ବିଷୟ ସଂସ୍କୃତ ହୋଇଯାଇଅଛି ଓ ଆହୁରି ଅନେକ ବିଷୟର ସଂସ୍କାର ଆବଶ୍ୟକ । ନାରୀମାନଙ୍କ ଶିକ୍ଷା ସକାଶେ ଯେଉଁ ସଂସ୍କାର ଆବଶ୍ୟକ, ତାହା ସମ୍ପାଦନ କରି ସେମାନଙ୍କ ସର୍ବାଂଶରେ ଶିକ୍ଷିତ ହେବା ସକାଶେ ସୁଯୋଗ ପ୍ରଦାନ କରିବାକୁ ହେବ । ବିଳାସିତା, ଆତ୍ମମ୍ଭରିତା ପରିତ୍ୟାଗ କରିବାକୁ ହେବ । ପୁରୁଷଙ୍କ ସଙ୍ଗରେ ଦଣ୍ଡାୟମାନ ହୋଇ ମୁକ୍ତି ସାଧନକାର୍ଯ୍ୟରେ ସେମାନଙ୍କ ସହିତ ଅଂଶଗ୍ରହଣ କରିବାକୁ ହେବ । ନାରୀମାନଙ୍କ ବିଷୟରେ ଯାବତୀୟ ବ୍ୟବସ୍ଥା ସମ୍ବନ୍ଧରେ କେବଳ ଯେ ସୋମନଙ୍କ ମତ ଗ୍ରହଣ କରିବାକୁ ହେବ ଏପରି ନୁହେଁ, ଏହାର ପ୍ରଣୟନ ଓ ପ୍ରତିପାଦନରେ ସେମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ଦେବାକୁ ହେବ । ଏ ସମ୍ବନ୍ଧରେ ଯାବତୀୟ ବ୍ୟବସ୍ଥା କେବଳ ପୁରୁଷଙ୍କ ପ୍ରଣୀତ । ସ୍ତ୍ରୀ ମାନଙ୍କ ମତ ନନେଇ ସେ ସବୁ ସେମାନଙ୍କୁ ପାଳନ କରିବାକୁ ବାଧ୍ୟ କରାହେଉଅଛି । ପୁରୁଷର ଏହି ମନୋବୃତ୍ତି ପରିବର୍ତ୍ତନ କରିବାକୁ ହେବ । କଥାରେ କେବଳ ସ୍ତ୍ରୀକୁ ସହଧର୍ମିଣୀ ବଇଲେ ଚଳିବ ନାହିଁ । ନାରୀ ସମ୍ବନ୍ଧରେ ସତୀତ୍ୱ ଓ ମାତୃତ୍ୱ ଭାରତୀୟ ସଭ୍ୟତାର ବୈଶିଷ୍ଟ । ଏହା ଅପେକ୍ଷା ଅମୂଲ୍ୟ ସମ୍ପଦ ଆଉ କିଛି ନାହିଁ । ନାରୀକୁ ଯେପରି ଏକ ନିଷ୍ଠ ପ୍ରେମରେ ଗ୍ରହଣ କରିବାକୁ ହେବ ଓ ଏହାଦ୍ୱାରା ସତୀତ୍ୱକୁ ମର୍ଯ୍ୟାଦା ରକ୍ଷା କରିବାକୁ ହେବ ପୁରୁଷକୁ ମଧ୍ୟ ତଦ୍ରୁପ ସ୍ତ୍ରୀ ପ୍ରତି ଏକନିଷ୍ଠ ହେବାକୁ ହେବ । ନାରୀଠାରୁ ଯେପରି ଆଦର୍ଶ ଗୃହିଣୀତ୍ୱ, ଆଦର୍ଶ ମାତୃତ୍ୱ ଦାବି କରାଯାଉଅଛି । ପୁରୁଷକୁ ମଧ୍ୟ ଆଦର୍ଶ ଗୃହୀ, ଆଦର୍ଶ ପିତା ହେବା ସକାଶେ ନିର୍ଦ୍ଦେଶ ଦିଆଯିବ । ବସ୍ତୁତ୍ୱ ଜଗତରେ ଏହି ଆଦର୍ଶର କୌଣସିଠାରେ ବ୍ୟତିକ୍ରମ ଦେଖାଯାଉଥିଲେ ହେଁ ଏହାର ମୂଲ୍ୟ ତିଳେମାତ୍ର ଊଣା କରିଦିଆ ହେବନାହିଁ ।

(କ୍ରମଶଃ)

## ସ୍ମୃତି ତୁମେ..

# ନେତାଜୀ ସୁଭାଷ ବୋଷ

■ ଶରତ କୁମାର ଦାସ



'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'- ଏହି ବାଣୀ ଅନ୍ୟ କାହାର ନଥିଲା । ଏହା ଥିଲା ଭାରତ ମାଟିର ସୁଯୋଗ୍ୟ ସନ୍ତାନ, ବୀର ଯୋଦ୍ଧା ତଥା ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ଦକ୍ଷ ସେନାପତି ଓ ବିଶିଷ୍ଟ ଜନ ନାୟକ ସ୍ୱାଭିମାନୀ ସୁବାଷ ଚନ୍ଦ୍ର ବୋଷଙ୍କର ବଜ୍ର ନିର୍ଘୋଷ ବାଣୀ । ଦେଶଠୁ ବିଦେଶ ଯାଏ ସେ 'ନେତାଜୀ' ସୁଭାଷ ବୋଷ ନାମରେ ପରିଚିତ । ଅମାପ ଶକ୍ତି ଓ ସାହାସ,ଅସୀମ ଧୈର୍ଯ୍ୟ ଏବଂ ବଳିଷ୍ଠ ଦେଶ ଭକ୍ତି କଥା କହିଲେ ମନେ ପଡନ୍ତି ନେତାଜୀ । ଭାରତ ବାହାରେ ରହୁଥିବା ଭାରତୀୟ ମାନଙ୍କୁ ଏକାଠି କରି ମାଟି ମାଆ ପାଇଁ ସଂଗ୍ରାମ କଥା କହିଲେ ତଙ୍କରି ନାଁ ଟି ହିଁ କେବଳ ମନକୁ ଆସେ । ହିଂସା ବଦଳରେ ହିଂସା, ରକ୍ତ ବଦଳରେ ରକ୍ତ ଓ ଶତୃତା ବଦଳରେ ଶତୃତା ହିଁ ସ୍ୱାଧୀନତା ପାଇଁ ଗୋଟିଏ ବାଟ ବୋଲି ନେତାଜୀ ଦୃଢ ସ୍ୱରରେ ଘୋଷଣା କରିଥିଲେ । ତାଙ୍କର ବିପ୍ଳବାତ୍ମକ ମନୋଭାବ ଓ କାର୍ଯ୍ୟକ୍ରମ ଇଂରେଜ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲା ।

ସେହି ମହାନ ବିପ୍ଳବୀ ବୀର ନେତାଜୀ ସୁଭାଷ ବୋଷଙ୍କ ଜନ୍ମ ହୁଏ ୧୮୯୭ ମସିହା ଜାନୁୟାରୀ ୨୩ ତାରିଖ କଟକର ଓଡିଆ ବଜାର ଠାରେ । ବାପା ସ୍ୱନାମଧନ୍ୟ ଓକିଲ ଜାନକୀ ନାଥ ବୋଷ । ମା ପ୍ରଭାବତୀ ଦେବୀ । ନିଜ ଗାଁ ପଶ୍ଚିମବଙ୍ଗର କାଜଲିଆ ହେଲେ ମଧ ରହୁଥିଲେ କଟକର ଓଡିଆ ବଜାରରେ । ସୁଭାଷ କଟକର ରେଭେନ୍ସା କଲିଜିଏଟ ସ୍କୁଲ୍‌ରୁ ମାଟ୍ରିକ ପାଶ୍ କଲା ପରେ କଲିକତାର ପ୍ରେସିଡେନ୍ସି କଲେଜରୁ ବି.ଏ.ପାଶ୍ କରି ଆଇ.ସି.ଏସ୍.ପରୀକ୍ଷା ଦେଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ମାତ୍ର ସେହି ସମୟରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଆହ୍ୱାନ କ୍ରମେ ସେ ସର୍ବ ଭାରତୀୟ ପ୍ରଶାସନିକ ସେବା ବା ଆଇ.ସି.ଏସ୍. ଚାକିରୀ ଛାଡି ଭାରତକୁ ଫେରି ଆସିଥିଲେ ।

ପିଲାଦିନୁ କର୍ମଯୋଗୀ ସ୍ୱାମୀ ବିବେକାନନ୍ଦଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିଲେ ସୁଭାଷ । ସେ ମଧ ଜାତୀୟ ସେବା କରିବା ପାଇଁ ଶ୍ରୀ ଅରୋବିନ୍ଦଙ୍କ ଅଧ୍ୟାତ୍ମିକ ଶିକ୍ଷାକୁ ଗ୍ରହଣ କରିଥିଲେ । ବାଲ୍ୟକାଳରୁ ସେ ପୃଥିବୀର ବିଭିନ୍ନ ଦେଶର ସ୍ୱାଧୀନତା ସଂଗ୍ରାମ ପଢିବାକୁ ଭଲ ପାଉଥିଲେ । କାଭୋର, ଗାରିବାଲଡି, ବିସମାର୍କ ଓ ଲେନିନ୍‌ଙ୍କ ତ୍ୟାଗକୁ ସେ ଖୁବ୍ ପ୍ରଶଂସା କରୁଥିଲେ । ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଫରାସୀ ରାଷ୍ଟ୍ରବିପ୍ଳବ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଦେଶ ପାଇଁ ଜୀବନ ଦେବାକୁ ସେ ସାହାସିକତା କାର୍ଯ୍ୟ ବୋଲି ଭାବୁଥିଲେ ।

ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ପ୍ରେରଣାରେ ନେତାଜୀଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ଗାନ୍ଧୀଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଥିଲେବି ଭାରତର ସ୍ୱାଧୀନତା ପାଇଁ ଗାନ୍ଧୀଜୀଙ୍କ ମାର୍ଗକୁ ସେ ସହଜରେ ଗ୍ରହଣ କରିପାରିନଥିଲେ ।

ଅହିଂସା ମାର୍ଗରେ ଯେ ଭାରତର ସ୍ୱାଧୀନତା ପ୍ରାପ୍ତି ଅସମ୍ଭବ ସେ ଏ କଥା ସହଜରେ ଅନୁଭବ କରିପାରିଥିଲେ ।

ମାତୃଭୂମିର ମୁକ୍ତି ପାଇଁ ସେ ଇଂରେଜମାନଙ୍କ ସହିତ କୌଣସି ସାଲିସ୍ କରିବାକୁ ଚାହୁଁ ନଥିଲେ । ମାଟି ମାଆର ମୁକ୍ତି ପାଇଁ ସେ ଭାରତୀୟ ମାନଙ୍କୁ ଆତ୍ମବଳି ଦେବାକୁ ଆହ୍ୱାନ ଦେଇଥିଲେ । ସେ ଜଣେ ବାସ୍ତବବାଦୀ ଥିଲେ । କୃଷକ, ଶ୍ରମିକ ଓ ଗରିବ ଶ୍ରେଣୀର ଲୋକଙ୍କ ଦୁଃଖ ଓ ଯନ୍ତ୍ରଣା ପ୍ରତି ତାଙ୍କର ହୃଦୟ କାନ୍ଦିଉଠୁଥିଲା । ବ୍ୟକ୍ତି ଅପେକ୍ଷା ଦେଶର ସମ୍ମାନକୁ ସେ ଅଧିକ ଗୁରୁତ୍ୱ ଦେଉଥିଲେ । ତେଣୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ-'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।'

ଗାନ୍ଧୀଜୀଙ୍କ ସହିତ ମତାନ୍ତର ହେବାରୁ ଓ କଂଗ୍ରେସର ସଦସ୍ୟମାନେ ତାଙ୍କୁ ସହଯୋଗ ନ କରିବାରୁ ସେ ବାଧ ହୋଇ କଂଗ୍ରେସର ସଭାପତି ପଦ ଛାଡିଥିଲେ । ୧୯୩୯ ମସିହା ମେ ମାସରେ 'ଫରଓର୍ଡ ବ୍ଲକ' ନାମରେ ଏକ ଦଳ ଗଠନ କରିଥିଲେ । ଦୁଃଖ ଓ ତ୍ୟାଗ ବିନା ଭାରତର ସ୍ୱାଧୀନତା ଅସମ୍ଭବ ବୋଲି ସୁଭାଷ ବୋଷ କହୁଥିଲେ । ସେ ସର୍ବଦା କହୁଥିଲେ ଆଦର୍ଶର କେବେ ବି ମୃତ୍ୟୁ ହୁଏ ନାହଁ । ୧୯୪୦ ମସିହା ନଭେମ୍ବର ୨୬ ତାରିଖରେ ବଙ୍ଗଳାର ରାଜ୍ୟପାଳଙ୍କୁ ଲେଖିଥିବା ଚିଠିରେ ସେ ଲେଖିଥିଲେ ଯେ- 'ଏହି କ୍ଷୟଶୀଳ ପୃଥିବୀରେ ପ୍ରତ୍ୟେକ ଦ୍ରବ୍ୟର ମୃତ୍ୟୁ ଘଟେ ଓ ଘଟିବ, କିନ୍ତୁ ଭାବନା, ଆଦର୍ଶ ଓ ସ୍ୱପ୍ନର ବିନାଶ ନାହିଁ ।'

ତାଙ୍କର ବିପ୍ଳବାତ୍ମକ କାର୍ଯ୍ୟ ପାଇଁ ଅନେକ ଥର ଗିରଫ ହୋଇଥିଲେ ନେତାଜୀ । ଶେଷ ଥର ପାଇଁ ୧୯୪୦ ମସିହାରେ ଗିରଫ ହୋଇଥିଲେ ସେ, ମାତ୍ର ଦେହ ଅସୁସ୍ଥତା କାରଣରୁ ତାଙ୍କୁ ଜେଲରୁ ଆଣି ଗୃହବନ୍ଦୀରୂପେ ରଖାଯାଇଥିଲା । କିନ୍ତୁ ବଡ ଆଶ୍ଚର୍ଯ୍ୟର କଥା ଯେ ସେ ସେଠାରୁ ବ୍ରିଟିଶ ସରକାରଙ୍କ ଆଖିରେ ଧୂଳିଦେଇ କାବୁଲ ଚାଲି ଯାଇଥିଲେ ଓ ସେଠାରୁ ବର୍ଲିନ ପଳାଇଥିଲେ । ଯେଉଁ ଦିନ ଆଇ.ଏନ.ଏ ରେଡିଓରୁ ସୁଭାଷ ଗର୍ଜି ଉଠିଲେ -'ଆମି ସୁଭାଷ ବୋଲଛେନ୍', ସେହିଦିନ ସାରା ବିଶ୍ୱରେ ଭୂକମ୍ପନ ସୃଷ୍ଟି ହେଲା ।

ଭାରତ ମୁକ୍ତି ସଂଗ୍ରାମ ପାଇଁ ନେତାଜୀ ବର୍ଲିନ ଠାରେ 'ଆଜାଦ ହିନ୍ଦ୍ ଫୌଜ' ଗଠନ କରିଥିଲେ । ରାସବିହାରୀ ବୋଷଙ୍କ ସହାୟତାରେ ଦକ୍ଷିଣ ଏସିଆର ଭାରତୀୟମାନଙ୍କୁ ସେ ସଙ୍ଗଠିତ କରିଥିଲେ । ପରେ ସେ ଜର୍ମାନରୁ ଟୋକିଓ ଯାତ୍ରା କରିଥିଲେ । ସେଠାରେ ସେ ଜାପାନର ତତକାଳୀନ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଭାରତର ସ୍ୱାଧୀନତା ବିଷୟରେ କହିଥିଲେ । ୧୯୪୨ ଅଗଷ୍ଟ ବିପ୍ଳବ ପରେ ୧୯୪୪ ମସିହାରେ ନେତାଜୀଙ୍କ ନବଗଠିତ 'ଆଜାଦ୍ ହିନ୍ଦ୍ ଫୌଜ' ଇଂରେଜ ସୈନ୍ୟଙ୍କୁ ଅନେକ ଯୁଦ୍ଧ କ୍ଷେତ୍ରରେ ପରାସ୍ତ କରିଥିଲେ ।ସେ ଦୃଢତାର ସହିତ 'ଜୟହିନ୍ଦ୍' ଓ 'ଦିଲ୍ଲୀ ଚଲ୍ଲୋ'-ଏହି ଦୁଇଟି ଆହ୍ୱାନ ଦେଇଥିଲେ । ଯୁଦ୍ଧରେ ଇଂଲଣ୍ଡକୁ ପରାସ୍ତ କରି ଭାରତକୁ ସ୍ୱାଧୀନ କରିବା ତାଙ୍କର ଲକ୍ଷ୍ୟ ଥିଲା । ଆଜାଦ୍ ହିନ୍ଦ୍ ଫୌଜ ମଧ ବର୍ମା ସୀମା ଅତିକ୍ରମ କରି ଭାରତ ଭୂମିରେ ପ୍ରବେଶ କରିଥିଲେ ।

ମାତ୍ର ବିଧିର ବିଧାନ ଥିଲା ବିଚିତ୍ର । ଅକାଳରେ ବଜ୍ରପାତ ହେଲା । ଏକ ଉଡାଜାହାଜ ଦୁର୍ଘଟଣାରେ ୧୯୪୫ ମସିହା ଅଗଷ୍ଟ ୧୮ ତାରିଖ ଦିନ ସେ ମହାନ ଜନନାୟକ ବିପ୍ଳବୀ ବୀର ନେତାଜୀ ମୃତ୍ୟୁବରଣ କରିଥିଲେ । ଆଜି ମଧ ସେହି ଅମର ମଣିଷଙ୍କ ମୃତ୍ୟୁ କଥା ସନ୍ଦେହ ଘେରରେ ରହିଛି । ଆଜି ମଧ କୋଟିଏ କଣ୍ଠରେ ଗୋଟିଏ କଥା -ନେତାଜୀ ଜୀବିତ । ସତରେ ସେ ଏଭଳି ଏକ ମଣିଷ ଥିଲେ 'ଯାହାଙ୍କର ଜନ୍ମ ଅଛି, ମାତ୍ର ମୃତ୍ୟୁ ନାହିଁ' କହିଲେ ଆଦୌ ଭୁଲ ହେବନାହିଁ । ଭାରତର ଗର୍ବ ଓ ଗୌରବ ରୂପେ ସେ ଚିର ସ୍ମରଣୀୟ ହୋଇ ରହିବେ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଆମ ସମୟର କବିତା.....

### ॥ ଶୀତ ॥

**ସୁରେଂଦ୍ର ପାଣିଗ୍ରାହୀ**



ସଂଜ ନଏଁ
ପର ଗଳୁରେ ତାରାମାନଙ୍କର
ନୀଳ ନୀଳ ଦୂର ଆକାଶରେ
ମୃତ୍ୟୁର ଛାଇ ଭଳି ଶୀତଳ ଅଂଧାର
ତା'ର ହେମାଳ ହାତରେ
ଘେରିନିଏ ଚରାଚର ସମଗ୍ର ପୃଥ୍ୱୀକୁ...

ଅଝଟିଆ ଛୁଆର ଆଖିରେ
ଭରିବାକୁ ମୁଲାୟମ୍ ନିଦ
ମା' ଶୁଣାଉଥାଏ କକମୀନା କାହାଣୀ
ମାଆର ଥନରେ ମୁହଁ ଗେଂଜି ଶୋଇଥାଏ
ଛଣଗଦା ପାଖେ କୁକୁର ଛୁଆଟି
ନୀରବରେ ନିଦକ ନିଦରେ...

ପୋଖରୀ ହୁଡ଼ାର କିଆବୁଦା ମୂଳେ ବସି
ଉହ୍ଲେଇ ଜାଳି ଛୁଆ ସେକୁଥାଏ ଡାହାଣୀ
ଗଛ ଉପରେ ଗୋଟେ ଅଶରୀର ଆତ୍ମା ଭଳି
ହୁଟ୍ ହୁଟ୍ କରୁଥିବା ପେଚାର ଆଖି
ରାତି ଅଧରେ ଜଳୁଥାଏ ରଢ଼ନିଆଁ ପରି
ମୁହଁକୁ ମୁହଁ ଦିଶୁନଥିବା
ଘନଘୋର ନିଶା ଗର୍ଜନରେ...

କୁହୁଡ଼ି ଘେରା ସନ୍‌ସନ୍ ଶୀତ ପବନରେ
ଘମାଘୋଟ ନିଘୋଡ଼ ନିଦରେ
ଶୋଇ ଯାଇଥାଏ ମୋ ଗାଁ
ଫାଙ୍କା ଧାନବିଲ
ବିଲ ଗହୀର ମାଳ ଓ ତାଳତମାଳ ଘେରା
ବିଲବଣ ଉପରେ ଝରି ପଡୁଥାଏ
କାହାର ଶୁଭମନାସ

କାକରର ଭିଜା ଭିଜା ଆଶୀର୍ବାଦ ନେଇ
ରାତ୍ରିଚରପକ୍ଷୀର 'ଚେଁ' 'ଚେଁ' ଶବ୍ଦ ଭିତରେ
ବାଜୁଥାଏ ମଙ୍ଗଳ ଧ୍ୱନି
ଆଗାମୀ ଶାନ୍ତ ସକାଳର
କଡ଼ ଲେଉଟାଉଥାଏ ଶୀତରାତି ଚୁପ୍‌ଚାପ୍
ହେନ୍ତାଳ ବଣରେ
ଗୋଟେ ଅରଣ୍ୟର ଅଜଗର ପରି...

♥ବରି,
ସିମୁଳିଆ, ବାଲେଶ୍ୱର
ମୋ: ୯୪୩୭୨୮୨୯୮୪

### ॥ ଜହ୍ନ ॥



**ହେମନ୍ତ କୁମାର ରାଉତ**

ଏ ପାରିରୁ ମାୟାହାଟର ଛବି
ଲିଭିଗଲେ ସେପାରି ଆଉଟା ଅଂଧାରରେ
ଉବୁଟୁବୁ ତାରା

ବହୁବର୍ଷର କାହାର ପାଦ
ମହାକାଳର ନା ନୀଳପୁରୁଷର
ଟୁବି ଗଡ଼ିଆର
ନୀଳକଇଁ ପରି ଦୋହଲୁଥିବା
କୁନି ଭାଉଜ ଜଂଘେ ପଙ୍କରୁ
ମାଠିଆ ଉଚ୍ଛୁଳେଇ
ପାଣି ଚହଲେଇ ଆଣିଲେ
ଦାଣ୍ଡବାରିସାରା ଆଙ୍କି ହୋଇଯାଏ
କଳାରଂଗର ପାଦଚିହ୍ନ
ପଉଷର ପାଚିଲା ଧାନବିଲର
ଚୁବିଚୁବି ପାଣିରେ ପଡ଼ିଥାଏ
ଜଗୁଭାଇର ପାଦଚିହ୍ନ
ଧନୁସଂକ୍ରାନ୍ତିରେ ଘର ଅଗଣାଠାରୁ
ଖଳାଯାଏ ଆଣରେ ଧାଡ଼ିଧାଡ଼ି ଅଙ୍କାଯାଏ
କାହାର ଏ ପାଦ ଚିହ୍ନ ?

ମହାଲକ୍ଷ୍ମୀଙ୍କର ନା ମୋ ବୋଉ
ହାତ ଆଙ୍ଗୁଠିର ।

♥ବାର୍ହାପୁର, କୋଇଲିପୁର,
କେନ୍ଦ୍ରାପଡ଼ା
ମୋ: ୯୯୩୮୬୬୯୬୩୧

### ॥ ପ୍ରିୟ ପାଇଁ ଚିଠି ॥

**ମମତା ପ୍ରିୟଦର୍ଶିନୀ ସାହୁ**



ହେଇ ଦେଖ ପ୍ରିୟ
ତମ ପାପୁଲିରେ
ମୋର ଏଇ ଲମ୍ୱା ଚିଠି ।

ଜାଣେନା !
ପଢ଼ିବକି ଚିରିଦେବ !
ତଥାପି ଆଶା ଓ ବିଶ୍ୱାସ
ତାର ବାସ୍ନାତକ ସାଉଁଟି ନେବ ।

ଏବେ ବି ତୁମେ ପରତେ ଯାଇନ
ଆମ ସଂପର୍କର ? ଦୃଢ଼ତାକୁ
ମାପି ବି ପାରିନ
ତାର ଗଭୀରତାକୁ ।
ଦେଖ...
ଚିଠି କଣ କହୁଛି !

କାଗଜ ଫୁଲ କଣ ଶୁଖେ !
ସେ ଚିର କାଳ ସୁନ୍ଦର
ବାସ୍ନାୟିତ ହେବା କଣ ଜରୁରୀ କି ?
ନାଇଁ ତ !
ତୁମ ଆମ ପ୍ରେମ ପରି କିଛି ଦିଶେ
ଆଉ କିଛି ବାସେ ।

ନିଃସଙ୍ଗ ଆଉ ନିର୍ଜନ
ଏଇ ଆମ ପ୍ରେମ
କେବେ କୋଳାହଳ
ତ ଆଉ କେବେ ଶୂନ୍ୟସ୍ଥାନ ।

କେବେ ଭରା ନଦୀର ଲହଡ଼ି
ଆଉ ପୁଣି କେବେ ଶୂନ୍ୟଗର୍ଭା
ତଥାପି ଦେଖେ ଅମରାବତୀର ସ୍ୱପ୍ନ

ବାସ୍ତବତାର ଚଷମା ପିନ୍ଧି ।

ଅହଂକାରର ଚାଦର ଖୋଲି
ଚିଠି ଆଣିଦେବ ରୂପେଲି ରାତି
ପହିଲି ପୁଲକର ପହିଲି ତାତି
ହେ ପ୍ରିୟ !
ତୁମ ପାଇଁ ଏ ଲମ୍ୱା ଚିଠି
ପଢ କି ନ ପଢ
ସାଉଁଟି ନେବ ତାର ଅସୀମ ପ୍ରୀତି ।

♥ଓଡ଼ିଆ ଅଧ୍ୟାପିକା
ସୁନ୍ଦରଗଡ଼

### ॥ କେଉଁଠି ତୁ ॥

**ସୁଜିତ କୁମାର ସତପଥି**



କେଉଁଠି ତୁ
ଜିଜୀବିଷାରେ
ଜିଗୀଷାରେ
ଯନ୍ତ୍ରଣାରେ
କି ଯାଯାବରୀ ରାସ୍ତାରେ
କେଉଁଠି ତୁ

ଖୋଜି ଖୋଜି ନିଜେ ନିଖୋଜ ହେଲେ ବି
ମିଳୁନାହିଁ କିଛି ତୋର ଖୋଜ କି ଖବର

ମନ୍ତ୍ର ଯନ୍ତ୍ର ଡେଉଁରିଆ
ଶବ୍ଦ ଭାବ ବେପରୁଆ ଯାହା ବି କଲି
ମୁକୁଳିପାରୁନି ଅଥଚ
ଥରୁଟେ ଭେଟିବି ବୋଲି ଚାହୁଁଛି ଯେ
ତାହା ବି କଣ କରେଇ ଦେଉଛୁ ?

ଜାଣେ ତୋ ଭିତରେ ମୁଁ ଓ
ମୋ ଭିତରେ ତୋର ଉପସ୍ଥିତି
ତଥାପି ତୋତେ ନ ଦେଖିବା ଯାଏଁ
ମୋର 'ମୁଁ' ହେଲେ
କୋଉ ବୋଲ ମାନୁଛି ?

ଆ ଉତୁରି ଆ ଥରୁଟେ ହେଲେ
ଧାଡିଏ ଭାବ
ଧାରେ ଲୁହ
ଆଖିଏ ଦୃଶ୍ୟ
କି ନିରାଭରଣର ରଂଗ କିଛି ହୋଇ
ଅନ୍ତତଃ ନିଜକୁ ଥରେ ଦେଖିନିଏ ତୋର
ବାହାନାରେ ........

♥ 'ବାଗାଶ୍ରିତା',
ସାଲେଭଟା, ବଲାଙ୍ଗିର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୨ ଜାନୁଆରୀ, ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....(୭୬)



## ॥ ମୋ'ଠାରୁ ଚୋରେଇ ନିଏ ॥


ତୁମେ ବି ତ ଅଛ ମୁଁ ବି ତ ଅଛି
ସବୁ ତ ସେମିତି ଅଛି,
ଖାଲି ସେ ଦିନର ତୁମେ ପ୍ରେମ ନାହିଁ
ସମୟଟା ବଦଳିଛି ।

ଦିନ ଥିଲା ତୁମ ଦେହରେ ବସନ୍ତ
ତୋଳିଥିଲା ନିଜ ଘର,
ତୁମରି ସ୍ୱରୁ କୋଇଲି କୁହୁ
ଶୁଭୁଥିଲା ନିରନ୍ତର,
ବଉଳିଲା ସେଇ ମନ କାହାପାଇଁ
କହ ସଖୀ ମଉଳିଛି ।

କେଜାଣି କାହିଁକି ମଳୟ ପବନ
ଆଜି ବାଟ ଭାଙ୍ଗିଯାଏ,
ରଙ୍ଗିନ ତୁମ ମନଟାକୁ କିଏ
ମୋ'ଠାରୁ ଚୋରେଇ ନିଏ
କହିଦିଅ ଥରେ ଆମର ସେ ପ୍ରେମ
ଥିଲା ସବୁ ମିଛିମିଛି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧


# ଆଲୋଚନା

## ଭୋକର ଯନ୍ତ୍ରଣାରୁ ମୁକ୍ତି କେବେ ?


ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪




ଦେଶରେ ଯଦି କୌଣସି ବ୍ୟକ୍ତି ରାତ୍ରୀରେ ଭୋକରେ ଶୁଏ ତେବେ କହିବାକୁ ହେବ ଯେ ଦେଶର ସୌଭାଗ୍ୟ ଶୋଇପଡ଼ିଲା । କିନ୍ତୁ ଯଦି କେହି ଖାଦ୍ୟାଭାବରୁ ମୃତ୍ୟୁମୁଖରେ ପଡ଼େ ତେବେ କୁହାଯିବ ଯେ ସ୍ୱାଧୀନତାର ୭୫ବର୍ଷ ପରେ ମଧ ଦୁର୍ଭାଗ୍ୟ ଆମ ପିଛା ଛାଡୁନାହିଁ । କୋରନା ମହାମାରୀ ସମୟରେ ଏମିତି ଘଟିଥିଲା । ଏହି ସମୟରେ ହଜାର ହଜାର ଭୋକିଲା ଶ୍ରମିକ ନିଜ ପିଲାଛୁଆମାନଙ୍କୁ ଧରି ଶହ ଶହ କିଲୋମିଟର ଚାଲୁଥିବାର ଦେଖାଯାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଚନ୍ଦ୍ରଶେଖର ତାଙ୍କ ଆତ୍ମକଥାରେ ଲେଖିଛନ୍ତି ଯେ ଯୁଗସ୍ଲୋଭିଆର ଜଣେ ପ୍ରଫେସର ଯିଏ ବିଶ୍ୱର ଶରଣାର୍ଥୀ ମାନଙ୍କ ସମ୍ପର୍କରେ ଗବେଷଣା କରୁଥିଲେ ତାଙ୍କୁ ଖାଦ୍ୟାଭାବ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଯୁଗସ୍ଲୋଭିଆର ପ୍ରଫେସରଙ୍କ ପ୍ରଶ୍ନର ଉତ୍ତରରେ ଚନ୍ଦ୍ରଶେଖର କହିଥିଲେ ଯେ ମହାତ୍ମା ଗାନ୍ଧୀ ମଧ ଦାରିଦ୍ର୍ୟର ଯନ୍ତ୍ରଣାକୁ ଅନୁଭବ କରିଥିଲେ ଯେତେବେଳେ ତାଙ୍କୁ ଦକ୍ଷିଣ ଆଫ୍ରିକାରେ ଅନେକ ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଥିରୁ ପ୍ରେରଣା ପାଇ ସେ ଗରୀବ ଲୋକଙ୍କ ଜୀବନ ସହ ଯୋଡ଼ି ହୋଇଯାଇଥିଲେ । ମହାତ୍ମା ବୁଦ୍ଧଙ୍କର ଅସଲ ଜ୍ଞାନ ସେତେବେଳେ ଉଦୟ ହୋଇଥିଲା ଯେତେବେଳେ ସେ ସୁଜାତାଙ୍କ ଠାରୁ କ୍ଷୀରି ଖାଇବା ପାଇଁ ବାଧ୍ୟ ହୋଇଥିଲେ । ଭୋକର ଯନ୍ତ୍ରଣାକୁ ନବୁଝିଲେ କେହି ଭୋକ ମେଣ୍ଟାଇ ପାରେନାହିଁ ।

କିଛିଦିନ ତଳେ ସୁପ୍ରିମକୋର୍ଟରେ ସାମାଜିକ କାର୍ଯ୍ୟକର୍ତ୍ତା ଅଞ୍ଜଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲା ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ପରିଚାଳନା କରୁଥିଲେ । ମାମଲାଟିର ବିଚାର କରୁଥିଲେ ବିଚାରପତି ଏମ୍.ଆର. ଶାହା ଓ ବିଚାରପତି ହିମା କୋହଲି । ମାମଲାର ଶୁଣାଣୀ କରି ଦୁଇ ବିଚାରପତି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ କେନ୍ଦ୍ର ସରକାର ସୁନିଶ୍ଚିତ କରନ୍ତୁ ଯେ ଦେଶରେ କୌଣସି ବ୍ୟକ୍ତି ଭୋକରେ ଶୋଉନାହିଁ । ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ଖାଦ୍ୟପଦାର୍ଥ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର । ଖଣ୍ଡପୀଠ କୋରନା ମହାମାରୀ ଏବଂ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ସମ୍ବନ୍ଧୀତ ମାମଲାର ଶୁଣାଣୀ କରୁଥିଲେ ।

ଉପନିଷଦର ଏକ ପୌରାଣିକ କଥା ଅନୁସାରେ ଜଣେ ବ୍ରହ୍ମଚାରୀ ଥରେ ଜଣେ ଋଷିଙ୍କ ପାଖକୁ ଯାଇଥିଲେ । ବ୍ରହ୍ମଚାରୀ ଜଣକ ଋଷିଙ୍କୁ କହିଲେ ଗୁରୁବର ମୋତେ ବ୍ରହ୍ମଜ୍ଞାନ ଦିଅନ୍ତୁ । ଋଷି ବ୍ରହ୍ମଚାରୀଙ୍କୁ ଧ୍ୟାନ କରିବାକୁ କହିଲେ । ଅନେକ ସମୟ ଧ୍ୟାନରେ ବସିବା ପରେ ବ୍ରହ୍ମଚାରୀ ଜଣକ ଧ୍ୟାନ ଭାଙ୍ଗି ଠିଆ ହୋଇପଡ଼ିଲେ । ଋଷି ତାଙ୍କୁ ପୁନର୍ବାର ଧ୍ୟାନ କରିବା ପାଇଁ କହିଲେ । କିନ୍ତୁ ସେ ବସି ଧ୍ୟାନ କରିବା ପରିବର୍ତ୍ତେ ଋଷିଙ୍କୁ ଅବଜ୍ଞା କରି ଉଚ୍ଚ ସ୍ୱରରେ ବସି ପାରିବେ ନାହିଁ ବୋଲି କହିବା ସହ ଭୋକରେ ଆଉଟୁପାଉଟୁ ହୋଇଯାଉଥିବା କହିଲେ । ଏପରିକି ତାଙ୍କୁ ଖାଦ୍ୟ (ଅନ୍ନ) ଦରକାର ବୋଲି କହିଲେ । ଋଷି ହସି ହସି କହିଲେ ଯେ ପ୍ରଥମ ପାଠ ହେଉଛି ଅନ୍ନ ହିଁ ବ୍ରହ୍ମ ଏବଂ ଅନ୍ନ ବିନା କିଛି ହୋଇପାରିବ ନାହିଁ । ସେହିପରି ତୈତିରୀୟ ଉପନିଷଦରେ କୁହାଯାଇଛି ଯେ ଅନ୍ନ ହେଉଛି ବ୍ରହ୍ମ । କାରଣ ଅନ୍ନରୁ ହିଁ ସବୁ ପ୍ରାଣୀ ଉତ୍ପନ୍ନ ହୋଇଥାନ୍ତି, ଉତ୍ପନ୍ନ ହୋଇ ଅନ୍ନରେ ହିଁ ଜୀବିତ ରହିଥାନ୍ତି, ଶେଷରେ ସଂସାରରୁ ପ୍ରୟାଣ କରି ପୁଣି ଅନ୍ନରେ ପ୍ରବିଷ୍ଟ ହୋଇଯାଆନ୍ତି ।

୧୮୬୭-୬୮ରେ ପ୍ରଥମେ ଦେଶରୁ ଗରୀବି ଦୂର କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ୧୯୩୮ରେ ସୁବାଷ ଚନ୍ଦ୍ର ବୋଷ ମଧ ସେକଥା କହିଥିଲେ । ୧୯୪୭ରେ ଦେଶ ସ୍ୱାଧୀନ ହେବାବେଳେ ପ୍ରତି ୩ଜଣରେ ଦୁଇଜଣ ଗରୀବ ଥିଲେ । ଏବେ କୁହାଯାଉଛି ଯେ ପ୍ରତି ୩ଜଣରେ ଜଣେ ଗରୀବ । ଦେଶ ସ୍ୱାଧୀନ ହେବା ପରେ ଗରୀବ ହଟାଅ, ଦେଶ ବଞ୍ଚାଅ ଧ୍ୱନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ୧୯୭୪ରେ ଦେଇଥିଲେ । ରାଜୀବ ଗାନ୍ଧୀ ମଧ ଏହି ଧ୍ୱନୀର ପୁନରାବୃତ୍ତି କରିଥିଲେ । ପଞ୍ଚବାର୍ଷିକ ଯୋଜନାରେ ଏହାକୁ ସାମିଲ୍ କରାଯାଇଥିଲା । ଏବେ ବି ଦେଶରେ ଖାଦ୍ୟାଭାବ (ଭୋକ)ରେ ମରୁଥିବା କଥା ନଜରକୁ ଆସୁଛି କିନ୍ତୁ ସରକାର ଘଟଣାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଘଣ୍ଟ ଘୋଡାଇବାର ଉଦ୍ୟମ କରୁଛନ୍ତି । ଏହା ଦୁର୍ଭାଗ୍ୟପୂର୍ଣ୍ଣ ନିଶ୍ଚୟ ।

ଭୋଜନ ହେଉଛି ମନୁଷ୍ୟର ଜନ୍ମସିଦ୍ଧ ଅଧିକାର । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ଏକଥା ଉଠାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାତିସଂଘ ଏ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇ ପ୍ରସଙ୍ଗକୁ ହାତକୁ ନେଇଥିଲା ଓ ୧୯୪୮ରେ ଆର୍ଟିକିଲ୍ -୨୫ ଅନୁସାରେ ଭୋଜନକୁ ଅଧିକାର ଭାବେ ମଞ୍ଜୁରୀ ଦେଇଥିଲା । ସୁଖଦ କଥା ହେଉଛି ସୁପ୍ରିମକୋର୍ଟ ଏବେ ଏ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ମାନ୍ୟବର କୋର୍ଟ ଇ-ଶ୍ରମ ପୋର୍ଟାଲ୍‌ରେ ପଞ୍ଜିକୃତ ପ୍ରବାସୀ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ସଂଖ୍ୟା ବାବଦରେ ତାଜା ରିପୋର୍ଟ ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ମାନ୍ୟବର କୋର୍ଟ କହିଛନ୍ତି ଯେ କେନ୍ଦ୍ର ସରକାର ଏ ପ୍ରସଙ୍ଗରେ କିଛି କରୁନାହିଁ ବୋଲି ଆମେ କହୁନାହୁଁ, କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ ବ୍ୟବସ୍ଥା ଜାରି ରହିଛି । ଶୁଣାଣୀ ବେଳେ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ସରକାର କହୁଛନ୍ତି ଲୋକଙ୍କ ଆୟ ବଢିଛି, କିନ୍ତୁ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସି ଆସିଛି । କଥା ହେଉଛି ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସର ୨୦୨୨ ରିପୋର୍ଟରେ ଭାରତର ସ୍ଥିତି ଖରାପ ବୋଲି ଦର୍ଶାଯାଇଛି । ୧୨୧ଦେଶର ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୦୭ ସ୍ଥାନରେ ରହିଛି । ଆମଠାରୁ ଆମ ପଡ଼ୋଶୀ ବଙ୍ଗଳା ଦେଶ ଓ ନେପାଳର ସ୍ଥିତି ଭଲ ବୋଲି ରିପୋର୍ଟରେ କୁହାଯାଇଛି । ଏବେ ଦେଖିବାକୁ ବାକି ରହିଲା ସେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ପରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଉଛନ୍ତି ଓ ଭାରତ କ୍ଷୁଧାମୁକ୍ତ ଭାରତରେ କେବେ ପରିଣତ ହେଉଛି ?

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ
♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି । -ଲେଖିକା

ଭାଗ-୨୧

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଅଥଚ ଘାଟୀ ପ୍ଲାନରେ ଏସବୁ ଗାଆଁର ହିସାବ ନାହିଁ । ଶୁକୁଟା ମାଝି କହିଉଠିଲା ।

ଘନଶ୍ୟାମ କହିଲେ, ଯେଉଁମାନଙ୍କର ଏକର ଏକର ଜମି, ଖୋଲା ନଈପଠା, ତୋଟାମାଳ, ସମୁଦ୍ରକୂଳରେ ବଢ଼ି ଯେଉଁମାନେ ବଡ଼ ହୋଇଛନ୍ତି, ବିନା ମାଛ, ବିନା ନଡ଼ିଆରେ ଯେଉଁମାନଙ୍କର ଭାତ, ଭୁଜା ଉଠେନାହିଁ, ତାଙ୍କୁ ଦଶଡିସିମିଲର ଜାଗା କେତେ ? ନଡ଼ିଆ, ଗୁଆ ଲଗାଇବା ଲାଗି ଥାନ କାହିଁ ? ମଶିଣାକାଠିର ଖାଡ଼ ଲାଗି, ବରଜ ଲାଗି ଜାଗା ନାହିଁ ।

ଅବଦୁଲ ମିଆଁ କହିଉଠିଲା, କାଲି ଏଇ କଥା ନେଇ ପୋଷ୍ଟ ଅଫିସ୍‌ରେ ଅଶୋକ ମହାନ୍ତି ସାଙ୍ଗରେ ଖୁବ ଲାଗିଗଲା । ଶଳା କଣ୍ଟ୍ରାକ୍ଟରୀ କରି କଳାପଇସାରେ ହାତ ଚିକ୍‌କଣ କଲାଣି ବୋଲି ଆଉ ଇନ୍ଦ୍ର, ଚନ୍ଦ୍ରମାନୁନି । କହୁଛି, ଘାଟୀ ହେଲେ ଆମ ଭାଗ୍ୟ ଖୋଲିଯିବ । ପରିବାର ପିଛା ଗୋଟାଏ ଚାକିରି, ଆଦର୍ଶଗୃହ, ତା ଛଡ଼ା ଆଦର୍ଶ ଗ୍ରାମରେ ଆଦର୍ଶ ପାଠାଗାର, ଆଦର୍ଶ ଖେଳପଡ଼ିଆ....

ଘନଶ୍ୟାମ ଦାସ ଗମ୍ଭୀର ହୋଇଗଲେ ।

କହିଲେ, ଅଶୋକ କହାନ୍ତି, ଗଣେଶ ମାରୁୱାଡ଼ୀ ଏମାନଙ୍କର ତ ଆଉ ଘାଟୀ ଲାଗି ନିଜ ଜାଗା ଯାଉନାହିଁ । ସେମାନେ ନକହିବେ କାହିଁକି ? କାଲି ଶାସକଦଳର ସ୍ଥାନୀୟ ଅଫିସରେ ଯେଉଁ ମିଟିଂ ହୋଇଗଲା, ସେଥିରେ ମୁଁ ଯୋଗ ଦେଇଥିଲି । ମଣିଷ ଆଜିକାଲି ଯେ କେତେ ତଳକୁ ଖସିଗଲାଣି । ଅଶୋକ ମହାନ୍ତି, ବୀରୁ ଜେନା, ଗଣେଶ ମାରୁୱାଡ଼ୀ ଏମାନେ ସମସ୍ତେ କହୁଛନ୍ତି, ଦେଶରକ୍ଷା ଲାଗି ଏହା ଜରୁରୀ । ମୁଁ ପଚାରୁଛି, କି ଦେଶରକ୍ଷା ? କାହାର ଦେଶରକ୍ଷା ? ଦେଶରକ୍ଷା ନାମରେ ଲକ୍ଷେ ତିରିଶିହଜାର ଲୋକଙ୍କୁ ମରଣ ମୁହଁକୁ ଠେଲିଦେବା କେଉଁ ନ୍ୟାୟ ? ଆଉ ତାଛଡ଼ା ଦେଶ ଦେଶ ମଧ୍ୟରେ ଉତ୍ତେଜନା ଅବା ଶତ୍ରୁତାର ଉତ୍ତର ମାରଣାସ୍ତ୍ର ନୁହେଁ । କାରଣ ଏ ଏକ ଭୟଙ୍କର ଖେଳ । ହିଂସା ଦ୍ୱାରା ହିଂସାକୁ ଜିଣିବାକୁ ସ୍ଥିର କଲେ ଏ ପୃଥିବୀରୁ ମାନବ ସଭ୍ୟତା ଲୋପ ପାଇଯିବ ।

ନଟବର ପ୍ରଧାନ କହିଉଠିଲେ, କିନ୍ତୁ ଅଶୋକ ମହନ୍ତିମାନଙ୍କର ସଂଖ୍ୟା ବି ବଢ଼ିଚାଲୁଛି । ଲୋକଙ୍କୁ ସେମାନେ ମିଛ କହି ଭୁଆଁ ବୁଲାଇବାକୁ ଆରମ୍ଭ କରୁଛନ୍ତି । କହୁଛନ୍ତି, ଘାଟୀ କୁଆଡ଼େ କିଛି ବିପଜ୍ଜନକ ଜିନିଷ ନୁହେଁ ବରଂ ଘାଟୀ ହେଲେ ସେମାନଙ୍କର ସୁଖର ସୀମା ରହିବ ନାହିଁ ।

ଅନାଦି ସାହୁ ଏତେବେଳଯାଏ ସବୁ ଚୁପଚାପ ଶୁଣୁଥିଲେ । ସେ କହିଲେ, ହେଲେ ସେମାନେ ଯେ କାମ ଆରମ୍ଭ କଲେଣି । ବାସୁଦେବପୁର, ବେତନା, ଗୁନାପୁର, କଟିସାଇ, ବଡ଼ ସିମୂଳିଆ ଚକବାଲିଆପାଳରେ ଆଦର୍ଶ ଗ୍ରାମ ପାଇଁ ଗରିବ ଲୋକଙ୍କୁ ମୋଟା ଟଙ୍କା ଦେଇ ଜମି କିଣିବାକୁ ଆରମ୍ଭ କଲେଣି । ଏଣେ ଲୋକଙ୍କୁ ପ୍ରଲୋଭିତ କରିବାଲାଗି ବାଲିଆପାଳର ସ୍କୁଲ, କଲେଜମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର କରୁଛନ୍ତି ।

ଘନଶ୍ୟାମ ଦାସ ଶାନ୍ତ କଣ୍ଠରେ ଉତ୍ତର ନେଲେ, ତୁମେସବୁ ଅଟଥାରେ ଭୟ ପାଅନାହିଁ । ଲୋକଙ୍କୁ ଭୁଲାଇବା ଏତେ ସହଜ ନୁହେଁ ।

ମୁହାଣ ପାଖରେ ଗୋଟିଏ ନଡ଼ିଆଗଛରୁ ବର୍ଷକରେ ଯେତିକି ଟଙ୍କା ଆସେ, ସୂତାକଳ ବା ଜୋତା କାରଖାନା କିମ୍ବା ଶିଳ୍ପ ତାଲିମକେନ୍ଦ୍ରର କେଉଁ ଚାକିରି ସେତିକି ଟଙ୍କା ଦେବ ? ଏତେ ଏତେ ନଡ଼ିଆଗଛ, କାଜୁବାଦମ ଗଛ, ବାଉଁଶଗଛ, ପାନବରଜ ଆଉ ଧାନଜମି ଗୋଟାଏ ଚାକିରି ସହିତ ସମାନ ହୋଇଯିବ ? ଆଉ ପରିବାର ପିଛା ଜଣକୁ ଚାକିରି ଯଦି ବା ଦିଅନ୍ତି, ବାକିମାନେ କଅଣ କରିବେ ?

ଟିକେ ରହି ପୁଣି କହିଲେ, ତୁମକୁ ଗୋଟାଏ ଖବର ଦେଇନି । ସୁଧାକର ଗିରିର ଅବସ୍ଥା ସାଂଘାତିକ ବୋଲି କୁଆଡ଼େ ସମସ୍ତେ କହୁଛନ୍ତି ।

ସମସ୍ତେ ଚମକି ଉଠିଲେ, ଏ କଥା ସତ ?

ସମସ୍ତେ ଚୁପଚାପ୍ ହୋଇଗଲେ ।

ଘନଶ୍ୟାମ ଦାସ ପୁଣି କହିଲେ, ଭଗବାନଙ୍କୁ ଡାକ, ସେ ଯେମିତି ଭଲ ହୋଇଯାଏ । ତେବେ ତାର ଯଦି କିଛି ଭଲମନ୍ଦ ହୋଇଯାଏ, ଆମକୁ ଦ୍ୱିଗୁଣ ମନୋବଳ ନେଇ ଆଗେଇଯିବାକୁ ପଡ଼ିବ । ରୋଗବିଛଣାରେ ଶୋଇ ସେ କୁଆଡ଼େ ସବୁବେଳେ ସେଇକଥା କହୁଛି ।

ତାଙ୍କ ପାଟିରୁ କଥାସରିନଥିଲା, ଭୀମପୁରା ଗାଆଁର କିଛି ଝିଅ, ବୋହୂ, ବୁଢ଼ୀ କ୍ଲବଘର ଭିତରକୁ ଲଘୁପାଦରେ ପଶିଆସିଲେ । ଏମାନେ ଘର ଘର ବୁଲି ସରକାରୀ ଅଫିସର ବା ପୋଲିସଙ୍କୁ କିପରି ମୁକାବିଲା କରିବାକୁ ପଡ଼ିବ ବା ହଠାତ୍ ଏକ ଜରୁରୀ ପରିସ୍ଥିତି ଉପୁଜିଲେ କେମିତି କଅଣ କରିବାକୁ ପଡ଼ିବ, ସେ ବିଷୟରେ ଲୋକଙ୍କୁ ତାଲିମ ଦେଉଛନ୍ତି । ତାଛଡ଼ା ବାଲିଆପାଳର ରାସ୍ତାଘାଟରେ ବା ଗାଆଁଗଣ୍ଡାରେ ଗୋଟାଏ ବି ଅଚିହ୍ନା ଲୋକକୁ ସତର୍କ ଆଖିରେ ଦେଖିବାକୁ ନିର୍ଦ୍ଦେଶ ଦେଉଛନ୍ତି ।

ନଖିଦାସ ଦ୍ୱିତୀୟ ଭାରିଯା ସପନୀବୁଢ଼ୀ ସେମାନଙ୍କର ନେତୃତ୍ୱ ନେଇଛି ।

ଷାଠିଏ ବର୍ଷର ସେଇ ବୁଢ଼ୀ, ଯା'ର ଜୀବନର ଅଧେରୁ ବେଶି ସମୟ ଆପଣା ବାଡ଼ି ଭିତରେ କଟିଛି, ସେ ଆଜି ଭୋକଶୋଷ ଭୁଲି ଗାଆଁ ଗାଆଁ ବୁଲୁଛି । ଘରଦ୍ୱାର ହରାଇ ଭିକାରୀ ହୋଇ ରାସ୍ତାରେ ବୁଲିବାର ଭୟରେ ଜୀବନ୍ତ ଅବସ୍ଥାରେ ଥିବା ସବୁ ଚାଷୀ, ବରଜିଆଙ୍କ ପ୍ରାଣରେ ପୁଣି ବଞ୍ଚିବାର ପ୍ରେରଣା ଦେଉଛି ।

ଶିରିଆ ପ୍ରଧାନ ଉପରେ ଥିବା ସବୁ ରାଗ ବୁଢ଼ୀ ଭୁଲିଯାଇଛି । କାରଣ ସେ ବୁଝିଛି, ତା ଶ୍ୱଶୁର ଲଗାଇ ଯାଇଥିବା ଆମ୍ବଗଛ ତା ପଛା କିମ୍ବା ଶିରିଆ ପଧାନ ପଚାରେ ରହିବା ଅପେକ୍ଷା ଡାଳମୂଳସହ ରହିବା ବଡ଼କଥା । ପ୍ରାଣ ଥିଲେ ସିନା ଶତ୍ରୁତା ।

କଣ୍ଟେଇପୁର, ପାଟପୁର, ଗଡ଼ ମୁକୁନ୍ଦପୁର, ନଛିପୁର, ଗାଆଁ ପରେ ଗାଆଁ, କେତେ କେତେ ଆମ୍ବ, ନଡ଼ିଆ, ଗୁଆ, ଗଦାମ୍ବ ଗଛ ସେଇ ଶାଗୁଆ ଭୂଇଁ, କେତେ କେତେ ଧାନବିଲ, କଦଳୀବାଡି, ପାନ ବରଜର ସେଇ ଲକ୍ଷ୍ମୀମନ୍ତ ମାଟି ବୁଢ଼ୀ ସକାଳୁ ସଞ୍ଜଯାଏ କ୍ଷେପିଯାଉଛି । ମନରେ ତାର ଗୋଟାଏ ସଂକଳ୍ପ, କେମିତି ଏ ମାଟି ସେମାନଙ୍କର ହୋଇ ରହିବ ।

ବୟସଭାରରେ ଅଣ୍ଟା ନଇଁଯାଇ ନିଜେ ଭଲ ଚାଲିପାରୁନଥିବା ସପନୀବୁଢ଼ୀ ଆଜି ଶହ ଶହ ଝିଅବୋହୂଙ୍କୁ ବାଟ କଢ଼ାଇନେଉଛି । ଘାଟୀରକ୍ଷାର ସଂକଳ୍ପ ହିଁ ଆଜି ବୁଢ଼ୀର ଏକମାତ୍ର ଯଷ୍ଟିଦଣ୍ଡ ।

### ॥ ତେଇଶ ॥

ଆନ୍ଦୋଳନ କ୍ରମଶଃ ତେଜିଉଠୁଛି । ଘାଟୀକୁ ବିରୋଧ କରି କେବଳ ଓଡ଼ିଶାର ପୁରପଲ୍ଲୀରୁ ନୁହେଁ, ସାରା ଭାରତର ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର କ୍ରମଶଃ ଆହୁରି ଉଚ୍ଚ ଏବଂ ସ୍ପଷ୍ଟ ହୋଇ ଉଠୁଛି । କେବଳ ବାଲିଆପାଳ କିମ୍ବା ବାଲେଶ୍ୱର ନୁହେଁ, ଦୀଘା, କଲିକତା, ଆଦି ସ୍ଥାନରେ ଆନ୍ଦାଳନକାରୀ ବାଲିଆପାଳ ଗ୍ରାମବାସୀଙ୍କୁ ସମବେଦନା ଜଣାଇ ବିଭିନ୍ନ ସଭା ହେଉଛି । ଦେଶର ବିଶିଷ୍ଟ ବୁଦ୍ଧିଜୀବୀ, ଲେଖକ, ବୈଜ୍ଞାନିକମାନେ ଏଥିରେ ଯୋଗ ଦେଇ ପ୍ରସ୍ତାବିତ କ୍ଷେପଣାସ୍ତ୍ରଘାଟୀର ଦୃଢ଼ ନିନ୍ଦା କରି ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେବାକୁ ଯାଉଥିବା ବାଲିଆପାଳବାସୀଙ୍କୁ ସମବେଦନା ଜଣାଉଛନ୍ତି ।

ବାଲିଆପାଳରେ ଘାଟୀ ବିରୋଧୀ ସମାବେଶ ଘନ ଘନ ହେଉଛି । ଲକ୍ଷ ଲକ୍ଷ ଲୋକ ଏଥିରେ ଯୋଗ ଦେଉଛନ୍ତି ।

ଦେଶରେ ବିଭିନ୍ନ ସଭାସମିତି, ରାଜନୈତିକ ଦଳ ତରଫରୁ ଘାଟୀ ପ୍ରତିଷ୍ଠାକୁ ନିନ୍ଦା କରି ଶହ ଶହ ଆଲୋଚନାଚକ୍ର ହେଉଛି ।

ସରକାର ଅଟଳ ।

ଖରାଦିନର ନିଆଁଝୁଲ ଭଳି ଏ ଆନ୍ଦୋଳନ କ୍ରମଶଃ ମାତିଚାଲିଛି । ଗାଆଁରେ ଗଢ଼ିଉଠୁଛି ମରଣସେନା । ପ୍ରତିଟି ଗାଆଁର ଅସଂଖ୍ୟ ଝିଅବୋହୂ, ପିଲା ଯୁବକ, ବୁଢ଼ାବୁଢ଼ୀ ଏ ସେନାରେ ସାମିଲ ହୋଇଯାଉଛନ୍ତି ।

କାଲୁପଦାଠାରେ ପ୍ରସ୍ତାବିତ ଘାଟୀ ଅଞ୍ଚଳକୁ ଯିବା ପାଇଁ ରାସ୍ତା ବନ୍ଦହୋଇରହିଛି, ବାଲିଆପାଳବାସୀ ଭୋକଶୋଷ ଭୁଲିଯାଇଛନ୍ତି ।

ଦିନ ନାହିଁ, ରାତି ନାହିଁ, ଝଡ଼ ନାହିଁ, ଦୁର୍ବିପାକ ନାହିଁ, ସେମାନେ କାଲୁପଦା ଚେକଗେଟରେ ପହରା ଦେଇ ଚାଲିଛନ୍ତି ।

ସପନୀବୁଢ଼ୀ, ଉମା ଅବା ଶୁକୁଟା ମା ଭଳି ସେଇ ନୀରିହ, ଶାନ୍ତ ଗାଉଁଲୀ ସ୍ତ୍ରୀ ଲୋକମାନେ ବିପ୍ଳବର ଗୋଟାଏ ଗୋଟାଏ ରଢ଼ନିଆଁ ହୋଇଯାଇଛନ୍ତି ।

ଗାଆଁ ଗାଆଁରେ ନିଆଁ ଲାଗିଯାଉଛି । ପ୍ରାଣରେ ପ୍ରାଣରେ ନିଆଁ ଲାଗିଯାଉଛି ।

ଅନ୍ୟପକ୍ଷରେ ବାଲିଆପାଳର କେତେକ ରାଜନୈତିକ 'ନେତା' ବ୍ୟବସାୟୀ ସରକାରଙ୍କୁ ସମର୍ଥନ କରି ଚାଲିଛନ୍ତି । ଗଣେଶ ମାରୁୱାଡ଼ୀ, ଅଶୋକ ମହାନ୍ତିଙ୍କ ଭଳି ବ୍ୟକ୍ତିମାନେ, ତୋଷାମଦ ଓ ରାଜନୀତି ଯେଉଁମାନଙ୍କର ମୁଖ୍ୟ ଜୀବିକା, ସେମାନେ ଘାଟୀ ସପକ୍ଷରେ ମିଥ୍ୟା ପ୍ରଚାର କରିଚାଲିଛନ୍ତି ।

ଉଦବାସ୍ତୁଙ୍କ ଲାଗି ହେଉଥିବା ଆଦର୍ଶ ଗୃହମାନଙ୍କର ଠିକା ସେମାନେ ପାଇଛନ୍ତି ।

ଦେଭୋଗଠାରେ ହଜାର ହଜାର ଟଙ୍କା ବ୍ୟୟରେ ଉଦବାସ୍ତୁଙ୍କ ଲାଗି ସୂତାକଳ ଓ ହସପିଟାଲର ନିର୍ମାଣକାର୍ଯ୍ୟ ଆଗେଇ ଚାଲିଛି । ଶହ ଶହ ଏକର ଏକର ଧାନବିଲ ଇଟା, ବାଲି, ସିମେଣ୍ଟ, ଲୁହାଛଡ଼, ପଥରରେ ପୋତି ହୋଇଯାଉଛି ।

ବାଲେଶ୍ୱରରେ ଉଦବାସ୍ତୁଙ୍କ ପୁନର୍ବାସ ଓ ଥାଇଥାନ ଲାଗି ବିଭିନ୍ନ ଅଫିସ ଗଢ଼ି ଉଠୁଛି । ଘାଟୀ ଅଞ୍ଚଳ ଜବରଦସ୍ତ ଦଖଲ କରିବା ପାଇଁ ଅଧିକରୁ ଅଧିକ ସଂଖ୍ୟକ ପୋଲିସ ବାଲେଶ୍ୱରରେ ମୁତୟନ ହେଉଛନ୍ତି । ସରକାର ଘନଘନ ଗୋପନ ମନ୍ତ୍ରଣା କରୁଛନ୍ତି । ବାଲିଆପାଳ, ବାଲେଶ୍ୱରରେ ମାଛଦର, ପରିବାଦର ହୁତହୁତ ହୋଇ ବଢ଼ିଚାଲିଛି ।

ସରକାରୀ ଦଳରେ ଯିଏ ବାଲିଆପାଳବାସୀଙ୍କୁ ସାମାନ୍ୟ ସମର୍ଥନ ବା ସମବେଦନା ଜଣାଉଛି, ତାକୁ ଦଳରୁ ତୁରନ୍ତ ବହିଷ୍କାର କରାଯାଉଛି ।

ଘାଟୀର କୋକୁଆଭୟରେ ବାଲେଶ୍ୱରବାସୀଙ୍କ ସମେତ ନୀଳଗିରିବାସୀ ମଧ ପ୍ରମାଦ ଗଣୁଛନ୍ତି, ନିଜ ପାଇଁ ଯେତିକି ନୁହେଁ, ପୁଅନାତିଙ୍କ ଲାଗି ବେଶି ।

ବିଜ୍ଞାନରେ ପୃଥିବୀର ସବୁଠୁଁ ଉନ୍ନତ ଦେଶ କୁହାଯାଉଥିବା ଦେଶମାନଙ୍କରେ କ୍ଷେପଣାସ୍ତ୍ର ଭୁଲରେ ବିସ୍ଫୋରିତ ହୋଇଯାଉଛି, ରଣ-କୌଶଳ ଦେଖାଉଁ ଦେଖାଉଁ ବିମାନ ଜଳି ଦର୍ଶକଙ୍କ ଉପରେ ଖସିପଡୁଛି, ସେମାନଙ୍କର ଉନ୍ନତ କାରିଗରୀ କୌଶଳ ତୁଳନାରେ ଭାରତ ତ ଶିଶୁ ।

ଚାନ୍ଦିପୁରରେ ମଧବର୍ତ୍ତୀକାଳିନ କ୍ଷେପଣାସ୍ତ୍ର ପରୀକ୍ଷାକେନ୍ଦ୍ର ନେଇ ମଧ ଲୋକଙ୍କ ମଧରେ ଆତଙ୍କର ଶେଷ ନାହିଁ ।

ଦେଶର ବୁଦ୍ଧିଜୀବୀଗଣ ଏ ଅନ୍ଧ ନିଷ୍ପତ୍ତି ବିରୁଦ୍ଧରେ ସରକାରଙ୍କୁ ଚେତାବନୀ ଦେଇଚାଲିଛନ୍ତି । ପୃଥିବୀର ସବୁ ଦେଶ ଅଳ୍ପ ଜନବସତି ଥିବା, ଅଧା ମରୁ ଅଞ୍ଚଳ କିମ୍ବା ଦ୍ୱୀପରେ କ୍ଷେପଣାସ୍ତ୍ର ଘାଟୀ ପ୍ରତିଷ୍ଠା କରିଥିବାର ନଜୀର ଦେଇ ଲକ୍ଷେ ତିରିଶହଜାର ଲୋକଙ୍କ ଜୀବନ ନେଇ ନ ଖେଳିବାକୁ ସତର୍କ କରି ଚାଲିଛନ୍ତି । ଇତିହାସର ନଜିର ଦେଉଛନ୍ତି, କୌଣସି ଦେଶ ଏପରି ଜନାକୀର୍ଣ୍ଣ ତଥା ଉର୍ବର ମାଟିରେ ଘାଟୀ ପ୍ରତିଷ୍ଠା କରିନାହିଁ । (କ୍ରମଶଃ)



# କୁନିଦୀପ

## ଅନୁବାଦ ଗପ

ମୂଳ ହିନ୍ଦୀ : ଅଶ୍ୱିନୀ ଭାର୍ଗବ

### ନଗେନ୍ଦ୍ର ନାଥ ପଟ୍ଟନାୟକ



ବିରାଟ କୋଠାଘର ପଛପଟେ ନିର୍ମିତ ହୋଇଥିଲା ସରକାରୀ କ୍ୱାଟରସ୍ । କ୍ୱାର୍ଟରସ୍ ବା କଣ, ଜିର୍ଣ୍ଣଶୀର୍ଣ୍ଣ ଓ ଭଙ୍ଗାଦଦରା ଝୁମ୍ପୁଡିଟିଏ । ବିଶାଳ ଭବନର କାମଧନ୍ଦାରେ ନିୟୋଜିତ ଝୁମକୁ ସପରିବାର ରହୁଥିଲା ସେଇଠି । ସେଦିନ ପବିତ୍ର ପର୍ବ ଦୀପାବଳି । ଆଲୋକମାଳାରେ ଦାଉ ଦାଉ ହୋଇ ଝଟକୁଥିବା ବଲ୍‌ର ଝାଲର ସବୁ ସଜେଇ ହୋଇଥିଲା ବୋହୂବେଶ ଭଳି । ଶୁଭ ପ୍ରଦୀପ ବି ଭବନ ଚାରିପଟ ପାଚେରିରେ ସୁସଜ୍ଜିତ ହୋଇ ରହିଥିଲା । ଝୁମକୁର ଝୁମ୍ପୁଡିରେ ବି ଆଲୋକ ଖେଳି ହୋଇ ଯାଇଥିଲା , କିନ୍ତୁ ଅଳ୍ପ କେତୋଟି ପ୍ରଜ୍ୱଳିତ ଦୀପରେ । ସେ ଭିତରୁ କୁନିଦୀପଟେ ଥୁଆ ହୋଇଥାଏ ଝୁମ୍ପୁଡିର କାଠଫ୍ରେମ ଉପରେ । ପବନର ବେଗ ସତ୍ତ୍ୱେ ବି ମିଂଜି ମିଂଜ ଜଳୁଥିବା କୁନିଦୀପଟି ସାହସ ଜୁଟାଇ ନିଜସ୍ୱ ସାମର୍ଥ୍ୟ ମୁତାବକ ଆଲୋକ ବୁଣି ଦେଉଥିଲା ଆଖାପାଖ ଜାଗା ଉପରେ ।

ଠିକ୍ ସେତିକିବେଳେ କୁନିଦୀପର ନଜର ପହଁରିଗଲା ଭବନର ସୁଉଚ୍ଚ ପାଚେରି ଉପରେ ଥୁଆ ହୋଇଥିବା ଦୀପଟି ଉପରେ । ସେଇ ଏକା କଳେବର, ଏକା ଆଲୋକ ଆଉ ଏକା ମାଟି ....। ଖାଲି ଯାହା ଟିକେ ବଡ ଆକୃତିରେ । କଣ ଭାବିଲା କେଜାଣି କୁନିଦୀପଟି ବିରାଟ କୋଠାଘର ଉପରେ ବସିଥିବା ଦୀପକୁ ବଡ ପାଟିରେ ଡାକ ଛାଡିଲା । ଭବନର ଦୀପଟି ବଡ ଦର୍ପର ସହ ଦୃଷ୍ଟି ନିକ୍ଷେପ କଲା ତଳକୁ । ତାଛଲ୍ୟଭରା ସ୍ୱରରେ କହିଲା -କଣ କହୁଛୁ ଜଲଦି କହ ! କୁନିଦୀପଟି ବିନମ୍ର ଭାବେ କହିଲା -ଭାଇ କେମିତି ଅଛ ? ଲାଗୁଛି ତୁମେ ଆମର ପରିବାର ସଦସ୍ୟ ଭଳି । ସେଥିପାଇଁ ପଦେ ଅଧେ କଥା ହେବାକୁ ମୋର ଭାରି ଇଛା । ଉତର ଫେରାଇଲା ବେଳେ କୋଠାଘର ଦୀପଟି ଓଠରେ ସାମାନ୍ୟ କୁଟିଳ ହସ ଉଛୁଳାଇଲା । ବଡିମା ଦେଖାଇ କହିଲା -ଆମେ ଦୁହେଁ ଗୋଟେ ପରିବାରର ହୋଇପାରିବା କେମିତି ? ମୁଁ କୋଉଠି ଆଉ ତୁ କୋଉଠି . . . .। ତୁ ଆଉ ମୁଁ ମଧ୍ୟରେ ତ ମେଳ ଖାଉନି । ସେ ପୁଣି ନଜର ଘୂରାଇଲା । କୁନିଦୀପଟି ବିଚରା ମୁହଁ ଶୁଖାଇଲା ସିନା ହେଲେ କିଛି କହିଲାନି । ଏବେ ତହିଁରେ ଥିବା ତେଲ ସରି ସରି ଆସୁଥିଲା । ସେ ଶେଷ ନିଃଶ୍ୱାସ ନେଲା ଆଉ ଶେଷକୁ ଧୂଆଁ ଧାସ ଝାଡି ଶାନ୍ତ ହୋଇଗଲା । ବିରାଟ କୋଠାଘରର ଦୀପଟିରେ ଏବେବି ତେଲ ଥିଲା । ଖାସ୍‌କରି ସେହି ଗର୍ବ, ଅଭିମାନରେ ସେ ଏବେସୁଦ୍ଧା ଆଲୁଅ ବୁଣୁଥିଲା ।

ରାତି ପାହି ଫର୍ଚ୍ଚା ହୋଇ ଯାଇଥିଲା । ଦୀପ ସବୁ ଲିଭି ଯାଇଥିଲେ । ଭବନ ସଫାସୁତରା କରୁଥିଲା ଝୁମକୁ । ରାତିସାରା ଧରାକୁ ସରା ମଣି ଜଳୁଥିବା କୋଠାଘର ଦୀପଟି ଶେଷରେ ପାଚେରୀରୁ ଖସିପଡିଲା ଝୁମ୍ପୁଡି ବାହାରେ ଥିବା ଖୋଲାମେଲା ଜାଗାରେ । ଟୁକୁଡା ଟୁକୁଡା ଭାଙ୍ଗିରୁଜି ଯାଇ ବିଛେଇ ହୋଇ ପଡିଲା ଚାରିଆଡେ । ପାଖରେ କୁନିଦୀପଟି, କିନ୍ତୁ ସେ ସ୍ଥିର ଆଉ ଅଭଙ୍ଗା । କାହିଁକିନା ସେ ଭୂମି ଉପରେ ଥୁଆ ହୋଇଥିଲା ମାଟି ସହ ଯୋଡିହୋଇ ।


♥ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯ ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ଆଫଗାନି ନାରୀଙ୍କ ଆଖିରେ ଲୁହ



ମିନତୀବାଳା ସମାନ୍ତରାୟ

ସ୍ୱର୍ଗୀୟ ପୃଥିବୀରେ ନାରୀ ଓ ପୁରୁଷ ବିଶ୍ୱସ୍ରଷ୍ଟାଙ୍କର ଅମୃତ ସୃଷ୍ଟି । ଜଣଙ୍କ ବିନା ଅନ୍ୟଟି ଅଧୁରା । ନାରୀ ଓ ପୁରୁଷ ସଂସାର ରୂପକ ରଥର ଚଳମାନ ଚକଦୁଇଟି ସଦୃଶ । ସାଧାରଣତଃ ନାରୀ ବିନା-ଘର, ପରିବାର, ସଂସାର, ଜଗତ ସବୁ ଅସଜଡ଼ା । ସେ ଏକାଧାରାରେ ଜାୟା, ଜନନୀ ଓ ଭଗିନୀ । ନାରୀର କଲ୍ୟାଣରେ ଦେଶ, ଜାତି ଓ ବିଶ୍ୱର କଲ୍ୟାଣ । ଶିକ୍ଷିତା ନାରୀ ହିଁ ଦେଶ ଓ ବିଶ୍ୱ ପ୍ରଗତିର ମୁଖ୍ୟ ସହାୟିକା । ଯଥାର୍ଥରେ ମହର୍ଷି ମନୁ ଲେଖିଛନ୍ତି :-

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତାଃ ।'

ଏବଂ ଇତିହାସ ପ୍ରସିଦ୍ଧ ମହାନାୟକ ନେପୋଲିୟନ୍‌ଙ୍କ ଉକ୍ତିଟି ମଧ୍ୟ ନିଆଯାଇପାରେ- "The Future desting of the child is always the works of the mother."

ଯେଉଁଠି ନାରୀଙ୍କୁ ଏତେ ମର୍ଯ୍ୟଦାର ସ୍ଥାନ ପ୍ରଦାନ କରାଯାଇଛି ସେଠି ଆଜି ନାରୀ ଏକ ଉପଭୋଗ୍ୟାର ପାତ୍ରୀଟିଏ ହୋଇ ଆଫଗାନିସ୍ତାନରେ ଶିକ୍ଷା ଓ ସଭ୍ୟତାରୁ ବଞ୍ଚିତ ହୋଇ ନିଜର ଭାଗ୍ୟକୁ ନିନ୍ଦା କରୁଛି ।

ଆଫଗାନର ତାଲିବାନ୍ ଶାସକର ନାରୀ ବିରୋଧୀ ହୀନମାନସିକତା ବ୍ୟାପକ ହେଉଛି । ବିଶ୍ୱର ଗ୍ଲୋବପଟୁ ନିନ୍ଦା ଓ ସମାଲୋଚନାର ସ୍ୱର ତୀବ୍ର ହେଉଥିଲେ ମଧ୍ୟ ନିଜ ମହିଳା ବିରୋଧୀ ଘୃଣ୍ୟ ଚିନ୍ତାଧାରାରୁ ବିଚ୍ୟୁତ ହେବାକୁ ଚାହୁଁ ନାହିଁ । ଦୀର୍ଘ ଅଠରମାସ ହେବ ଦେଶର ସ୍କୁଲ୍ ଓ କଲେଜରେ ତାଲା ପକାଇଥିବା ତାଲିବାନ୍- ପୁଣି ଆଉ ଏକ ବର୍ବରତା ପୂର୍ଣ୍ଣ ଚରମସୀମାକୁ ସ୍ପର୍ଶ କରିଛି । ସେଠାରେ ମହିଳାମାନଙ୍କର ବିଶ୍ୱବିଦ୍ୟାଳୟ ଶିକ୍ଷାରେ ନାଲିଗାର ଟାଣିଛି । ଏହା ନାରୀମାନଙ୍କ ମନରେ ଆତ୍ମାରେ ଅସହିଷ୍ଣୁତାର ସ୍ୱର ସୃଷ୍ଟି କରିଥିବା ବେଳେ ଆନ୍ତର୍ଜାତିକ ସ୍ତରରେ ତୀବ୍ର ସମାଲୋଚନାର ଶିକାର ହୋଇଛି । ତଥାପି ତାଲିବାନ୍ ନିର୍ଲ୍ଲଜତାର କାଠଗଣ୍ଡିର ଆବରଣ ମଧ୍ୟରେ ରହି ନିଜ ପାପ ପଙ୍କିଳ କୁତ୍ସିତ ଚିନ୍ତାଧାରାରେ ଅଟଳ ରହିଛି ।

ଆଫଗାନିସ୍ତାନର ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ - ଦକ୍ଷିଣ ଓ ମଧ୍ୟ ଏସିଆର ଏକ ଚର୍ଚ୍ଚିତ ଦେଶ ହେଉଛି ଆଫଗାନିସ୍ତାନ । ଏହାର ଦକ୍ଷିଣରେ ପାକିସ୍ତାନ ପୂର୍ବରେ ଇରାନ୍ ପଶ୍ଚିମରେ ତୁର୍କପେରିସ୍ତାନ, ଉଜ୍‌ବେକିସ୍ତାନ୍ ଓ ତାଜିକ୍‌ସ୍ତାନ ଓ ଉତ୍ତରରେ ଚୀନ । ହିନ୍ଦୁକୁଶ ପର୍ବତ ଏହାର ମଝିରେ ରହି ଏହାକୁ ଦୁଇଭାଗ କରୁଅଛି । ଉତ୍ତରରେ ପାହାଡ଼ୀ ଇଲାକାକୁ ଦକ୍ଷିଣରେ ରହିଛି ରେଜିସ୍ତାନ ଭଳି ଶୁଷ୍କ ମରୁଅଞ୍ଚଳ । ଏହାର ସରକାରୀ ନାମ 'ଇସ୍‌ଲାମିକ୍ ଷ୍ଟେଟ୍ ଅଫ୍ ଆଫଗାନିସ୍ତାନ୍' । ଏହାର ରାଜଧାନୀ କାବୁଲ । କ୍ଷେତ୍ରଫଳ 'ଛ'ଲକ୍ଷ ବାଉନ ହଜାର ଦୁଇଶହ ତିରିଶି ବର୍ଗ କି.ମି. । ସ୍ୱାଧୀନତା ଦିବସ ପ୍ରାପ୍ତ ୧୯୧୯ ମସିହା ଅଗଷ୍ଟ ୯ତାରିଖ । ସୂଚନାଯୋଗ୍ୟ ସୋଭିଏତ୍ ରୁଷ୍ ବ୍ରିଟିଶ୍‌ଠାରୁ ୧୯୧୯ରେ ଆଫଗାନିସ୍ତାନକୁ ସ୍ୱାଧୀନତା ପ୍ରଦାନ କରିଥିଲେ ମଧ୍ୟ ଏବେ ଏହାକୁ ତାଲିବାନ୍‌ମାନେ ନିଜର ଅଧିକାରକୁ ନେଇଛନ୍ତି । ରାଷ୍ଟ୍ରର ମୁଖ୍ୟ ରାଷ୍ଟ୍ରପତି । ଏହାର ମୁଦ୍ରାର ନାମ ଆଫଗାନ୍ ଅଟେ । ଏହା ଏକ ଉନ୍ନତ ଉତ୍ପାଦନଶୀଳ ରାଷ୍ଟ୍ର ନୁହେଁ । କାରଣ ପ୍ରାୟତଃ ୧୨% ଜମିରେ ଚାଷ କରାଯାଏ । ଜଳର ସମସ୍ୟା ଏଠାରେ ମୁଖ୍ୟ ଅଟେ । ଏହା ପ୍ରାକୃତିକ ଗ୍ୟାସ ଓ ତୈଳପାଇଁ ସମୃଦ୍ଧ ଓ ପ୍ରଗତିଶୀଳ । ବିଶ୍ୱରେ ୯୦% ଭାଗ ଅଫିମ ଏଠାରେ ଚାଷ କରାଯାଏ । ଏହି ଅଫିମରୁ ହିଁ ଡ୍ରଗ୍‌ସ୍ ପ୍ରସ୍ତୁତ କରାଯାଇଥାଏ । ଯେଉଁଥିରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସନ୍ତ୍ରାସବାଦୀ ମାନେ ଜଡ଼ିତ । ସେମାନେ ଏହି ବେପାରରେ ନିଜକୁ ସମୃଦ୍ଧ କରିଥାନ୍ତି । ପାହାଡ଼ୀ ଇଲାକା ହେତୁ ଏହି ଚାଷ ଏବଂ ବେପାର ବିଶ୍ୱଠାରୁ ଲୁଚାଇବାକୁ ସୁରକ୍ଷିତ ସ୍ଥାନ ଅଟେ । ବିଶେଷତଃ ରାସ୍ତାର ଡାହାଣ ପାର୍ଶ୍ୱରେ ଯିବାର ନିୟମ ଏଠାରେ ଦେଖାଯାଏ ।

ଆଫଗାନିସ୍ତାନରେ ରାଜନୈତିକ ପୃଷ୍ଠଭୂମି ବହୁ ଜଟିଳ ଅବସ୍ଥାଦେଇ ବହୁ ପୂର୍ବରୁ ଗତି କରିଆସୁଅଛି । ପୂର୍ବରୁ ପରୋକ୍ଷରେ ବା ପ୍ରତ୍ୟକ୍ଷରେ କେହି ନା କେହି ବହିଃରାଷ୍ଟ୍ର ଏହାକୁ ଶାସନ କରିଥାନ୍ତି । ଏହାର ଇତିହାସ ହିଁ ସାକ୍ଷୀ । ଏଠାରେ ଶାସନ କରିବା ସହଜ, କିନ୍ତୁ ତିଷ୍ଠି ରହିବା ସହଜ ନୁହେଁ । ଇତିହାସରୁ ଜଣାଯାଏ- ଆଲେକ୍‌ଜାଣ୍ଡାର୍ ଦି ଗ୍ରେଟ୍ ଭାରତୀୟ ମୌର୍ଯ୍ୟବଂଶ ମୁସଲିମ୍, ଆରବ ମୋଗଲ, ବ୍ରିଟିଶ, ସୋଭିଏତ୍ ରୁଷ୍ ଏବଂ ୨୦୦୧ରେ ନାଟୋ ଓ ୟୁନାଇଟେଡ୍ ଷ୍ଟେଟ୍ ଏମାନେ ଏଠାରେ ପ୍ରଭାବ ବିସ୍ତାର କରି ପୁଣି ଫେରିଯାଇଛନ୍ତି । ଯୁଗେ ଯୁଗେ ଏହି ଦେଶ ବହିଃଶତ୍ରୁ ଆକ୍ରମଣରୁ ନିଜକୁ ରକ୍ଷା କରି ଆସୁଅଛି ।

ଯଦି ଆମେ ପୁଣି ମୂଳ ପ୍ରସଙ୍ଗକୁ ଫେରିଆସିବା ତେବେ ଦେଖିବା ଆଜି ଆଫଗାନି ଆକାଶରେ ଅଶାନ୍ତିର ବହ୍ନି ଜାଳୁଛି ତାଲିବାନ୍ । ଏବଂ ଆଫଗାନି କାନ୍ଦୁଛି ତାଲିବାନ୍ ପାଇଁ । ନାରୀମାନଙ୍କ ଉପରେ ଲାଗୁଛି କଡ଼ା ପ୍ରତିବନ୍ଧକ । ବିଶ୍ୱବିଦ୍ୟାଳୟର ଶିକ୍ଷା ଲାଭ ମହିଳାମାନଙ୍କୁ ମନା । ଏହା ମା' ଦୋଷ, ନାଁ ମାଟିର ଦୋଷ-ନାଁ ଭାଗ୍ୟର ଦୋଷ ? ଏହି ନିଷ୍ପତ୍ତି ବିରୋଧରେ ଓହ୍ଲାଉଛନ୍ତି ଶହ ଶହ ମହିଳା ରାଜରାସ୍ତାକୁ । ତାଲିବାନ୍‌ର ନିଷ୍ପତ୍ତିକୁ ସାରା ବିଶ୍ୱରେ ନିନ୍ଦା କରାଯାଉଛି । ଏହା କେବଳ ଆଫଗାନିସ୍ତାନର ନାରୀ ପାଇଁ ନୁହେଁ, ସାରା ବିଶ୍ୱର ନାରୀମାନଙ୍କ ପାଇଁ ଅପମାନ ସୂଚକ ।

"A No Country for Women" ହିଁ ତାଲିବାନ୍ କ୍ଷମତାସୀନ ହେଲା ପରେ ଏଠି ଏମିତି ଗୋଟେ ଗୋଟେ ଘଟଣା ଘଟୁଛି-ଯାହାକୁ ବର୍ତ୍ତମାନ ସମୟରେ କୌଣସି ସଭ୍ୟ ସମାଜ ଗ୍ରହଣ କରିପାରିବ ନାହିଁ । ମା' ଏଠି ଏହି ମାଟିରେ ନିଜ ଗର୍ଭରୁ ଝିଅଟିଏ ଜନ୍ମ ଦେଇଥିବାରୁ ନିଜ ଭାଗ୍ୟକୁ ନିନ୍ଦୁଛି । ଏଠି ଉଭୟ ମା' ଓ ଝିଅ ନିଷ୍ପେଷିତା ସେହି ଶାସନର କଳଙ୍କମୟ ରାଜନୀତିର ପଶାପାଲିରେ ଉଭୟ ନିନ୍ଦୁଛନ୍ତି ନିଜ ଭାଗ୍ୟ, ଭଗବାନ୍ ଓ କର୍ମକୁ । ଏଠି ରାଜରାସ୍ତାକୁ ଓହ୍ଲାଇଛନ୍ତି ନିଜର ମୌଳିକ ଅଧିକାର ଶିକ୍ଷା ଲାଭ ପାଇଁ । ରାଜରାସ୍ତାରେ ସାମ୍ନା କରୁଛି ବର୍ବର ତାଲିବାନ୍‌ର ରକ୍ତଭିଜା ଗରମ ଗୁଳିର ପ୍ରହାର । ଏ ଦୃଶ୍ୟ ବିଶ୍ୱବାସୀଙ୍କୁ କରିଦେଇଛି ସ୍ତବ୍ଧ । ବିଶ୍ୱର ଗ୍ଲୋବପଟୁ ଛୁଟୁଥିବା ଭର୍ତ୍ସନା ଓ କଟୁକ୍ତିରେ ମଧ୍ୟ ତାଲିବାନ୍ ଯୁଦ୍ଧରୁନି ।

ସାମ୍ପ୍ରତିକ ସମୟରେ ଆଫଗାନିସ୍ତାନ ଉଚ୍ଚଶିକ୍ଷା ମନ୍ତ୍ରାଳୟ ଜାରି କରିଛନ୍ତି । ଦେଶର କୌଣସି ମହିଳା ସରକାରୀ ବା ଘରୋଇ ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରିପାରିବେ ନାହିଁ । ଏହି ପ୍ରସ୍ତାବ ବିରୁଦ୍ଧରେ ଆହୃତ ଜାତିସଂଘରେ ଏହା ବିରୋଧରେ ଉଭୟ ଆମେରିକା ଓ ବ୍ରିଟେନ୍ ରାଷ୍ଟ୍ରଦୂତ ତୀବ୍ର ବିରୋଧ ଓ ନିନ୍ଦା କରିଛନ୍ତି । ଏହା ମାନବାଧିକାର ଓ ବ୍ୟକ୍ତି ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ସହିତ ନାରୀ ସମାଜ ପ୍ରତି ହୀନମନ୍ୟତା ଅଟେ । ଯଦି ତାଲିବାନ୍ ସରକାର ଏପରି ନିୟମ ପ୍ରୟୋଗ କରେ, ତାହା ହେଲେ ଆନ୍ତର୍ଜାତିକ ସମୁଦାୟର ସଦସ୍ୟ ହେବାର ସମ୍ଭାବନା ନାହିଁ ବୋଲି ସଫା ସଫା ଶୁଣାଇ ଦେଇଛି ଆମେରିକା । ଆଫଗାନିସ୍ତାନର ଏପରି ନିଷ୍ପତ୍ତି ଉପରେ ଭାରତ ମଧ୍ୟ ଗଭୀର ନିନ୍ଦା ପ୍ରକାଶ କରିଛି । ବିଶ୍ୱର ଗ୍ଲୋବିଥିବାରୁ ନିନ୍ଦାର ସ୍ରୋତ ଛୁଟିଥିଲେ ମଧ୍ୟ ନିର୍ଲଜ ତାଲିବାନ୍ ସରକାରର ଉଚ୍ଚଶିକ୍ଷାମନ୍ତ୍ରୀ ମହମ୍ମଦ ନଦୀମ୍ ରଖୁଛି ଅବାନ୍ତର ଯୁକ୍ତି । ତାହା ହେଲା, 'ଇସ୍‌ଲାମ୍ ସରକାର ରଖିବା ନିୟମକୁ ମହିଳା ଶିକ୍ଷାର୍ଥୀମାନେ ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି । ବିବାହଉତ୍ସବକୁ ଯିବା ଭଳି ଉଦ୍ଦାମପୂର୍ଣ୍ଣ ପୋଷାକ ପରିଧାନ କରି ଆସୁଛନ୍ତି । ଏପରିକି 'ହିଜାବ୍' ବ୍ୟବହାର କରେ ନାହିଁ । ଗତ ୧୪ ମାସ ଧରି ଅନୁଧ୍ୟାନ କଲାପରେ ସରକାର ଏପରି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।'

ତା'ର ଅନ୍ୟ ଏକ ଅଜବ ଯୁକ୍ତି ଥିଲା ଯେ, 'ବିଜ୍ଞାନ, ଇଞ୍ଜିନିୟରିଂ, ପ୍ରାଣୀଧନ ଚିକିତ୍ସା, ଡାକ୍ତରୀ ଚିକିତ୍ସା, ଡାକ୍ତରୀ ଓ ଅର୍ଥନୀତି ଆଦି କ୍ଷେତ୍ରରେ ପାଠ ପଢ଼ିବା ଏହା ମହିଳାମାନଙ୍କ ସମ୍ମାନ ଓ ଆଫଗାନିସ୍ତାନ ସଂସ୍କୃତି ସହ ମେଳ ଖାଉ ନାହିଁ । ଏତଦ୍ ସହ ସର୍ବସାଧାରଣ ପାର୍କ, ଜିମ୍, ସୁଇମିଂପୁଲ୍ ନାରୀମାନଙ୍କ ପାଇଁ ସଂପୂର୍ଣ୍ଣ ନିଷେଧ ।' ନଦୀ କିଆ ପୋଖରୀରେ ମହିଳାମାନଙ୍କର ଗାଧୋଇବାକୁ ମଧ୍ୟ ବାରଣ କରାଯାଇଛି । ଆଫଗାନିସ୍ତାନରୁ ଆମେରିକା ୪ବର୍ଷ ହେବ ନିଜର ସୈନ୍ୟ ପ୍ରତ୍ୟାହାର କରିନେବାପରେ ଏହାର ସଂପୂର୍ଣ୍ଣ କ୍ଷମତାକୁ କବ୍‌ଜା କରିଛି ତାଲିବାନ୍ ।

କୁହାଯାଇପାରେ ଯେ,୧୯୯୬ରେ ତାଲିବାନ୍‌ଙ୍କର ଲିଡ଼ର ଥଲା-ମୁହା ମର୍ । ଯିଏ କି ୫୦ ଜଣ ଛାତ୍ରଙ୍କୁ ନେଇ ଗଠିତ ହୋଇଥିଲା ସେ ସଙ୍ଗଠନ । କିଛି ପାକିସ୍ତାନୀ ଆଡଙ୍କ ମଧ୍ୟ ତାଙ୍କ ସହ ଯୋଗ ଦେଇଥିଲେ । ପରୋକ୍ଷରେ ଆମେରିକା ଏହାକୁ ତିଆରି କରିଥିଲା ବୋଲି କୁହାଯାଏ । ତାଲିବାନ୍ ଖାଲି ଆଫଗାନିସ୍ତାନରେ ଅଶାନ୍ତି ସୃଷ୍ଟି କରି ନଥିଲା, ଏହା ମଧ୍ୟ ଦେଶର ସିନେମା, ଟିଭି, ଫଟୋଗ୍ରାଫି, ଗୁଡ଼ି ଉଡ଼ାଇବା, ଚିତ୍ର ଆଙ୍କିବା ବିଶେଷତଃ ନାରୀଶିକ୍ଷା ବନ୍ଦ କରିବା ଆଦି ଆଇନ କରିଥିଲା । ତେଣୁ ବିଶ୍ୱରେ ଏହା ନାରୀ ଅତ୍ୟାଚାରିତ ଦେଶ ରୂପେ କଳଙ୍କ ଟୀକା ପିନ୍ଧିଛି ।

ଏଠାରେ ୯୦% ଝିଅ ନିଜର ଇଚ୍ଛା ବୋଲି କିଛି ଜାଣନ୍ତି ନାହିଁ । ଶିକ୍ଷର ବିକାଶରେ ମୁଖ୍ୟ ପ୍ରତିବନ୍ଧକ ତାଲିବାନ୍‌ର ଆତଙ୍କରାଜ ।

(ଅବଶିଷ୍ଟାଂଶ ପୃଷ୍ଠା ୬ରେ)

♥ ସହକାରୀ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚବିଦ୍ୟାଳୟ, କଣାସ, ପୁରୀ
ମୋ-୮୩୨୮୯୪୯୭୮୯

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୪୦

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହ୍ନୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଦନେଇ ଭାଇ ସୁସୁରି ସାଥେ
ମାଧ ବଇଁଶୀ ନାଦ
ଆମ୍ବ ତୋଟାର ଗହଳ ଡାଳେ
କୋଇଲି ସାଥେ ବାଦ । ୪୧୬ ।

ବୀଣା ଅପାର ସ୍ୱେଟର ବୁଣା
ପୋଟଳ ଚିରା ଆଖି
ଟୋକା ତ ଟୋକା ତା ରୂପ ଦେଖି
ବୁଢ଼ା ବି ଯିବେ ଲାଖି । ୪୧୭ ।

ପଢ଼ିଆ ପାଖ ମନ୍ଦିର ପରେ
ଗାଆଁର ପାଠ ଘର
ସେଇଠି ପାଠ ପଢ଼ାଉଛନ୍ତି
କୁନି ଅପାରବର । ୪୧୮ ।

ପୁରିଆ ପାଇଁ ଚାଳିଆ ଘରେ
ଝିଅ ବୋହୂଙ୍କ ମେଳ
ବେଳ ଗଡ଼ିଲେ ପାଲଟି ସାରି
ଲାଗଇ ପୁଚି ଖେଳ । ୪୧୯ ।

ସାଳନ୍ଦୀ ନଈ ଯାଉଛି ବହି
ଭଉଁରୀ ଖେଳି ଖେଳି
ତା' ଉପକଣ୍ଠେ ଗାଁ ମଶାଣି
ଦୁଃଖକୁ ଦିଏ ଜାଳି । ୪୨୦ ।

ପୋରୁହାଁ ରବି ଗାଆଁରେ ବୁଣେ
କେତେ କଅଁଳ ଖରା
ଅସ୍ତରାଗେ ଗାଆଁ ଆକାଶେ
ଫୁଟି ପଡ଼ନ୍ତି ତରା । ୪୨୧ ।

ଶାଗୁଆ ଶାଢ଼ୀ ଗାଆଁଟା ପିନ୍ଧେ
ଉଢ଼େ ସୋରିଷ ଫୁଲ
କନକ ଗୋରୀ ଚହଟ ଚମ୍ପା
ଅମୂଲ ତାର ମୂଲ । ୪୨୨ ।

ଗାଆଁରୁ ଦିଶେ ନୀଳ ପର୍ବତ
ଛଇଳ ବନ ଛବି
ମେଲା ଆକାଶ ଶୁଣାଏ ଗୀତ
ସଜାଇ ମୋତେ କବି । ୪୨୩ ।

ପଥରେ ଗଢ଼ା ମନ୍ଦିର ତାର
ଶୁଭ୍ର ସଉଧ ମାଳା
ଝୋଟି ଚିତାରେ ସଜାଏ ତାକୁ
ସରଳା ପଲ୍ଲୀବାଳା । ୪୨୪ ।

ପଲ୍ଲୀ ଘୋଷା କୃଷ୍ଣ ବେଣୀ
ଶିଉଳି ସମ ଗଭା
କମ୍ର ତା'ର ନମ୍ର ଦେହୁ
ଉକୁଟି ଉଠେ ଆଭା । ୪୨୫ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

୫୪


## ॥ ଜତୀନ୍ ଦାସ-୩ ॥

ସାନଭାଇ ମୃତଶରୀରକୁ ଲାହୋରରୁ କଲିକତା ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା କଲାବେଳକୁ ଜତୀନ୍ ଏପଟେ ବଳିଦାନ ପାଇଁ ନିଜକୁ ପ୍ରସ୍ତୁତ କରି ସାରିଥାନ୍ତି । ତାଙ୍କ ମନରେ ସାମାନ୍ୟ ପଶ୍ଚାତାପର ଭାବ କି ଭୟର ଲେଶ ମଧ୍ୟ ନଥାଏ । ଭଗତସିଂହଙ୍କୁ ବି ପଛରେ ଛାଡ଼ି ଆଗକୁ ବଢ଼ି ଯାଇଥିବାର ସଫଳତାରେ ସେ ଥାଆନ୍ତି ଉଲ୍ଲସିତ । ତାଙ୍କ ଲକ୍ଷ୍ୟର ଏତେ ନିକଟବର୍ତ୍ତୀ ହୋଇ ସାରିଥାନ୍ତି ଯେ ସେଇଠୁ ଲେଉଟି ସେ ପଛକୁ ଚାହିଁବା ବି ଆଉ ସମ୍ଭବ ନଥାଏ । ଏଇ ସୁମାର୍ଗରୁ ତାଙ୍କୁ କେହି ସାମାନ୍ୟ ବିଚଳିତ କରୁ ବୋଲି ବି ଜତୀନ୍ ଚାହୁଁ ନଥାନ୍ତି ।

ଲାହୋର ରେଳଷ୍ଟେସନ୍‌ର ଅଧିକାରୀ, କିରଣଦାସଙ୍କୁ ଜଣାଇ ଦିଅନ୍ତି ମୃତ ଶରୀରକୁ କଲିକତା ନେବାପାଇଁ ୬୦୦ ଟଙ୍କା ଭଡ଼ା ବାବଦରେ ଖର୍ଚ୍ଚ ହେବ ବୋଲି । ଶବକୁ ସୁରକ୍ଷିତ ରଖିବା ପାଇଁ ଯେଉଁସବୁ ଔଷଧର ଆବଶ୍ୟକତା ରହିଛି ତାହାର ବ୍ୟବସ୍ଥା ରେଳ ବିଭାଗ ପକ୍ଷରୁ କରାଯିବ । ବଙ୍ଗଳା କଂଗ୍ରେସ୍‌ର ପ୍ରଧାନ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କୁ କିରଣଦାସ ଟେଲିଗ୍ରାମ କରିବାରୁ ସେ ସ୍ୱେଚ୍ଛାରେ ସେତକ ରାଶି ଲାହୋର ପଠାଇ ଦିଅନ୍ତି । ଜତୀନ୍‌ଙ୍କ ଶବଯାତ୍ରା ପାଇଁ ବଙ୍ଗଳାରୁ ପଇସା ଆସିଥିବାର କଥା ଖବରକାଗଜରେ ପ୍ରକାଶିତ ହେବାରୁ ପଞ୍ଜାବର ଲୋକେ ତାହାର ବିରୋଧ କରିବାକୁ ଲାଗନ୍ତି । ଜତୀନ୍ କ'ଣ କେବଳ ବଙ୍ଗଳାର ? ପଞ୍ଜାବର କ'ଣ ଏଇ ମହାନ୍ କ୍ରାନ୍ତିକାରୀଙ୍କ ସହିତ କୌଣସି ସମ୍ପର୍କ ନାହିଁ ? ପଞ୍ଜାବୀମାନେ କ'ଣ ଅର୍ଥ ବ୍ୟବସ୍ଥା କରିବାକୁ ଅପାରଗ ? ବଙ୍ଗଳାରୁ ଅର୍ଥ ଆସିବା ଥିଲା ପଞ୍ଜାବ ପାଇଁ ଘୋର ଅପମାନର କଥା । କିରଣଦାସଙ୍କୁ ସମସ୍ତେ ଅନୁରୋଧ କରନ୍ତି ବଙ୍ଗଳାରୁ ଆସିଥିବା ପଇସା ଫେରାଇ ଦେବାପାଇଁ । କାହାକୁ ପଇସା ମାଗିବାର ଆବଶ୍ୟକତା ନାହିଁ । ସ୍ୱେଚ୍ଛାରେ ପଞ୍ଜାବ ପ୍ରାନ୍ତର ଲୋକେ କିରଣଦାସଙ୍କ ନାଁରେ ଚେକ୍ କାଟି ତାଙ୍କ ପାଖକୁ ପଠାଇବାକୁ ଲାଗନ୍ତି । ଏସବୁ ଦେଖି ପଞ୍ଜାବୀଙ୍କ ଭାବନାକୁ ସମ୍ମାନ ଦେବାକୁ ବାଧ୍ୟ ହୁଅନ୍ତି କିରଣଦାସ । ଟ୍ରିବ୍ୟୁନ୍‌ର ସମ୍ପାଦକ ବାବୁ କାଳିନାଥ ରାୟଙ୍କୁ ସେ ବଙ୍ଗଳାରୁ ଆସିଥିବା ପଇସା ଦେଇ ଦିଅନ୍ତି ନେତାଜୀଙ୍କୁ ଫେରାଇ ଦେବାପାଇଁ ।

ଏବେ ଉଭୟ ସରକାର ଓ ପୋଲିସ ବିଭାଗର ଚିନ୍ତା ବଢ଼ି ଯାଇଥାଏ । ସେମାନେ ଚାହୁଁଥାନ୍ତି ଜତୀନ୍‌ଙ୍କ ଅନ୍ତିମ ସଂସ୍କାର ଲାହୋରରେ କରି ଚିତାଭସ୍ମକୁ କଲିକତା ପଠାଇ ଦେବାପାଇଁ । ମୃତ ଦେହ କଲିକତା ନିଆଗଲେ ଜନସାଧାରଣଙ୍କ ଭିତରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଂକା ଥାଏ । ଲୋକେ ଉତ୍‌କ୍ଷିପ୍ତ ହୋଇ ହିଂସାକାଣ୍ଡ ମଧ୍ୟ ଘଟାଇ ପାରନ୍ତି । ଶବ ନ ନେବା ପାଇଁ ରେଳବିଭାଗକୁ ନିର୍ଦ୍ଦେଶ ଦେବାରୁ ସେମାନେ ତାହା ମାନିବାକୁ ରାଜି ହୁଅନ୍ତି ନାହିଁ । ଯଦି ଉଚିତ୍ ଭଡ଼ା ମିଳୁଛି ତେବେ ସେମାନେ ମନା କରିବେ କାହିଁକି ।

ଲାହୋରରୁ ପ୍ରକାଶିତ ପ୍ରତ୍ୟେକ ଖବରକାଗଜରେ ଜତୀନ୍‌ଙ୍କ ବିଷୟରେ ଲେଖାମାନ ପ୍ରତିଦିନ ପ୍ରକାଶିତ ହେଉଥାଏ । ସରୋଜିନୀ ନାଇଡୁଙ୍କ ଅଧ୍ୟକ୍ଷତାରେ ପ୍ରାନ୍ତୀୟ କଂଗ୍ରେସ କମିଟିର ବୈଠକରେ ଅନଶନକାରୀଙ୍କ ସାହସର ପ୍ରଶଂସା କରାଯିବା ସହ ଜତୀନ୍‌ଙ୍କ ଅନ୍ତିମ ସଂସ୍କାର ପାଇଁ ୧୦୧ ଟଙ୍କା ସହଯୋଗ ରାଶି ପ୍ରେରଣ କରାଯାଏ । ସେପ୍ଟମ୍ବର ୭ ତାରିଖ ବେଳକୁ ତାଙ୍କ ଶରୀରର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ତଥା ଘନ ଘନ ବାନ୍ତି ହେବାରୁ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼େ । ପୂର୍ବ ଗୋଟିଏ ସପ୍ତାହ ହେଲା ସେ ଭଲଭାବରେ ଶୋଇ ପାରି ନଥାନ୍ତି । ହଲିବାକୁ ବି ଆଉ ତାଙ୍କର ଶକ୍ତି ନଥାଏ । କିଛିଦିନ ହେଲା ପୁଣି ସେ ପାଣି ପିଇବା ଛାଡ଼ି ଦେଇଥାନ୍ତି । ଏଭଳି ଅବସ୍ଥାରେ ସାରା ଦେଶ ଖୁବ୍ ଚିନ୍ତିତ ହୋଇ ପଡ଼େ ତାଙ୍କ ପାଇଁ । ସମସ୍ତଙ୍କ ଧ୍ୟାନ ତାଙ୍କରି ଆଡ଼କୁ । ୧୦ ତାରିଖ ବେଳକୁ ସ୍ଥିତି ଆହୁରି ଖରାପ । ଜୀବନର ଚିହ୍ନ ହିଁ ଲୁପ୍ତ ହୋଇ ସାରିଥାଏ ତାଙ୍କ ଅନେକ ଅଙ୍ଗରୁ । ମସ୍ତିଷ୍କକୁ ରକ୍ତପ୍ରବାହ ଖୁବ୍ କମିଯାଇଥାଏ । ତାଙ୍କ କହିବା ଓ ଦେଖିବା ଶକ୍ତି ମଧ୍ୟ ଲୋପ ପାଇଯାଇଥାଏ । ଅନ୍ୟ ଅନଶନକାରୀଙ୍କ ଅବସ୍ଥା ବି ତଦ୍ରୂପ । କାହାକୁ ଭୀଷଣ ଜ୍ୱର ହେଉଥାଏ ତ କିଏ କରୁଥାଏ ରକ୍ତବାନ୍ତି । ୧୨ ତାରିଖରେ ପୁଣି ପ୍ରବଳ ଜ୍ୱର ଆସେ ଜତୀନ୍‌ଙ୍କୁ । ହୃତ୍‌ସ୍ପନ୍ଦନ କେତେବେଳେ ବୃଦ୍ଧି ପାଏ ତ କେତେବେଳେ ପୁଣି ହେଉଥାଏ ଅନିୟମିତ । ସେ ଭିତରେ ଖୁବ୍ ଅସ୍ଥିରତା ଅନୁଭବ କରନ୍ତି । ରହି ରହି କାଶ ଉଠାଉଥାଏ । ତଥାପି ବିଚାରଶକ୍ତି ଥାଏ ତୀକ୍ଷ୍ଣ । ତାଙ୍କୁ ଅଳ୍ପ ସମୟ ବ୍ୟବଧାନରେ ଚାମୁଚେ ଚାମୁଚେ କରି ଗ୍ଲୁକୋଜ୍ ମିଶା ପାଣି ପିଆ ହେଉଥାଏ । ଅବଶ୍ୟ ପାଣିରେ ଗ୍ଲୁକୋଜ ମିଶାଯାଇଥିବା କଥା ତାଙ୍କୁ ଜଣାଯାଇ ନଥାଏ ।




ପୁଣି ଆସେ ଅନ୍ତିମ ଦିନ, ସେପ୍ଟେମ୍ବର ୧୩ ତାରିଖ । ଜତୀନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଥାଏ ପୂର୍ବଦିନ ପରି । ଦୃଷ୍ଟିଶକ୍ତି ବି ଲୋପ ପାଇଯାଇଥାଏ । ହଠାତ୍ ସେ ବିଛଣା ପାଖରେ ଠିଆ ହୋଇଥିବା ତାଙ୍କ ଭାଇଙ୍କ ଆଡ଼କୁ ଆଖି ବୁଲାନ୍ତି । ଅନେକ ବେଳ ସେଇ ଅବସ୍ଥାରେ ଅନେଇ ରହନ୍ତି ଯେମିତି ଶେଷଥର ପାଇଁ ସେ ଭାଇକୁ ଆଖି ପୂରେଇ ଦେଖୁଛନ୍ତି । ଭାଇକୁ ପାଖକୁ ଆସିବାକୁ ଇଙ୍ଗିତ ଦିଅନ୍ତି । ଖୁବ୍ କ୍ଷୀଣ ସ୍ୱରରେ ଗୁଣୁଗୁଣୁ ହୋଇ କହନ୍ତି, "ମୁଁ ନିଜକୁ ଭାରତୀୟ ବୋଲି ଭାବେ । ବଙ୍ଗାଳୀ ହେଲେ ବି ମୁଁ ସାରା ଭାରତର । ମୋତେ ଲାହୋରର କାଳିବାଡ଼ିରେ ଦାହ କରିବାକୁ ନେବନି । ଅନ୍ତିମ ସଂସ୍କାର ବେଳେ ପଞ୍ଜାବୀଙ୍କ ଭାବନାକୁ ବି ବିଚାର କରିବ । ସେମାନେ ମୋତେ ଖୁବ୍ ଭଲ ପାଆନ୍ତି....." ତାଙ୍କ କଥାରୁ ଅନୁମାନ କରି ଏତକ ହିଁ ବୁଝି ପାରନ୍ତି କିରଣଦାସ । ବାକି ଅନେକ ଅବୁଝା ରହିଯାଏ । ସେତିକିରେ ଧଇଁସଇଁ ହୋଇ ଚୁପ୍ ହୋଇଯାଆନ୍ତି ଜତୀନ୍ । ବିଜୟ କୁମାର ସିହ୍ନା ଧାଇଁଆସି ତାଙ୍କ ନାଡ଼ି ପରୀକ୍ଷା କରିବାକୁ ଲାଗନ୍ତି । ଆସ୍ତେ ଆସ୍ତେ ତାହା କମି ଆସୁଥାଏ । ବୋଧହୁଏ ଅନ୍ତିମ ମୁହୂର୍ତ୍ତ ଆଗତପ୍ରାୟ । କିରଣଦାସ ଧାଇଁଯାଇ ଡା. ଗୋପୀଚନ୍ଦ ଭାର୍ଗବ ଓ ଜେଲ୍ ଅଧୀକ୍ଷକଙ୍କୁ ଫୋନ କରି ତୁରନ୍ତ ଆସିବାକୁ କହନ୍ତି । ସେ ଦାଦାଙ୍କ ପାଖକୁ ଫେରିଲା ବେଳକୁ ରହି ରହି ତାଙ୍କର ହିଚ୍‌କି ଆସୁଥାଏ । ଜତୀନ୍ ପୂର୍ବରୁ କହିଥାନ୍ତି ତାଙ୍କ ଅନ୍ତିମ ସମୟରେ ରବୀନ୍ଦ୍ରନାଥଙ୍କ 'ଏକ୍‌ଲା ଚଲୋ' ଗୀତ ସମସ୍ତେ ମିଶି ଗାଇବେ ବୋଲି । କିରଣଦାସ ଓ ବିଜୟ ସିହ୍ନା ମିଶି ଏଇ ଗୀତ ଗାଆନ୍ତି ତାଙ୍କ ବିଛଣା ପାଖରେ ଠିଆହୋଇ । ଏକ୍‌ଲା ଚାଲିବା ସତରେ କି କଷ୍ଟ ! କେହି କ'ଣ କେବେ ଜତୀନ୍‌ଙ୍କ ଭଳି ଏକ୍‌ଲା ଚାଲିବାର କଳ୍ପନା ବି କରିପାରିବ ? କେମିତି ଥିବ ସେଇ ବିଦାୟର ମୁହୂର୍ତ୍ତ ? କେମିତି ଥିବ ସେଇ ଗୀତର କରୁଣ ସ୍ୱର ? ଲାହୋର ସେଣ୍ଟ୍ରାଲ୍ ଜେଲ୍ ଭିତରେ ସେଦିନର ଗାନ ଶୁଣି ଧନ୍ୟ ହୋଇଯାଇଥିବ ସେଇ କବିତା । ଧନ୍ୟ ହୋଇଯାଇଥିବେ ସେଇ କବିତାର ରଚୟିତା । ଏତିକିବେଳେ ଜେଲ୍ ଅଧୀକ୍ଷକ ଓ ଡାକ୍ତର ପହଞ୍ଚିଯାଆନ୍ତି । ସାଥୀର ମୃତ୍ୟୁ ଖବର ଶୁଣି ଅନ୍ୟ କଏଦୀମାନେ କାଳେ ଜେଲ୍ ଭିତରେ ହଙ୍ଗାମା କରି ପାରନ୍ତି ଭାବି ପ୍ରଥମେ ସମସ୍ତଙ୍କୁ ବ୍ୟାରେକ୍ ତଥା କୋଠରୀମାନଙ୍କରେ ବନ୍ଦ କରିଦିଆଯାଏ । ପୋଲିସ୍‌ର ଏଭଳି କାର୍ଯ୍ୟ ଦେଖି ଜେଲ୍‌ରେ ସଜା କାଟୁଥିବା ପଞ୍ଜାବର ଦେଶଭକ୍ତ ମାଷ୍ଟର ମୋତିସିଂହ ବୁଝି ଯାଆନ୍ତି ଜତୀନ୍‌ଙ୍କ ବଳିଦାନର ସମୟ ଉପସ୍ଥିତ ହୋଇଯାଇଥିବା କଥା । ସେ ବ୍ୟାରେକ୍ ଭିତରୁ ସିଂହନାଦ କରି 'ଯତୀନ୍ଦ୍ରନାଥ ଜିନ୍ଦାବାଦ୍' ବୋଲି ସ୍ଲୋଗାନ ଦିଅନ୍ତି । ତାଙ୍କ ଭୀମଗର୍ଜନ ଶୁଣି ସେଠାକାର ପ୍ରତ୍ୟେକ କଏଦୀ ଜୋର୍‌ରେ ସ୍ଲୋଗାନ ଦେବାସହ ଜୟଜୟକାର କରିବାକୁ ଲାଗନ୍ତି । ତାହା ଶୁଣି ଜେଲ୍ ବାହାରେ ମଧ୍ୟ ଲୋକେ ଜାଣି ଯାଆନ୍ତି ଜତୀନ୍‌ଙ୍କ ଶହୀଦ୍ ହେବା ଖବର । ଫାଟକ ପାଖରେ ଅନେକ ଲୋକଙ୍କ ସମାଗମ ଦେଖି ପୋଲିସ୍ ମୁତୟନ କରିବାକୁ ବାଧ୍ୟ ହୁଅନ୍ତି ଜେଲ୍ କର୍ତ୍ତୃପକ୍ଷ । କିରଣଦାସ ଲାଲ ଗୋଲାପର ଫୁଲ ପାଇଁ ବରାଦ କରନ୍ତି । ଜତୀନଙ୍କ ଲାଲ ଗୋଲାପକୁ ଭାରି ଶ୍ରଦ୍ଧା । ସେ କହିଥିଲେ ତାଙ୍କ ମୃତ ଶରୀର ଉପରେ ଗୋଟିଏ ହେଲେ ସେଇ ଫୁଲ ରଖିବାକୁ । ସକାଳୁ ସେତେବେଳଯାଏ କିରଣ ପାଣି ଟୋପାଏ ବି ପିଇ ନଥାନ୍ତି । ବସିରହିଥାନ୍ତି ଚାତକ ସମ । ଦେଖୁଥାନ୍ତି ଅନ୍ତିମ ଯାତ୍ରାରେ ପ୍ରସ୍ଥାନ କରୁଥିବା ଦାଦାଙ୍କୁ । କେତେ ଭୟାବହ ଥିଲା ସେଇ ସମୟ । ଦ୍ୱିପହର ଗୋଟାଏ ବେଳକୁ ସମ୍ପୂର୍ଣ୍ଣ ନିଃସ୍ପନ୍ଦ ହୋଇଯାଏ ଶରୀର । ତାଙ୍କ ମୁଣ୍ଡଟିକୁ କୋଳରେ ସେତେବେଳଯାଏ ଧରି ବସିଥାନ୍ତି କିରଣ । ଆଖିରୁ ଲୁହ ଝରାଇବାକୁ ଶକ୍ତ ବାରଣ କରିଥାନ୍ତି ବଡ଼ଭାଇ ।

ଜେଲ୍‌ର ସମସ୍ତ ଔପଚାରିକତା ସମାପ୍ତ ହେବାପରେ ଜତୀନ୍‌ଦାସଙ୍କ ମରଶରୀରକୁ କାନ୍ଧରେ କାନ୍ଧେଇ ଜେଲ୍ ବାହାରକୁ ଆଣନ୍ତି, ଡା. ମୁହମ୍ମଦ ଆଲାମ୍, ଡା. ସୈଫୁଦ୍ଦିନ୍ କିଚ୍‌ଲୁ, ସରଦାର ସାର୍ଦ୍ଦୁଳ ସିଂହ କବିଶର, ଡା. ବନାରସୀ ଦାସ, ସରଦାର କିଶନସିଂହ ଓ ଲାଲା ଦୁଲୀଚନ୍ଦ୍ । ବଟୁକେଶ୍ୱର ଦତ୍ତଙ୍କ ଭଉଣୀ ପ୍ରମିଳା ଓ ଦୁର୍ଗାଭାବୀ ଫାଟକ ବାହାରେ ଉପସ୍ଥିତ ଥାଆନ୍ତି । ଜେଲ୍ ଫାଟକ ବାହାରେ ପ୍ରାୟ ୨୫,୦୦୦ ଲୋକ ଏକତ୍ରୀତ ହୋଇଥାନ୍ତି । ସଭିଙ୍କ ମନରେ ଦୁଇଟି ମାତ୍ର ଆଶା, ଥରେ ଶହୀଦ୍‌ଙ୍କୁ ଆଖି ପୂରାଇ ଦେଖିବାର ତଥା ତାଙ୍କ ଶବାଧାରକୁ ଥରେ କାନ୍ଧ ଲଗାଇବାର । ସାରା ଲାହୋର ସହର ବନ୍ଦ ହୋଇଯାଇଥାଏ ସେଦିନ । ଚାରିଆଡ଼େ ଶୋକର ଲହର । ଲୋକେ ଖୁବ୍ ଜୋଶ୍‌ରେ ଥାଆନ୍ତି । ଶୋଭାଯାତ୍ରା ଜେଲ୍ ରୋଡ଼ରୁ ବାହାରି ଲିଟନ୍ ରୋଡ୍, ପୁରାନୀ ଅନାରକଲୀ, ମାଲ୍‌ରୋଡ଼ ଛକ, ଲାହୋରୀ ଗେଟ୍, ସୁତ୍ତରମଣ୍ଡି ଦେଇ ଦିଲ୍ଲୀ ଗେଟ୍‌ରେ ପହଞ୍ଚିବାକୁ ପାଞ୍ଚଘଣ୍ଟା ଲାଗିଯାଏ । ଲୋକେ କିରଣଦାସଙ୍କୁ ବି କାନ୍ଧରେ ଉଠାଇ ଚାଲିଥାନ୍ତି । କୋଉଠି ଦେଶପ୍ରେମୀ ଗୀତର ରେକର୍ଡ଼, କୋଉଠି ବ୍ୟାଣ୍ଡବାଜା ଓ କୋଉଠି ଲୋକେ ଛାତି ପିଟି ଆପଣା ଶୋକ ବ୍ୟକ୍ତ କରୁଥାନ୍ତି ଭାରତମାତାର ଲାଡ୍‌ଲା ବେଟା ପାଇଁ । ଜତୀନ୍ ବଙ୍ଗାଳୀ ଥିଲେ କିନ୍ତୁ ଲାହୋରର ସେଇ ବିଶାଳ ଶୋଭାଯାତ୍ରା ଦେଖି ଲାଗୁଥିଲା ଯେମିତି ସେ ସେଇ ପଞ୍ଜାବର ବୀରପୁତ୍ର । ଶୋଭାଯାତ୍ରା ସରିବା ପରେ ମ୍ୟୁନିସିପାଲ୍ ପଡ଼ିଆରେ ଏକ ଶୋକସଭାର ଆୟୋଜନ କରାଯାଏ । ଉଚ୍ଚ ପିଣ୍ଡା ଉପରେ ଶବଟିକୁ ରଖାଯାଇ ତା'ଉପରେ ଚାଲିଥାଏ ନିରନ୍ତର ପୁଷ୍ପବୃଷ୍ଟି । ସେଇଠୁ ରେଳଷ୍ଟେସନ୍ ଆଡ଼େ ମୁହାଁନ୍ତି ସମସ୍ତେ । ଡା. ଗୋପୀଚନ୍ଦ ଭାର୍ଗବ ପୁଷ୍ପ ଅର୍ପଣ କରି ସାରିବା ପରେ ଶବଟିକୁ ଏକ ପେଟିକା ଭିତରେ ସୁରକ୍ଷିତ ରଖାଯାଏ । ୧୪ ତାରିଖ ସକାଳୁ ଟ୍ରେନ୍ ଲାହୋରରୁ ଦିଲ୍ଲୀ ଅଭିମୁଖେ ବାହାରେ । ସେତେବେଳକୁ ପ୍ଲାଟଫର୍ମରେ ସୋରିଷ ପକାଇବାକୁ ଜାଗା ନାହିଁ । ଶହୀଦଙ୍କ ଜୟଜୟକାରରେ ଗଗନ ପବନ ପ୍ରକମ୍ପିତ । ଟ୍ରେନ୍ ବଗିରେ ଶବପେଟିକାକୁ ଘେରି ବସିଥାନ୍ତି କିରଣଦାସ, ଅବିନାଶଚନ୍ଦ୍ର ବାଲୀ, ମୋହନଲାଲ ଗୌତମ୍, ପ୍ରମିଳା, ଦୁର୍ଗାଭାବୀ ଓ ତାଙ୍କ ଶିଶୁପୁତ୍ର ଶଚିନ୍ । ସକାଳୁ ବାହାରି ସନ୍ଧ୍ୟା ବେଳକୁ ଟ୍ରେନ୍ ପହଞ୍ଚେ ଦିଲ୍ଲୀ । ବାଟସାରା ପ୍ରତ୍ୟେକ ଷ୍ଟେସନ୍‌ରେ ଲୋକେ ଜମା ହୋଇ ଜୟଜୟକାର କରୁଥାନ୍ତି । ସମସ୍ତେ କାନ୍ଦି କାନ୍ଦି ବିଦାୟ ଜଣାଉଥାନ୍ତି ତାଙ୍କ ଆଦରର ଜତୀନ୍‌ଙ୍କୁ । ଦିଲ୍ଲୀରେ ଶୋକସଭାର ଆୟୋଜନ କରାଯାଇଥାଏ । ମଥୁରା ଷ୍ଟେସନରେ ବି ସେଇଭଳି ସ୍ଥିତି । ସେଠୁ ଗାଡ଼ି ଛାଡ଼ିଲା ବେଳକୁ ହଠାତ୍ ଦୁଇଜଣ ଅପରିଚିତ ଗାଡ଼ି ଭିତରକୁ ପଶିଆସି କିରଣଦାସଙ୍କୁ କୁଣ୍ଢେଇ ପକାନ୍ତି । ତାଙ୍କୁ କିଛି ସମୟ ସାନ୍ତ୍ୱନା ଦେବାପରେ ସେମାନେ ଯାଆନ୍ତି ଜତୀନ୍‌ଙ୍କ ଶବପେଟିକା ପାଖକୁ । ତାଙ୍କୁଣି କାଢ଼ି କିଛି ସମୟ ଶହୀଦ୍‌ଙ୍କୁ ଚାହିଁ ରହିବା ପରେ ଆଖିରୁ ବୋହି ଯାଉଥିବା ଧାର ଧାର ଲୁହକୁ ପାପୁଲି ପିଠିରେ ପୋଛି ସଲାମ୍ କରି ପୁଣି କିରଣଙ୍କ ସହିତ କଥାହୋଇ, ଆଗ୍ରା ଷ୍ଟେସନ୍ ଆସିବାରୁ ତରତର ହୋଇ ଟ୍ରେନ୍‌ରୁ ଓହ୍ଲାଇ ଯାଆନ୍ତି । ସେମାନେ ଥିଲେ ମହାନ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଓ ଭଗବତୀଚରଣ ବୋହରା । ସାଣ୍ଡର୍ସ ହତ୍ୟା ଓ ଆସେମ୍ବ୍ଲି ବୋମା କାଣ୍ଡ ପରେ ସେମାନେ ଫେରାର ହୋଇଯାଇଥାନ୍ତି । ହେଲେ ମାତୃଭୂମି ପାଇଁ ହସି ହସି ପ୍ରାଣ ବିସର୍ଜନ କରିଥିବା ସଂଗ୍ରାମୀ ବନ୍ଧୁଙ୍କୁ ଅନ୍ତିମ ବିଦାୟ ଜଣାଇବାକୁ ସେମାନେ କେମିତି ବା ନଆସିଥାନ୍ତେ ଯେ ! ଗାଡ଼ି ଆଗ୍ରା ଛାଡ଼ି ଆଗକୁ ଗଡ଼ିବାରୁ କିରଣଦାସ ତାଙ୍କ ସାଥୀମାନଙ୍କୁ ଚୁପି ଚୁପି ସେଇ ଦୁଇ ଅଜ୍ଞାତ ବ୍ୟକ୍ତିଙ୍କ ପରିଚୟ ବିଷୟରେ କହନ୍ତି । ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି ଛଦ୍ମବେଶ ଏପରି ବି ହୋଇପାରେ ଭାବି ।

ଗାନ୍ଧିଜୀ ସେତେବେଳେ ଆଗ୍ରାରେ ଥିଲେ ବି ଜତୀନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଷ୍ଟେସନ୍‌କୁ ଆସି ନଥିଲେ । ତାଙ୍କ ନ ଆସିବାଟା ଖୁବ୍ କଷ୍ଟ ଦେଇଥିଲା କ୍ରାନ୍ତିକାରୀଙ୍କ ମନରେ । ସେମାନେ ଭିନ୍ନ ଭିନ୍ନ ପଥର ପଥିକ ହୋଇ ପାରନ୍ତି କିନ୍ତୁ ଲକ୍ଷ୍ୟ ତ ସଭିଙ୍କର ସେଇ ଗୋଟିଏ । ତେବେ କାହିଁକି ଏପ୍ରକାର ମନୋଭାବ ଜଣେ ଦିବଙ୍ଗତ ସୈନିକଙ୍କ ପ୍ରତି ! ୧୭ ଜୁଲାଇର 'ୟଙ୍ଗ୍ ଇଣ୍ଡିଆ'ରେ ଗାନ୍ଧି ଏ ବିଷୟରେ ଲେଖନ୍ତି, "ଜତୀନ୍ ଦାସଙ୍କ ଆମରଣ ଅନଶନ ଜନିତ ମୃତ୍ୟୁ ସାଧାରଣ ଜନତାଙ୍କ ମନରେ ଆକ୍ରୋଶ ଭରି ଦେଇଛି କିନ୍ତୁ ମୁଁ ଯେହେତୁ ଏକ ମହାନ୍ ଉଦ୍ଦେଶ୍ୟର ପ୍ରାପ୍ତି ପାଇଁ, ଯେଉଁ ଉଦ୍ଦେଶ୍ୟ ବୀର ଜତୀନ୍‌ଦାସଙ୍କର ମଧ୍ୟ ଥିଲା, ପ୍ରୟାସରତ ତେଣୁ ମୁଁ ଏ ସମ୍ପର୍କରେ ଯାହା ବିରୋଧର ସମ୍ମୁଖୀନ ହେଲେବି ଚୁପ୍ ରହିବା ଶ୍ରେୟସ୍କର ମଣୁଛି ।"

ଜତୀନ୍‌ଙ୍କ ବିଷୟରେ ଗାନ୍ଧୀଙ୍କ ବିଚାର ଏଇ ବକ୍ତବ୍ୟରୁ ସ୍ପଷ୍ଟ । ପ୍ରାୟତଃ ଅନଶନକୁ ଗାନ୍ଧିବାଦୀଙ୍କ ଅସ୍ତ୍ର ରୂପେ ଗଣାଯାଏ । ହେଲେ ସ୍ୱାଧୀନତା ସଂଗ୍ରାମ ସମୟରେ କୌଣସି ଗାନ୍ଧିବାଦୀ ଅନଶନ କରି ପ୍ରାଣତ୍ୟାଗ କରିନାହାନ୍ତି । ଲଢ଼େଇକୁ ସେମାନେ ସେଇ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ କେବେ ବି ନିଅନ୍ତି ନାହିଁ ଯେଉଁଠି ତାଙ୍କ ପ୍ରାଣହାନୀର ଆଶଂକା ଥାଏ । ସାମ୍ରାଜ୍ୟବାଦ୍‌ର ହିତକୁ ଧ୍ୟାନରେ ରଖି ସେମାନେ ପ୍ରତ୍ୟେକ ପଦକ୍ଷେପ ନିଅନ୍ତି । ଆଗ୍ରାରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଆସି ଜତୀନ୍‌ଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ପ୍ରଦର୍ଶନ କରନ୍ତି । କାନପୁର ସହରରେ ଏକ ବିରାଟ ସଭା ହୁଏ ଯେଉଁଠି ହସରତ୍ ମୋହାନୀ, ଜତୀନ୍‌ଙ୍କ ମହାନ୍ ବଳିଦାନ ପାଇଁ ଶୋକପ୍ରସ୍ତାବ ଆଗତ କରନ୍ତି । ପୁରୁଷୋତ୍ତମଦାସ ଟଣ୍ଡନ ଓ ପଣ୍ଡିତ ବାଳକୃଷ୍ଣଙ୍କ ସହିତ ଜବାହରଲାଲ ନେହେରୁ ଷ୍ଟେସନକୁ ଆସନ୍ତି ଶହୀଦ୍‌ଙ୍କ ଶେଷଦର୍ଶନ ଉଦ୍ଦେଶ୍ୟରେ । ନେହେରୁଙ୍କ ଅନୁରୋଧରେ ଶବାଧାର ଖୋଲାଯାଏ । କାନ୍ଦି କାନ୍ଦି ସେ ଶହୀଦ୍‌ଙ୍କ ଚରଣସ୍ପର୍ଶ କରନ୍ତି । ଟ୍ରେନ୍ ଏହ୍ଲାବାଦ୍ ପହଞ୍ଚିଲା ବେଳକୁ ଇନ୍ଦିରା ତାଙ୍କ ବାନରସେନାଙ୍କ ସହ ସେଠାରେ ଉପସ୍ଥିତ ଥାଆନ୍ତି । ସେଠାରୁ ମୁଗଲସରାୟ, ଦମୋହ, ଆସାନ୍‌ସୋଲ୍ ହୋଇ ଟ୍ରେନ୍ ବର୍ଦ୍ଧମାନ୍ ଷ୍ଟେସନ୍‌ରେ ପହଞ୍ଚେ । ବାଟରେ ପ୍ରତ୍ୟେକ ଷ୍ଟେସନରେ ବିପୁଳ ଜନସମାଗମ ଓ ଜୟଜୟକାର । ଦୁଇଦିନର ଯାତ୍ରାପରେ ମାତୃଭୂମିର କୋଳରେ ପହଞ୍ଚନ୍ତି ଜତୀନ୍ । ହାଓଡ଼ା ଟାଉନ୍‌ହଲ୍‌ରେ ତାଙ୍କ ମରଶରୀରକୁ ଜନସାଧାରଣଙ୍କ ଅନ୍ତିମ ଦର୍ଶନ ପାଇଁ ରଖାଯାଏ । ସେଇଠୁ ବାହାରିଥିବା ଶବଯାତ୍ରାରେ ପ୍ରାୟ ଦେଢ଼ଲକ୍ଷ ଲୋକ ସାମିଲ ହୋଇ ଶ୍ମଶାନକୁ ଯାଆନ୍ତି । ସେଠାରେ ଶହୀଦ୍‌ଙ୍କ ଚରଣଧୂଳି ନେଇ ମୁଣ୍ଡରେ ମାରନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଶୋକାକୁଳ ଜନତାଙ୍କ ଜୟଜୟକାର ଓ ଶଙ୍ଖଧ୍ୱନି ମଧ୍ୟରେ କିରଣଦାସ ଦିଅନ୍ତି ମୁଖାଗ୍ନି । ଶହୀଦ୍ ଜତୀନ୍‌ଙ୍କ ମରଶରୀର ପଞ୍ଚଭୂତରେ ବିଲୀନ ହୋଇ ଦେଶପାଇଁ ଆତ୍ମବଳିଦାନର ଏକ ଉଦାହରଣ ପ୍ରସ୍ତୁତ କରେ । (ସମାପ୍ତ)


ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ଜାନୁଆରୀ, ୨୦୨୩
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ସ୍ମ ର ଣୀ ୟେ ଷୁ

# ସିପାହୀ ବିଦ୍ରୋହର ସୂତ୍ରଧରः ଚନ୍ଦନ ହଜୁରୀ



କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ, ମାନୀ, ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିରମୟୀ କୀର୍ତ୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ସମ୍ଭବତଃ ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତ୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ (ଅନ୍ୟମତେ ଶାମ୍ବଦଶମୀ ଜାନୁୟାରୀ ୨୦ ତାରିଖ) ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ।

ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ। ଆନନ୍ଦ ବଜାରରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଲୀ) ଓ ନାନାସାହେବଙ୍କ ସହ ଖଣ୍ଡାଖେଳ ଓ ଘୋଡାଚଢାରେ ଯୋଗଦେଉଥିଲେ। ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀଙ୍କର ଦେହାନ୍ତ ପରେ ଭିମସେନଙ୍କ ମଧ୍ୟସ୍ଥତାରେ ଗଙ୍ଗାଧର ମନୁବାଈକୁ ବିବାହ କରିଥିଲେ । ବିବାହ ପରେ ମନୁବାଇଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ । ଇଂରେଜ ଜାତିର ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇକବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ । ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ, ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ। ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ, ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦରମଣି ଓ ଘରର ଦାୟିତ୍ୱ ପାରୀନାନୀଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦରମଣିକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ, ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀମାନଙ୍କୁ ନେଇ ଇଂରେଜମାନଙ୍କ ସାଙ୍ଗରେ ଲଢିବେ।

ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ, ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ, ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍‌ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ, ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା। ସବୁଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ଟୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା, ତାହା ଉପରେ ଗୋରୁ ଓ ଘୁଷୁରିର ଚର୍ବି ବୋଲା ଯାଇଛି। ସିପାହୀମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ।

ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରିଗଲା। ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍‌ସୀ ଦୁର୍ଗ ଅଧିକାର କରିବେ। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍‌ସୀ ନଗରୀରେ ଯୁଦ୍ଧର ନାଗରାବାଜି ଉଠିଲା। ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍ ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ। ସାର୍ ହିଉରୋଜ ଜଣେ ନାରୀର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଈ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋୱାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍‌ସୀ ରାଣୀଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା। ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପାଣି ପାଇ, ସେହି ନଦୀ କୁଳରେ ପ୍ରାଣ ହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରା ରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀ ପାଇଲେ । ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍‌ରେ ବନ୍ଦି କରି ରଖିଲେ। କାଲାକାଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇ ଭଳି ଜଗିରହିଲେ। ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦରମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲିବୁଲି ୧୮୬୫ ମସିହାରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ପରେ ତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ –

"ନଈରେ ବାଲିଆ ଚହଟିଲା / କଜଳ ସିନ୍ଦୂର ନାଆ ଲୋ ରାଣ୍ଡ / ପୁଣି ଚାଖିଆ ଲେଉଟିଲା"।

ମଣିଷ ମାରିବା ଅପରାଧରେ ପୁରୀରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ । ତାଙ୍କୁ ନଜର ବନ୍ଦୀ କରାଗଲା। ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ। ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା। ଚାଖି ଖଣ୍ଡା ଛାଡି କଲମ ଧଇଲେ। ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ ।

ସମ୍ଭବତଃ ୧୮୮୮ (୧୮୭୦) ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୂତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ। ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ।



ଆଲେଖ୍ୟ : ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ- ୯୯୩୭୬୯୧୪୭୫

## ଆଫଗାନି ନାରୀଙ୍କ ଆଖିରେ ଲୁହ...

( ପୃଷ୍ଠା ୫ର ଅବଶିଷ୍ଟ) ତାଲିବାନ୍ ହାତକୁ ଆଫଗାନିସ୍ତାନ୍ ଯିବାପରେ ଯେଉଁ ସନ୍ଦେହ ଥିଲା ତାହା ଆଜି ସତ୍ୟରେ ପରିଣତ ହୋଇଛି। ମହିଳାଙ୍କ ଭବିଷ୍ୟତ ନେଇ ଯେଉଁ ପ୍ରଶ୍ନବାଚୀ ଠିଆ ହୋଇଥିଲା ତାହା ଆଜି ବିଶ୍ୱ ଦେଖିବାକୁ ପାଇଛି।

ଏଠାରେ ସେହି 'ହିଜାବ୍' ପିନ୍ଧିବେ ମହିଳା-ଏବଂ ସବୁପୁରୁଷ ଦାଢ଼ି ରଖିବାକୁ ବାଧ ଅଟନ୍ତି। ଆଫଗାନିସ୍ତାନରେ ଦୁଇ ଦଶନ୍ଧି ଧରି ଯେଉଁ ଶିକ୍ଷା ସ୍ୱାସ୍ଥ୍ୟ ସମାଜ ପ୍ରଗତି କରିଥିଲା ତାହା ଆଜି ତାଲିବାନ୍ ଶାସକଙ୍କ ହାତରେ ଭୂଲୁଣ୍ଠିତ ହେବାକୁ ବସିଛି। ବିଶେଷତଃ ସେହି କଠୋର 'ସରିଆ' ଲାଗୁ କରିବାର ଆଶଙ୍କା ଫଳବତୀ ହୋଇଛି। ଏଠାରେ ଅଧିକ ବିପଦକୁ ସାମ୍‌ନା କରିବେ ଯୁବତୀ ଓ ମହିଳା। ନାରୀ ସମାଜ କେବଳ ବିଶ୍ୱବିଦ୍ୟାଳୟ କିମ୍ବା ଉଚ୍ଚଶିକ୍ଷା ନୁହେଁ ପ୍ରଥମିକ ଶିକ୍ଷାରୁ ମଧ୍ୟ ବଞ୍ଚିତ ହେବେ। ମହିଳାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯିବ। ସେମାନେ ପାଠ ପଢ଼ିପାରିବେ ନାହିଁ କି ପଢ଼ାଇ ପାରିବେ ନାହିଁ।

ଶରୀରକୁ ପୂରା ଢାଙ୍କିଥିବା ପୋଷାକ ବୁର୍ଖା ପରିଧାନ କରିବେ। ପୁରୁଷ ସାଥି ବିନା ଘରୁ ଗୋଡ଼ କାଢ଼ି ପାରିବେ ନାହିଁ। ୧୩-୧୪ ବର୍ଷରୁ ଅଧିକ ବର୍ଷାର ଝିଅ ତଥା ବିଧବା ମହିଳାଙ୍କୁ ଯୌନଦାସୀ କରାଯିବାର ନଜିର୍ ଏଠାରେ ରହିଛି। ନାରୀ କେବଳ ଉପଭୋଗ୍ୟାର ପାତ୍ରୀ ଅଟେ। ଏହାର ମୁକ୍ତି ତଥା ଅନ୍ୟାୟାର ପ୍ରତିବାଦ କରାଯିବା ପାଇଁ ସାରା ବିଶ୍ୱ ନିଜର ଦୃଷ୍ଟି ଦେବା ଉଚିତ୍।

## ସ୍ମୃତି ଶତଦଳ ୨୭୩

# ରୋଗ ଓ ମାନସିକ ଅବସାଦ



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନରେ ସମସ୍ତେ ଦୁଃଖକୁ ଏଡାଇଦେଇ ସୁଖକୁ ହିଁ ଖୋଜିଥାନ୍ତି ଏବଂ ଦୁଃଖକୁ ସାମ୍ନା କରିନପାରି ହତାଶ ହୋଇପଡନ୍ତି । ଠିକ୍ ସେତିକିବେଳେ ସେଇ ଦୁଃଖଟି ପରିବର୍ତ୍ତିତ ହୋଇଯାଏ ଦୟନୀୟତାରେ ଏବଂ ଦୟନୀୟତା ସୃଷ୍ଟି କରିଥାଏ ଅସମ୍ଭବ ଅସହାୟତା । ଶେଷକୁ ଏଇ ଅସହାୟ ଭାବ ହିଁ ସଂପୂର୍ଣ୍ଣ ଭାବରେ ଆବୋରି ବସେ ମଣିଷକୁ ଏବଂ କ୍ରମେ କ୍ରମେ ସେଇ ଶୂନ୍ୟ ସ୍ଥାନକୁ ଦଖଲ କରିନିଏ କ୍ରୋଧ । ଅଳ୍ପ ସମୟର କ୍ରୋଧ ଆସ୍ତେ ଆସ୍ତେ ବିଭିନ୍ନ ରୂପରେ ରୂପାନ୍ତରିତ ହୋଇଯାଏ । ଆସ୍ଫାଳନ, ଦମ୍ଭ, ଗର୍ବ, ଅହଂକାର ଏମିତିକି ବେଳେବେଳେ କ୍ରୋଧ ଅବାରିତ କୋହ ସୃଷ୍ଟି କରିଥାଏ ଏବଂ ଆସ୍ତେ ଆସ୍ତେ ବଦଳିଯାଇଥାଏ ଅଜସ୍ର ଅଶ୍ରୁଧାରାରେ ।

ସେମିତି ଅନେକେ ଅଳ୍ପ ଦେହ ଖରାପ ହେଲେ ବି', ମ୍ରୀୟମାଣ ହୋଇପଡନ୍ତି । ଏମିତିକି ସାମାନ୍ୟ ମୁଣ୍ଡ ବିନ୍ଧା ବା ସାମାନ୍ୟ ଜ୍ୱରରେ ମାନସିକ ଅବସାଦର ଶିକାର ହୋଇପଡନ୍ତି । ଭାବନ୍ତି ଏ ଦେହ ଖରାପ ବୋଧେ ଅନେକ ଦିନ ଯାଏ ଲାଗି ରହିବ ଆଉ ଛାଡିବ ନାହିଁ । ବୟସ୍କ ହୋଇଥିଲେ ଭାବନ୍ତି ଏ ଦେହ ଖରାପ ଆଉ ଭଲ ହେବ ନାହିଁ । ପୁଣି ସଙ୍ଗେ ସଙ୍ଗେ ଠାକୁରଙ୍କ ପାଖରେ ଅଭିଯୋଗ କରନ୍ତି "ହେ ପ୍ରଭୁ ମୋ ପାଇଁ ଏତିକି ନିର୍ଦ୍ଦୟ ହେଲ ! ମତେ ହିଁ ସବୁ ଲୁହ ତକ ଅଜାଡି ଦେଲ ! ଦିନ ଦିନ ଧରି କେତେ ଔଷଧ ଖାଇବାକୁ ପଡିବ ମତେ ? ଖାଦ୍ୟ ନଖାଇ ଏବେ ଔଷଧରେ ପେଟ ଭରିବାକୁ ପଡିବ । ଏଣେ ଈଶ୍ୱର ମୁରୁକି ମୁରୁକି ହସି କହୁଥାନ୍ତି, ନିଜ ଘର ଛାଡି ଟିକେ ବାହାରକୁ ଗଲେ ଯାଇ ଜଣାପଡିବ ଯେ' ଆମଠାରୁ କେତେ ମାରାତ୍ମକ ରୋଗର ଅନ୍ୟମାନେ ଶିକାର ହେଉଛନ୍ତି,

"ମୁଁ ସୁସ୍ଥ ଅଛି ଏବଂ ଖୁବ୍ ଶୀଘ୍ର ସୁସ୍ଥ ହୋଇଯିବି" ର ସୂକ୍ଷ୍ମାତିସୂକ୍ଷ୍ମ ଉପଲବ୍ଧି ହିଁ ଖୁବ୍ ବଡକଥା, ଯାହା ଅନେକ ରୋଗୀକୁ ଆରୋଗ୍ୟ କରିଥାଏ । ଆହୁରି ଅନେକେ ଅଛନ୍ତି ଯେଉଁମାନେ ଭୟଙ୍କର ରୋଗର ଶେଷ ସୀମାରେ ପହଞ୍ଚି ମଧ୍ୟ ଧୈର୍ଯ୍ୟର ସହ ରୋଗର ମୁକାବିଲା କରିଥାନ୍ତି, ରୋଗ ସହ ଲଢନ୍ତି, ଜୀବନ ସହ ଲଢନ୍ତି ଏବଂ ତା'ପରେ ହସି ହସି ମୃତ୍ୟୁ ବରଣ କରନ୍ତି । ସେମାନେ ଶେଷ ପର୍ଯ୍ୟନ୍ତ ବହି ଲେଖନ୍ତି, ଗୀତ ଶୁଣନ୍ତି, ନିଜକୁ ଅନ୍ୟ କାମରେ ନିୟୋଜିତ କରିଥାନ୍ତି ଏବଂ ଅନେକ ଯନ୍ତ୍ରଣା ସହ ମୃତ୍ୟୁମୁଖରେ ପଡିଥାନ୍ତି । ପ୍ରବଳ କଷ୍ଟକୁ ନୀରବରେ ପିଇଯାନ୍ତି ।


ଯେଉଁମାନେ ଗୁରୁତର ରୋଗୀ ହୋଇବି ଧୈର୍ଯ୍ୟର ସହ ଚିକିତ୍ସାରେ ରହିଛନ୍ତି ।"

ପ୍ରତିଦିନ ରୋଗୀମାନଙ୍କୁ ଦେଖି ଅଭ୍ୟସ୍ତ ହୋଇଯାଉଥିବା ବେଳେ ସମସ୍ତଙ୍କୁ ସକାରାତ୍ମକ ମନୋଭାବର ମନ୍ତ୍ରଟିଏ ଶୁଣାଇବାକୁ ପଡିଥାଏ । ଦେହ ଥଲେ ତ' ରୋଗ ନିଶ୍ଚୟ ହେବ ଏବଂ ରୋଗ ହେଲେ ମାନସିକ ଅବସାଦ ନିଶ୍ଚୟ ଘେରିଯିବ । କିନ୍ତୁ ସେ ମାନସିକ ଅବସାଦରୁ ନିଜକୁ ଦୂରେଇ ନେବାକୁ ହେଲେ, ପ୍ରଭୁଙ୍କୁ ପ୍ରାର୍ଥନା କରିବା ସହ ସବୁବେଳେ ନିଜ ମନର ସକାରାତ୍ମକ ଉର୍ଜାର ପ୍ରୟୋଗ କରିବାକୁ ପଡିବ ଏବଂ ନକାରାତ୍ମକ ଚିନ୍ତାଧାରାକୁ ମନରୁ ପୋଛି ଦେବାକୁ ପଡିବ । ବାରଂବାର ପ୍ରଭୁଙ୍କ ଆଗରେ "ମତେ ଶୀଘ୍ର ସୁସ୍ଥ କର ଏବଂ ତୁମ ଆଶୀର୍ବାଦରୁ ମୁଁ ସଂପୂର୍ଣ୍ଣ ଭାବରେ ସୁସ୍ଥ ଅଛି ଓ ରହିବି ତଥା ସବୁ ରୋଗକୁ ମୁକାବିଲା କରିବାକୁ ମତେ ଅଜସ୍ର ଶକ୍ତି ଦିଅ ବୋଲି ଉଚ୍ଚାରଣ କରିବାକୁ ପଡିବ । ଉତ୍ତମ ଚିନ୍ତା ଓ ଅନନ୍ତମୟ ପ୍ରଭୁଙ୍କ ନିକଟରେ ନିରବଚ୍ଛିନ୍ନ ପ୍ରାର୍ଥନା ଅନେକ ରୋଗକୁ ଦୂରେଇ ଦେବାରେ ସାହାଯ୍ୟ କରିଥାଏ । ମୁଁ ଲକ୍ଷ୍ୟ କରିଛି, ଗୋଟିଏ ଗୋଟିଏ ପରିବାରରେ ଜଣଙ୍କର ଶରୀର ଅସୁସ୍ଥ ହେଲେ ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ସମସ୍ତେ ମିଳିତ ଭାବରେ ପ୍ରଭୁଙ୍କୁ ପ୍ରାର୍ଥନା କରିଥାନ୍ତି ଏବଂ ଏଇ ପ୍ରାର୍ଥନା ମୃତ ସଂଜୀବନୀ ମନ୍ତ୍ର ଭଳି କାମ ଦେଇଥାଏ । "ମୁଁ ସୁସ୍ଥ ଅଛି ଏବଂ ଖୁବ୍ ଶୀଘ୍ର ସୁସ୍ଥ ହୋଇଯିବି" ର ସୂକ୍ଷ୍ମାତିସୂକ୍ଷ୍ମ ଉପଲବ୍ଧି ହିଁ ଖୁବ୍ ବଡକଥା, ଯାହା ଅନେକ ରୋଗୀକୁ ଆରୋଗ୍ୟ କରିଥାଏ । ଆହୁରି ଅନେକେ ଅଛନ୍ତି ଯେଉଁମାନେ ଭୟଙ୍କର ରୋଗର ଶେଷ ସୀମାରେ ପହଞ୍ଚି ମଧ୍ୟ ଧୈର୍ଯ୍ୟର ସହ ରୋଗର ମୁକାବିଲା କରିଥାନ୍ତି, ରୋଗ ସହ ଲଢନ୍ତି, ଜୀବନ ସହ ଲଢନ୍ତି ଏବଂ ତା'ପରେ ହସି ହସି ମୃତ୍ୟୁ ବରଣ କରନ୍ତି । ସେମାନେ ଶେଷ ପର୍ଯ୍ୟନ୍ତ ବହି ଲେଖନ୍ତି, ଗୀତ ଶୁଣନ୍ତି, ନିଜକୁ ଅନ୍ୟ କାମରେ ନିୟୋଜିତ କରିଥାନ୍ତି ଏବଂ ଅନେକ ଯନ୍ତ୍ରଣା ସହ ମୃତ୍ୟୁମୁଖରେ ପଡିଥାନ୍ତି । ପ୍ରବଳ କଷ୍ଟକୁ ନୀରବରେ ପିଇଯାନ୍ତି । ନିଜର ଆୟୁଷ ଅଳ୍ପ ବୋଲି ସ୍ୱୀକାର କରିନିଅନ୍ତି ଓ ଶେଷଯାଏ ସବୁଦୁଃଖ ସହି ନିଅନ୍ତି ।

ତେବେ ରୋଗର ଉପଶମ ନିର୍ଭର କରିଥାଏ ଆମର ମାନସିକ ସ୍ଥିତି ଉପରେ । ଆମେ ଯେତେଥର ନିଜକୁ ଶକ୍ତିଶାଳୀ ବୋଲି ଭାବି ନିଜକୁ ସକାରାତ୍ମକ ଶକ୍ତିରେ ଭରିଦେବା, ସେତିକି ସେତିକି ଆମପାଖରୁ ଦୂରେଇ ଯିବ ରୋଗ ଦୁଃଖର ବିରାଟସାମ୍ରାଜ୍ୟ । (କ୍ରମଶଃ))

# ଧାରାବାହିକ ଅନୁବାଦ ଉପନ୍ୟାସ-(୭)

# ମାଆ



ମୂଳ ମରାଠୀ : ଉତ୍ତମ କାମ୍ବଲେ





ଅନୁସୃଜନ: ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଡାକ୍ତର - ଏମିତି ତ ଦେହ ଭଲ ହେଇନି।

ମୁଁ - ହେଲେ ଆପଣ ତ କହିଲେ...

ଡାକ୍ତର - ମୋତେ ବାଧ ହୋଇ ଏମିତି କହିବାକୁ ପଡ଼ିଲା।

ମୁଁ - କେମିତି ?

ଡାକ୍ତର - କହୁଥିଲେ ଆପଣଙ୍କ ଗାଁରେ କୁଆଡେ ଗୋଟେ ମେଳା ହେବାର ଅଛି। ସେଇମେଳାରେ ଆପଣଙ୍କ ମାଆ ଯିବାକୁ ହୁଁଥିଲେ। ଝିଅମାନେ ଆସିବେ। ନାତି-ନାତୁଣୀମାନେ ବି ଆସିବେ। ତାଙ୍କ ପାଇଁ ଲୁଗାପଟା କିଣିବାର ଅଛିାସେମାନଙ୍କ ସାଙ୍ଗେ ମେଳା ବି ଦେଖିବାର ଅଛି। କେଜାଣି ପରବର୍ଷ ମେଳା ଯାଏଁ ବଞ୍ଚିଥିବି କି ନାହିଁ। କିଛି ବି କର, ହେଲେ ମୋତେ ଗାଁକୁ ଯିବାକୁ ଦିଅ ଡାକ୍ତର। ମାଆ ଅନେକ ଥର ମିନତି କରିଥିଲେ ମୋତେ। ସତ କଥା କହିବାକୁ ଗଲେ ମୋତେ ତାଙ୍କ ଉପରେ ଦୟା ଆସି ଯାଇଥିଲା। ଏମିତି ତ ଯାତ୍ରା କରିବାରେ କୌଣସି ରିସ୍କ ନାହିଁ। କିନ୍ତୁ ଆପଣ କାଳେ ରାଜି ହେବେନି ସେଇଥିପାଇଁ ମୁଁ ଆପଣଙ୍କୁ ମାଆଙ୍କର ଦେହ ଭଲ ହୋଇଯାଇଚି ବୋଲି ମିଛରେ କହିଲି।

ମାଆର ଚିନ୍ତାଧାରା ବି ଏକଦମ୍ ବିଚିତ୍ର। ସେଇ ସମୟରେ ମୁଁ କେବଳ ସେତିକି ଚିନ୍ତା କରିପାରିଲି। ହୋଟେଲ୍ ବାହାରକୁ ଆସିଲି। ବୁଝି ପାରୁନଥିଲି ମାଆ ଉପରେ ରାଗିବି କି କାନ୍ଦିବି। ପରଦିନ ହିଁ ଗାଁରୁ ମାଆର ଫୋନ୍ ଆସିଲା। ସିଏ ଭଲରେ ଭଲରେ ପହଞ୍ଚି ଯାଇଥିଲା ଗାଁରେ। ସିଏ ହସୁଥିଲା ଏଇଆ କହି ଯେ ସିଏ କେମିତି ମୋତେ ବୋକା ବନେଇ ଦେଲା। 'ଶିଘ୍ର ଆସିବୁ ମାଆ' କେବଳ ଏତିକ କହି ମୁଁ ଫୋନ୍ କାଟିଦେଲି।

॥ ଛଅ ॥

ପିଲାମାନଙ୍କୁ ଭଲ ପାଇବାର ଅନ୍ଦାଜଟା ମାଆର ଏକଦମ୍ ଅଲଗା ପ୍ରକାର। ମୋତେ ସେମିତି ଲାଗୁଥିଲା। ହେଲେ ସେହି ଅନ୍ଦାଜଟା ଯେ ପ୍ରକୃତରେ କେମିତି ତାହା ମୁଁ ଠିକ୍ ଠିକ୍ ବୁଝି ପାରୁ ନଥିଲି। ସ୍ୱାମୀ ଠାରୁ ଅଧିକ ସିଏ ନିଜ ପିଲାମାନଙ୍କୁ ଭଲ ପାଉଥିଲା। ଏହା କେବଳ ମୁଁ କହୁନି, ସମସ୍ତଙ୍କୁ ସେମିତି ଲାଗୁଥିଲା। ଦାରିଦ୍ର୍ୟର ସେଇ ଦିନମାନଙ୍କରେ ଆମକୁ ଚାଷୀମାନଙ୍କ କ୍ଷେତରେ ଛୋଟ ମୋଟ ରେ କରିବାକୁ ପଡୁଥିଲା। ଦୁଃଖ ଓ ଦାରିଦ୍ର୍ୟରେ ପୀଡ଼ିତ ସମସ୍ତ ପରିବାର ଏପରି କରିବାକୁ ବାଧ ହେଉଥିଲେ। ଆମେ ବି ସେଥିରୁ ବାଦ୍ ନଥିଲୁ। କେବେ ଚାଷୀ କ୍ଷେତରୁ କପା ଚୋରି କରୁଥିଲୁ ତ କେବେ ମକା, କେବେ ବାଦାମ, କେବେ ପନିପରିବା, କେବେ ଗୋ-ଖାଦ୍ୟ ତ କେବେ ଘାସ। ଏଇ ସବୁ ଚୋରି ଆମ ପାଇଁ ଏତେ ସହଜ ଆଉ ନିୟମିତ ହୋଇଯାଇଥିଲା ଯେ - ଆମକୁ ଏହା କେବେ ଚୋରି ପରି ଲାଗୁ ନ ଥିଲା। ଆଉ ସବୁଠାରୁ ମଜାର କଥା ହେଲା ଚାଷୀମାନେ ବି ଏହାକୁ ଚୋରି ବୋଲି ଭାବୁ ନଥିଲେ। କେବଳ ଚୋରି ଧରା ପଡ଼ିଲେ ହିଁ ଚାଷୀ ତାକୁ ଦୁଇ / ଚାରି ପଦ ଭଲକରି ଗାଳି ଦିଏ। କେବେ କେବେ ଦୁଇ/ ପୁଡ଼ା ବି ପକାଏ। କିନ୍ତୁ ପୁଲିସ୍ ବା କୋର୍ଟକୁ ଯିବା ପରି ଅବସ୍ଥା ହୁଏନାହିଁ। ପୁଣି ସମସ୍ତେ ମିଳିମିଶି ରହିବାକୁ ଲାଗନ୍ତି। କୌଣସି ଲୋକ ଚୋରୀ କରିବାକୁ ବାଧ ହୁଏ କାହିଁକି ? ଏଇ କଥାକୁ ବୋଧହୁଏ ଉଭୟ ପକ୍ଷ ଭଲ ରୂପେ ବୁଝିପାରିଥିଲେ। ପ୍ରକୃତରେ କହିବାକୁ ଗଲେ ଏପରି ଚୋରୀ କରିବାର ଆବଶ୍ୟକତା ଅଧିକ ଥର ଆସି ନଥିଲା। କିନ୍ତୁ ଯେବେ ବି ଚୋରି କରିବାକୁ ପଡୁଥିଲା ମାଆ ହିଁ କ୍ଷେତକୁ ଯାଉଥିଲା, ମାଆ ମୋତେ ରାସ୍ତାରେ ଛିଡ଼ା କରିଦେଉଥିଲା। କେହି ଆସିଗଲେ ମୁଁ ଇସାରା କରି ଦେଉଥିଲି ମାଆକୁ। ମୁଁ ରାସ୍ତାରେ ହିଁ ବସି ରହୁଥିଲି। ମାଆ ଯେମିତି କ୍ଷେତରୁ ବାହାରକୁ ଆସୁଥିଲା ମୁଁ ତାର ଲୁଗାକାନିରେ ବନ୍ଧା ହୋଇଥିବା ଚିନାବାଦାମ୍ କିମ୍ବା କିଛି ଭଲ ଖାଇବା ଜିନିଷ ଦେବା ପାଇଁ ଜିଦି କରୁଥିଲି। ଏଇଟା ଏକପ୍ରକାର ମୋର ଜଗୁଆଳୀ ଟେକ୍ସ ଥିଲା। ହେଲେ ଚୋରି କାରିବାର ଭେଦଟା କାଳେ କେହି ଜାଣି ଦେବ ସେଥିପାଇଁ ମାଆ ତାର କାନିରେ ବନ୍ଧା ହୋଇଥିବା ଜିନିଷକୁ ଦେବାପାଇଁ ଟିକେ ଅନିଚ୍ଛା ପ୍ରକାଶ କରୁଥିଲା। ମୋତେ ଭାରି ରାଗ ଲାଗୁଥିଲା। ଏକ ତ ମାଆ ମୋତେ ଚୋରୀ କରିବାକୁ ଯିବାକୁ ଦେଉ ନଥିଲା। ଆଉ ନିଜେ ଚୋରୀ କରି ଆସବା ପରେ ମୋତେ ଶୀଘ୍ର ଖାଇବାକୁ ବି ଦେଉ ନଥିଲା। ମାଆ ମୋତେ ଚୋରୀ କରିବାକୁ କାହିଁକି ଦେଉ ନଥିଲା ? ଅନେକ ସମୟରେ ଏଇ ପ୍ରଶ୍ନ ଯକ୍ଷ-ପ୍ରଶ୍ନ ହୋଇ ମୋ ଆଗରେ ଛିଡ଼ା ହୋଇଯାଉଥିଲା। ମାଆ ଉପରେ ମୋର ଭାରି ରାଗ ହେଉଥିଲା। ଥରେ ବହୁତ ସାହାସ ଜୁଟେଇ ମୁଁ ତାକୁ ପଚାରିଲି ? "ମା ! ତୁ ମୋତେ କିଛି ବି କରିବାକୁ ଦେଉନାହୁଁ। ଚୋରୀ କରିବାକୁ ବି ଦେଉନୁ। ମାଆ ତୁ ଭାରି ସ୍ୱାର୍ଥପର। ମୋ କଥା ଶୁଣି ମାଆ ଚଟ୍ କରି ଉତ୍ତର ଦେଲା "ହଁ - ମୁଁ ଖୁବ୍ ସ୍ୱାର୍ଥପର। ତୋତେ ଆଉ କିଛି କହିବାର ଅଛି। ଆରେ ! ଚୋରୀ କରିବା ବେଳେ ଯଦି ଧରା ପଡ଼ିବୁ ତେବେ ତୋତେ ଗାଳି ପଡ଼ିବ। ମାଡ଼ ବି ଖାଇବାକୁ ପଡ଼ିପାରେ। ତା ବଦଳରେ ମୁଁ ଯଦି ଚୋରୀ କରେ ତେବେ ସବୁ କିଛି ମୁଁ ସହିବି। ତୋ ସହିତ କିଛି ହେବା ଉଚିତ୍ ନୁହେଁ। ସେଇଥିପାଇଁ ମୁଁ ଯାଉଛି ଚୋରୀ କରିବାକୁ ଆଉ.. କାହିଁକି ରେ ବଦମାସ୍, ମୁଁ କ'ଣ ତୋତେ ଚୋର କରିବି ? ତୁ ସ୍କୁଲ ଯା', ବହୁତ ପଢ଼ାପଢ଼ି କର, ବଡ଼ ମଣିଷ ହ', ମୋ ଭାଗ୍ୟରେ ଯାହା ଅଛି ମୋତେ କରିବାକୁ ଦେ... ତୁ କାହିଁକି ଏ ସବୁ ଝାମେଲାରେ ପଶୁଛୁ ?"

ମାଆ ଏମିତି ମୋତେ ଚୋର ହେବାରୁ ବଞ୍ଚଉଥିଲା। ଆଉ ମୋ ଛଡ଼ା ନିଜର ସବୁ ପିଲାଙ୍କ ପେଟ ପୁରେଇବା ପାଇଁ ଚୋରୀ କରୁଥିଲା। ଆଉ ଚୋରୀ କରିବାବେଳେ ଯଦି ଧରା ପଡ଼ିଥାନ୍ତା, ତେବେ ସିଏ ମାଡ଼ ଖାଇଥାନ୍ତା। ଗାଳି ବି ଖାଇଥାନ୍ତା ନା !

ମାଆ ବିଲବାଡ଼ିରେ ଖୁବ୍ ପରିଶ୍ରମ କରୁଥିଲା। ବିଲରେ କାମ କରିବାକୁ ତାକୁ ଖୁବ୍ ଭଲ ଲାଗୁଥିଲା। ରୋଷେଇବାସରେ ସିଏ ଏତେଟା ପାରଙ୍ଗମ ନ ଥିଲା। ଆମକୁ ଆମର ମାଉସୀ କିମ୍ବା ଆଈଙ୍କର ହାତ ରନ୍ଧା ଖାଦ୍ୟ ଖୁବ୍ ଭଲ ଲାଗୁଥିଲା। ଆମେ ସବୁ ମାମୁଁ ଘରେ ହିଁ ରହୁଥିଲୁ। ମାଆ ତାଙ୍କର ତିନି ଭଉଣୀ, ଆମେ ସବୁ ଭାଇ ଭଉଣୀ, ଅଜା, ଆଈ ବଡ଼ ପରିବାର ଥିଲା ଆମର। ବିଲରୁ ଯେତକି ଶସ୍ୟ ଆମଦାନୀ ହେଉଥିଲା ତାହା ପର୍ଯ୍ୟାପ୍ତ ନଥିଲା। ପ୍ରତିଦିନ କ୍ଷେତରେ କାମ କରିବାକୁ ଯିବାକୁ ପଡୁଥିଲା। ପୁରାପରିବାର ମୂଲ ଲାଗୁଥିଲା। ଆମ ମାଲିକାଣୀର ଖୁବ୍ କମ୍ ଜମିଥିଲା। ବିଲରେ ପୁରୁଷମାନଙ୍କ ଦ୍ୱାରା ହେଉଥିବା ସବୁ କଠିନ କାମ ମାଆ ହିଁ କରୁଥିଲା। ଚିନାବାଦାମ ତୋଳିବା ବଦଳରେ ସିଏ, ହାତରେ କୋଦାଳ ଧରି ଚିନାବାଦାମ ଗଛର ମୂଳ ଖୋଳୁଥିଲା। ଯଅ ପେଣ୍ଡା କାଟିବା ବଦଳରେ ସିଏ ସିଧା ସଳଖ ଯଅ-ଖଳାରେ କାମ କରୁଥିଲା। ଯଅ କାଟୁଥିଲା। ଗଛ କାଟୁଥିଲା। ମଇଦଣ୍ଡ ବା ଉଖୁଣୀ ବାଡ଼ି ଧରୁଥିଲା। ମୁଣ୍ଡରେ ବୋଝ ବୋହୁଥିଲା । କ୍ଷେତରେ ହଳ କରୁଥିଲା - ମଇ ଦଉଥିଲା।

ଏ ସବୁ ଦେଖି ମୋତେ ଖୁବ୍ ରୋମାଞ୍ଚିତ ଲାଗୁଥିଲା, ଆଉ ମଜା ବି ।

ମାଆ କ୍ଷେତରେ ମୂଲିଆଙ୍କ ପରି ମଜୁରୀ ଖଟୁଥିଲା। ସ୍ତ୍ରୀ ଲୋକମାନେ କରୁଥିବା କାମ କାହିଁକି କରୁ ନଥିଲା ? ତାକୁ ଏ ସବୁ କାମ ଆସୁ ନଥିବ ବା ଯା ପଛରେ ଆଉ କୌଣସି କାରଣ ରହିଛି ? ମୁଁ ମାଆକୁ ପଚାରିଲି "ମାଆ ! ତୁ ମୂଲିଆ କାମ କାହିଁକି କରୁଛୁ ? ଏ କଥା ଶୁଣି ସିଏ ପ୍ରଥମେ ବ୍ୟଙ୍ଗ କଲାପରି କହିଲା ମୁଁ କରିବିନି ତ ଆଉ କିଏ କରିବ ?" ପରେ ମାଆ କହିଥିଲା "କ୍ଷେତରେ କାମ କରିବାକୁ ବାହାରୁ ମୂଲିଆ ଆଣିବା ପାଇଁ ଆମ ପାଖରେ ପଇସା ଅଛି କି ? ମୋର ତ ଗୋଟିଏ ବୋଲି ଭାଇ, ଆଉ ସିଏ ବି ପାଠ ପଢୁଆ ପିଲା । ସହରରେ ରହେ। ଆଉ ଏଠି, ଆମେ ସବୁ ଭଉଣୀମାନେ। କାହାକୁ ତ ଏ କାମ କରିବାକୁ ହେବ। ମୋତେ ଏଇ ସବୁ କାମ କରିବାକୁ ଭଲ ଲାଗେ। ମୋ ବାପା ଯେତେବେଳେ କୁହନ୍ତି ଯେ ମୋର ଝିଅ ଚାରି ଚାରି ଜଣ ମୂଲିଆଙ୍କୁ ବି ମାତ୍ ଦେଇ ପାରେ, ସେତେବେଳେ କେତେ ଖୁସି ଲାଗେ ମୋତେ...।

॥ ସାତ ॥

ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳର କଥା। ବାଦାମ ଦାନା ବା ଚଣା ଗୁଡ଼ରେ ତିଆରି ଲଡୁ ସେ ସମୟରେ ଡାଲିଚାଉଳ ଦୋକାନରେ ମିଳୁଥାଏ। କପା, ଯଅ, କିମ୍ବା ପଇସା ଦେଇ ଲଡୁ କିଣା ଯାଇ ପାରୁଥିଲା। ଲଡୁ ଖାଇବା ପାଇଁ ମନ ହାଇଁପାଇଁ ହେଉଥିଲା। କିନ୍ତୁ ଲଡୁ କିଣିବା ଆମ ପାଇଁ ସମ୍ଭବ ନ ଥିଲା। ଆମ ପାଖରେ ପଇସା ରହୁ ନଥିଲା। କପା ବି ନଥିଲା। ଆଉ ଯଅ ବି ସେତିକି ଥିଲା ଯେତିକି ଦରକାର ପ୍ରତିଦିନ ପେଟ ଭରିବା ପାଇଁ। ଫସଲ ଅମଳ ସମୟରେ ମାଆ ଯଅ କଳେଇ କାଟିବା ପାଇଁ ବିଲକୁ ଯାଉଥିଲା। ମୂଳ ରୂପରେ ମିଳିଥିବା ଯଅ କଳେଇରୁ ଯଅ ତୋଳିବା ପାଇଁ ସିଏ ଘର ସାମ୍ନା ବାରଣ୍ଡାରେ ହିଁ ବସି ପଡୁଥିଲା। ଯଅ ପେଶେଇବା ପାଇଁ ସିଏ ହିଁ ଯାଉଥିଲା। ସେଇ ଯଅରୁ କିଛି ସିଏ ପରଦିନ ପାଇଁ ସାଇତି ରଖୁଥିଲା। ଏମିତି ମାଆ ବହୁତ ଯଅ ସଞ୍ଚି ରଖିଥିଲା। ଦସ୍ତା ତିଆରି ଏକ ବଡ଼ ଟିଣରେ ତାକୁ ପୁରେଇ, ସେଇ ଡବାକୁ ମାଟି ଦୋ'ଛାଟି ଥିବା କୋଠରିରେ ସାଇତି ରଖୁଥିଲା। ସେ କୋଠରିରେ ଜମାରୁ ସୂର୍ଯ୍ୟକିରଣ ପଡୁନଥିଲା। ସେଥିପାଇଁ ସେ କୋଠରି ସବୁବେଳେ ଅନ୍ଧାରିଆ ଲାଗୁଥିଲା। ଦିନ ଦ୍ୱିପ୍ରହରରେ ସେଠି କିଟିକିଟି ଅନ୍ଧାର ବିରାଜମାନ କରୁଥିଲା। କିରୋସିନି ତେଲର ଦୀପ ନେଇ ସେଇ କୋଠରୀକୁ ଯିବାକୁ ପଡୁଥିଲା। ଦିନେ ମୁଁ ସେଇ ଡବାରୁ ମୁଠାଏ ଯଅ ଚୋରି କରିନେଲି। ଆନ୍ନା ଅର୍ଥାତ୍ ବାପାଙ୍କ ପୁରୁଣା ଟୋପିରେ ଯଅ ତକ ରଖି, ତାକୁ ବହିବସ୍ତାନୀ ଭିତରେ ଲୁଚେଇ ରଖିଲି। ସେଦିନ ଶିଘ୍ର ସ୍କୁଲକୁ ବାହାରି ଗଲି ମୁଁ। ରାସ୍ତାରେ ଗୁଡ଼ିଆ ଦୋକାନ ପଡ଼ିଲା। ଯେଉଁଠି ମୁଁ ଯଅ ଦେଇ ତା ବଦଳରେ ଲଡୁ କିଣିନେଲି। ସ୍କୁଲ ଯାଏ ଲଡୁ ଖାଇ ଖାଇ ଗଲି। ଦ୍ୱିତୀୟ ଦିନ ବି ମୁଁ ସେଇଆ କଲି। ଖୁବ୍ ଭୋଅରରୁ ଉଠି ମାଆ କାମକୁ ବାହାରି ଯାଉଥିଲା। ବାପା ବି କାମକୁ ବାହାରୁଥିଲେ । ମୋର ଚୋରି ଧରିବା ପାଇଁ ବା ଦେଖିବା ପାଇଁ ଘରେ କେହି ହେଲେ ନଥିଲେ। ଆଠ / ଦଶ ଦିନ ଯାଏ ଏହି କ୍ରମ ଜାରି ରହିଲା। ପ୍ରତିଦିନ ସିଏ ରୋଷେଇ ପାଇଁ ଯଅ ନେଇ ଆସୁଥିଲା। ହେଲେ ଡବା ଭିତରକୁ ଦେଖିବାପାଇଁ ମାଆ ପାଖରେ ସମୟ ନଥିଲା।

(କ୍ରମଶଃ)

ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ନେତୃତ୍ୱରେ ଅନ୍ୟଦଳର ବହୁ ନେତା କର୍ମୀ ବିଜେଡିରେ ମିଶିଲେ



ବାରିପଦା,୨୧/୦୧ (ନି.ପ୍ର): ସ୍ଥାନୀୟ ଶାଳବଣୀ ଠାରେ ମୟୂରଭଂଜ ବିଜୁ ଜନତା ଦଳ ତରଫରୁ ନୂତନ ବର୍ଷ ଏବଂ ମକର ପର୍ବ ଅବସରରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ୫ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମକଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବର୍ଗର ଲୋକଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରି ଜନାଦୃତ ହେବା ସହ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲୋକଙ୍କ ସେବା କରି ଆସୁଛନ୍ତି ଏବଂ ୨୦୧୯ ମସିହା ସାଧାରଣ ନିର୍ବାଚନରେ ମୟୂରଭଂଜ ଜିଲ୍ଲାରେ ବିଜୁ ଜନତା ଦଳକୁ ଆଖୁଦୃଶିଆ ସଫଳତା ମିଳି ପାରି ନଥିବା ବେଳେ ପରବର୍ତୀ ସମୟରେ ଦଳର ସମସ୍ତ କାର୍ଯ୍ୟକର୍ତା ନିଜ ଭିତରେ ଥିବା ଦ୍ୱନ୍ଦକୁ ଦୂର କରି କାମ କରିଥିବାରୁ ପଂଚାୟତ ନିର୍ବାଚନ ଏବଂ ପୌରପରିଷଦ ନିର୍ବାଚନରେ ଏକପାଖିଆ ସଫଳତା ମିଳିଛି ଏଣୁ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନାକୁ ସାଧାରଣ ଜନତାଙ୍କ ନିକଟରେ ପହଂଚାଇ ଆଜିଠାରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ଜିଲ୍ଲା ଜିଲ୍ଲା ସହପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୟୂରଭଂଜ ଜିଲ୍ଲା ସଭାପତି ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବାରିପଦା ୧୧ ନଂ ୱାର୍ଡ ସ୍ୱାଧୀନ କାଉନସିଲର ପ୍ରଭାତୀ ପୃଷ୍ଟି, ୨୦ ନଂ କାଉନସିଲର କୁମାର ମୁଖୀ, ପୂର୍ବତନ କାଉନସିଲର ଦେବାଶିଷ ଦାସ, ବିଜେପିର ୨୦ ନଂ ୱାର୍ଡର ଅନୀତା ସେଠୀ, ୧୮ ନଂ ୱାର୍ଡର ସୀମା ସାମଲ ଏବଂ ପୂର୍ବତନ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ଉପ-ସଭାନେତ୍ରୀ ସୁଧାମୟୀ ଦାସ ଏବଂ ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ସେହିଭଳି ଭାରତ ମୁଣ୍ଡାରୀ ସମାଜର ରାଜ୍ୟସଭାପତି ରବୀନ୍ଦ୍ର ନାଥ ସିଂ, ଯୁବନେତା ମିଲିନ୍ଦ ସ୍ୱାଇଁ, ରାସଗୋବିନ୍ଦପୁର ବ୍ଲକ ଚେୟାରମେନ ପାର୍ବତୀ ହାଁସଦା, ମୋରଡା ବ୍ଲକ ଭାଇସଚେୟାରମେନ ଜେମାମଣି ମହାନ୍ତ, ଫାନିଆ ପଂୟତ ସରପଂଚ ମମତା ବିଶ୍ୱାଳ, ପାକଟିଆ ସରପଂଚ ସତ୍ୟବାନ ସିଂ, ଚିତ୍ରଡା ପଂଚାୟତର ଅବସରପ୍ରାପ୍ତ ଡେପୁଟି ରେଂଜର ବିଜୟ କୁମାର ତରେଇ, ଖୁଂଟା ବ୍ଲକର ଡେଙ୍ଗାମ ସରପଂଚ ନବ କିଶୋର ମୁର୍ମୁ ଓ ସମସ୍ତ ୱାର୍ଡ ମେମ୍ବର, ବାସିପିଠା ପୟତର ମିଶନ ଶକ୍ତି ସଭାନେତ୍ରୀ କଲ୍ୟାଣୀ କଟିୟାର, ଉର୍ବଶୀ ମହାନ୍ତ, ତୁଳସୀ ମହାନ୍ତ, ବଡସାହି ମିଶନ ଶକ୍ତିର ସେକ୍ରେଟେରୀ ସ୍ନେହଲତା ମହାନ୍ତ, ବିଜେପି ଭୋଳାଗଡିଆ ପଂଚାୟତ ସଭାପତି କାଳିଚରଣ ମୁର୍ମୁ, ବଡଫେଣୀ ପୟତର ପଛୁଆବର୍ଗ ବିଜେପି ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତ, ବିଜେପି ଦଳର ଏସ.ସି. ଯୁବ ମୋର୍ଚ୍ଚା ସଭାପତି ଦୁଷ୍ମନ୍ତ ବେହେରା, ଖୁଂଟା ବ୍ଲକର ଜେଏମଏମ, କଂଗ୍ରେସ ଓ ବିଜେପି ଦଳର ଶତାଧିକ କର୍ମୀ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ । ଆଜିକାର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତିର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ସାନନ୍ଦ ମାରାଣ୍ଡି, ଭାଦବ ହାଁସଦା, ଗଣେଶ୍ୱର ପାତ୍ର, ଶ୍ରୀନାଥ ସୋରେନ, ସାଇବା ସୁଶୀଲ ହାଁସଦା, ମଙ୍ଗଳ ସିଂ ମୋଦୀ, ବିଜୟ ନାୟକ, ଅଜେନ ମୁର୍ମୁ, ରାଜ୍ୟ ଉଠାଜଳସେଚନ ନିଗମର ସଭାପତି ଅମରିଶ ପତ୍ରି, ପ୍ରମୁଖ ଯୋଗଦାନ କରିଥିଲେ ।

## ବରହମପୁର ମଣ୍ଡଳ ଅବସରପ୍ରାପ୍ତ କର୍ମଚ୍ଚାରୀ ସଂଘର ଦ୍ୱାଦଶ ବାର୍ଷିକ ସମ୍ମିଳନୀ

ନୀଳଗିରି, ୨୧/୦୧ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ରାଜବରହମପୁରସ୍ଥିତ ବରହମପୁର ମଣ୍ଡଳ ଅବସରପ୍ରାପ୍ତ କର୍ମଚ୍ଚାରୀ ସଂଘର ଦ୍ୱାଦଶ ବାର୍ଷିକ ସମ୍ମିଳନୀ ନିଜସ୍ୱ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଅବସର ପୌଢ଼ତା ନୁହେଁ ଏବଂ ସମାଜ କଲ୍ୟାଣ ପାରିପାର୍ଶ୍ୱିକ ବିକାଶର ମୂଳମନ୍ତ୍ର ହେବ ବୋଲି ଉପସ୍ଥିତ ଅବସରପ୍ରାପ୍ତ କର୍ମଚ୍ଚାରୀମାନଙ୍କୁ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟକ ରବିନ୍ଦ୍ର କୁମାର ବିହାରୀ ଅବସର ପରେ ନିଜକୁ ଏକତ୍ରବଦ୍ଧ ଭାବି ସମାଜ ସଂସ୍କାର ଦିଗରେ ସମୟ ଅତିବାହିତ କରିବାକୁ ବିଭିନ୍ନ ପ୍ରସଙ୍ଗକୁ ଅବଧାରଣା କରି ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲା ସଂଘର ସଭାପତି ଇଂ. ବନମାଳି ନାୟକ, ବରହମପୁର ସଂଘର ସଭାପତି ରବିନାରାୟଣ ଚୌଧୁରୀ, ସମ୍ପାଦକ ପ୍ରଫୁଲ୍ଲ ରାଉତ, ଉପସଭାପତି ଅଜୟ ପରିଡ଼ା, ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମେ ଜଗନ୍ନାଥ ଫଟୋ ଚିତ୍ରରେ ପୁଷ୍ପମାଲ୍ୟର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ଦିବଂଗତ ଅବସରପ୍ରାପ୍ତ ସଦସ୍ୟଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ୧ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଚଳିତ ବର୍ଷ ଦୀନବନ୍ଧୁ ହାଇସ୍କୁଲର ମେଧାବୀ ଛାତ୍ରୀ ଦିପ୍ତିମୟୀଶ୍ରୀ ସାହୁଙ୍କୁ ଏକ ହଜାର ଟଙ୍କା ସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ବେଳେ ସଂଘର ବରିଷ୍ଠ ସଦସ୍ୟ ମହେଶ୍ୱର ସାହୁ, ନରହରି ସାହୁ, ଯଚିନ୍ଦ୍ର ପୁଥାଳ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ନରହରି ପାତ୍ର ପ୍ରମୁଖଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅଜୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ରଂଜିତା ମହାନ୍ତି ଭାରତୀୟ ମହିଳା ଅଂଡର ୧୭ ଫୁଟବଲ ଟିମର ଗୋଲ କିପିଂ କୋଚ ନିଯୁକ୍ତ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ପୂର୍ବତନ ଆନ୍ତର୍ଜାତିକ ଫୁଟବଲ ଖେଳାଳୀ ରଂଜିତା ମହାନ୍ତି ଭାରତୀୟ ମହିଳା ଅଂଡର ୧୭ ଫୁଟବଲ ଟିମର ଗୋଲ କିପିଂ କୋଚ ଭାବେ ନିଯୁକ୍ତି ଦିଆଯାଇଛି । ଓଡିଶା ଫୁଟବଲ ଆସୋସିଏସ ପକ୍ଷରୁ ଏକ ପ୍ରେସ ବିବୃତିରେ ଏହି ସୂଚନା ଦିଆଯାଇଛି । ତାଙ୍କୁ ଏହି ଦାୟିତ୍ୱ ଦିଆ ଯାଇଥିବାରୁ ଓଡିଶା ଫୁଟବଲ ଆସୋସିଏସନର ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି ।

## ଭଙ୍ଗା ଘରେ ମୁଣ୍ଡ ଗୁଞ୍ଜୁଛନ୍ତି ଅସହାୟ ଅଜିତଙ୍କ ପରିବାର



ବାଲିଆପାଳ,୨୧/୦୧ (ନି.ପ୍ର): ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଗରୀବ ହିତାଧିକାରୀ ମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହିସବୁ ଯୋଜନା ପ୍ରକୃତ ହିତାଧୀକାରୀଙ୍କ ପାଖରେ ଏବେ ବି ଅପହଞ୍ଚ ରହିଛି । ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ପ୍ରକୃତ ହିତାଧିକାରୀ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛଡା ଗ୍ରାମର ଗରୀବ ଅସହାୟ ଅଜିତ ସାହୁଙ୍କ ପରିବାରରେ କ୍ଷ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟେ ନଥିବାରୁ ଦୀର୍ଘବର୍ଷ ଧରି ପଲିଥିନ୍ ଘେରରେ ଭଙ୍ଗା ଘରେ ବିତାଉଛନ୍ତି ଅତ୍ୟନ୍ତ ଦୟନୀୟ ଜୀବନ । ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସରପଞ୍ଚଠୁ ଆରମ୍ଭ କରି ବିଡିଓଙ୍କୁ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ କେହିବି କର୍ଣ୍ଣପାତ କରୁ ନଥିବା କଥା କାନ୍ଦି କାନ୍ଦି କହିଛନ୍ତି ଅଜିତଙ୍କ ପରିବାର ଲୋକେ । ତେବେ ପୂର୍ବରୁ ପ୍ରକାଶିତ ତାଲିକାରେ କ୍ରମିକ ନମ୍ବର ୫୧ରେ ତାଙ୍କ ନାମ ରହିଥିବା ବେଳେ ପଞ୍ଚାୟତର ସରପଞ୍ଚ ତାଙ୍କର ଆବାସ ଯୋଜନାରେ ଘର ଆସି ଯାଇଛି ଏବଂ ପୁରୁଣା ଘରକୁ ଭାଙ୍ଗି ଦେଇ ଜାଗା ପରିଷ୍କାର କରିବାକୁ କହିବା ପରେ ଅଜିତ ଘରକୁ ଭାଙ୍ଗି ଦେଇଥିଲେ । ଆଶା ରଖିଥିଲେ ସରକାରଙ୍କ ପକ୍ଷରୁ ତାଙ୍କୁ ପକ୍କା ଘରଟେ ମିଳିବ ଆଉ ସେ ତା ଭିତରେ ଟିକେ ମୁଣ୍ଡ ଗୁଞ୍ଜି ପାରିବେ । ମାତ୍ର ଦୀର୍ଘଦିନର ପ୍ରତୀକ୍ଷା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ( ଗ୍ରାମୀଣ ) ତାଲିକା ପ୍ରକାଶ ପାଇଛି । ବାଲିକୁଟୀ ପଞ୍ଚାୟତରେ ୧୬୪ ଜଣ ହିତାଧିକାରୀଙ୍କ ନାମ ତାଲିକାରେ ପ୍ରକାଶ ପାଇଥିବାବେଳେ ଏଥିରେ ଅଜିତଙ୍କ ନାମ ନାହିଁ କ୍ଷ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ମିଳି ନଥିବା ବେଳେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଏହି ତାଲିକା ରେ ପ୍ରକାଶ ପାଇଛି । ଏପଟେ ଘର ଭାଙ୍ଗି ଦେଇଥିବାରୁ ଦିନରେ ଭଙ୍ଗା ଘରେ ରହୁଥିବା ବେଳେ ରାତିରେ ପିଲା ଛୁଆଙ୍କୁ ଧରି ପଡୋଶୀଙ୍କ ଘରେ ଆଶ୍ରୟ ନେଉଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ ହେଇଥିଲେ ମଧ୍ୟ ତାଙ୍କ ଗୁହାରୀ କେହି ବି ଶୁଣୁ ନାହାନ୍ତି । ତେଣୁ ଏହି ଅସହାୟ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ନିବେଦନ କରିଛନ୍ତି ଗ୍ରାମବାସୀ । ତେବେ ଏ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କୁ ପଚାରିବାରୁ ଯେଉଁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଏହି ତାଲିକାରେ ପ୍ରକାଶ ପାଇଛି ତାକୁ ତଦନ୍ତ କରି ସେହି ସ୍ଥାନରେ ପ୍ରକୃତ ହିତାଧିକାରୀଙ୍କୁ ଖୁବଶୀଘ୍ର ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## ରାଷ୍ଟ୍ର ଗଠନ ପାଇଁ ପ୍ରତିଭାର ବିକାଶ ଜରୁରି ଅଟେ : ଅତିଥି




ବାଲେଶ୍ୱର,୨୧/୦୧ (ନି.ପ୍ର): ପ୍ରତିଭା ଅନ୍ୱେଷଣ ଏବଂ ତା'ର ବିକାଶ ସୁରାଷ୍ଟ୍ର ଗଠନ ଦିଗରେ ଯୁବ ମହୋତ୍ସବ ଆଗକୁ ଆଗେଇ ଆସିବା ଜରୁରି । ଯୁବକ ବିକଶିତ ହେଲେ ଦେଶ ବିକଶିତ ହେବ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଷ୍ଟେସନ୍ କ୍ଲବ୍‌ରେ ଆୟୋଜିତ ୧୭ତମ ସ୍ୟାଣ୍ଡଫେଷ୍ଟ ମହୋତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରାତଃ ସମୟରେ ଟ୍ରାଫିକ୍ ଥାନାର ଆଇଆଇସି ପ୍ରଜ୍ଞା ମହାନ୍ତି, କମିଟିର ଅଧକ୍ଷ ଅଜୟ ବିଶ୍ୱାଳଙ୍କ ଅଧକ୍ଷତାରେ ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ଫିତାକାଟି ଶୁଭାରମ୍ଭ କରିଥିଲେ । ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟର ଭିନ୍ନଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିଯୋଗୀ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ଟ୍ୟାଲେଂଟ ହଂଟ୍, ବେବି ଆଇକନ୍, ସିଙ୍ଗିଂ, ପେଂଟିଂ, ମିଷ୍ଟର୍ ଆଣ୍ଡ ମିସ୍ ସ୍ୟାଣ୍ଡପେଷ୍ଟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସେଣ୍ଡପେଷ୍ଟର ସଭାପତି ପ୍ରଦୀପ ଦାସଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ, ମୁଖ୍ୟବକ୍ତା 'ମହାନଦୀ ବଂଚାଅ' ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କାଉନସିଲର୍ ପଦ୍ମଲୋଚନ ଲେଙ୍କା ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଉକ୍ତ ସଭାକାର୍ଯ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଉପସଭାପତି ବିକାଶ ପାଢ଼ୀ, ସାଧାରଣ ସମ୍ପାଦକ ଦେବଦତ ଦାସ , ସମ୍ପାଦକ ସିମନ୍ ଦାସ ମହାପାତ୍ର, ସାଂଗଠନିକ ସମ୍ପାଦକ ପାର୍ଥ ସାରଥି ଦାସ ଓ ଝାଡ଼େଶ୍ୱର ଜେନା, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଉପଦେଷ୍ଟା ଗୌରହରି ମଲ୍ଲିକ, ସହ ସମ୍ପାଦକ ଶେଖ୍ ବୁରହାନ, ତୁଷାରକାନ୍ତି ତପସ୍ୱୀ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମ ସଂଗଠକ ସୁକୀର୍ତି କର ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ବରିଷ୍ଠ ସଦସ୍ୟ ଅମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଦିବସରେ ଇଂରାଜୀ ବକ୍ତୃତା, ଟ୍ୟାଲେଂଟ ହଂଟ, ମଡର୍ଣ୍ଣ ଡ୍ରାନ୍ସ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଇଂରାଜୀ ବକ୍ତୃତାରେ ଅଧାପକ ଚିତରଞ୍ଜନ ପରିଡ଼ା ଓ ସୁଶାନ୍ତ କୁମାର ରାଉତ ବିଚାରକ ଥିବାବେଳେ ଭାସ୍ୱତୀ କର ଏବଂ ଉମେଶ ବେହେରା ଟ୍ୟାଲେଂଟ ହଂଟରେ ନିର୍ମଳା ଭୋଇ, ଅନୁପମା ମିଶ୍ର ଏବଂ ସୋନାଲି ଶିଖା ପାଣିଗ୍ରାହୀ ମଡର୍ଣ୍ଣ ଡ୍ୟାନ୍ସରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିବାନୀ ମହାପାତ୍ର, ପାୟଲ ରଣା, ସ୍ମିତା ମହାନ୍ତି, ରଶ୍ମିରଞ୍ଜନ ପ୍ରଧାନ, କ୍ଷୀରାବ୍ଦୀ, ଉମେଶ ବେହେରା, ମନୋଜ କୁମାର ପଣ୍ଡା, ଦେବଶ୍ରୀ ମହାନ୍ତି, ବ୍ରଜ ପ୍ରଧାନ, ରାଜୀବ ଗିରି, ଦେବୀ ପ୍ରସାଦ ଦାସ ମହାପାତ୍ର ପ୍ରମୁଖ ସଦସ୍ୟ ଓ ସଦସ୍ୟାମାନେ ସହଯୋଗ କରିଥିଲେ ।

## ଶତ୍ରୁତାରୁ ଯୁବକକୁ ଖଣ୍ଡାରେ ଆକ୍ରମଣ : ମୁଖ୍ୟ ଅଭିଯୁକ୍ତ ଗିରଫ

ବସ୍ତା,୨୧।୧(ନିପ୍ର): ବସ୍ତା ଥାନା ରେଣୁପଦା ଗ୍ରାମରେ ପୂର୍ବ ଶତ୍ରୁତାରୁ ଯୁବକକୁ ଖଣ୍ଡାରେ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ସୂଚନାରୁ ପ୍ରକାଶ ଏହି ଗ୍ରାମର ଅଖିଳ ବେହେରା ଙ୍କ ପୁଅ ଆଲୋକ ବେହେରା ଚକରଡ଼ା ଗ୍ରାମର ମନୋରଞ୍ଜନ ପାଣିଗ୍ରାହୀ(୫୪) ହାଟରୁ ପରିବା କିଣି ଘରକୁ ଫେରୁଥିବା ବେଳେ ଆଲୋକ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା । ପରେ ପୁଲିସ ଏବଂ ସ୍ଥାନୀୟ ଲୋକଙ୍କ ସହାୟତା ରେ ଶ୍ରୀ ପାଣିଗ୍ରାହୀ ଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ଆଣିଥିଲେ । ଘଟଣା ଘଟାଇ ଆଲୋକ ସେଠାରୁ ଫେରାର ହୋଇଥିଲା । ଏନେଇ ମନୋରଞ୍ଜନ ଙ୍କ ସ୍ତ୍ରୀ ରେଣୁକା ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏନେଇ ୦୦/୨୩ ରେ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତ କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ମାତ୍ର ଆଲୋକ ନିଜ ଭିଣୋଇ ପିଞ୍ଛାବଣିଆ ରେ ରହୁଥିବା ଜାଣି ବିଳମ୍ବିତ ରାତ୍ରୀରେ ପୁଲିସ ଚଢ଼ାଉ କରିଥିଲା । ମାତ୍ର ସେଠାରେ ଆଲୋକ ନଥିବା ଜାଣି ପୁଲିସ ତାଙ୍କ ଭିଣୋଇକୁ ପଚରା ଉଚୁରା କରିଥିଲା । ପରେ ସେହି ଗ୍ରାମର ଅନ୍ୟ ଏକ ଘରେ ଆଲୋକ ଥିବା ପୁଲିସ ଜାଣିବାକୁ ପାଇ ତାକୁ ଧରିବାରେ ସଫଳ ହୋଇଥିଲା । ଆଲୋକକୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ହଳଦୀପଦା ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୨୧/୦୧ (ନି.ପ୍ର): ପ୍ରଥମ ଥର ପାଇଁ ଆୟୋଜିତ ହଳଦୀପଦା ମହୋତ୍ସବରେ ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟଖ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମୁଖ୍ୟ ବକ୍ତା ଡ.କୁମାର ଚନ୍ଦ୍ର ମିଶ୍ର ଓ ବରେଣ୍ୟ ଅତିଥି ଭାବେ ଏସଡିପିଓ ଜଳନ୍ଧର ଜାଲି, ପ୍ର'ସେର ଲିଙ୍ଗରାଜ ନାୟକ ସମାଜସେବୀ ବିକ୍ରମ ପଣ୍ଡା ସମାଜସେବୀ ଦିଲୀପ ସାହୁ, ଡ. ଦେବାଶିଷ ମିଶ୍ର ସମାଜସେବୀ ସୁମନ୍ତ ଜେନା, ସଭାପତି ଅଜୟ କୁମାର ଜେନା, ଡ.ପ୍ରତାପ ଚନ୍ଦ୍ର ସାମଲ, ମନୋଜ କର୍ଣ୍ଣାଣୀ ପ୍ରମୁଖ ଯୋଗ ଦେଇ ଭାଷା, ସାହିତ୍ୟ, କଳା, ସଂସ୍କୃତି, ପରମ୍ପରା, ପ୍ରତିଭା ବିକାଶ କ୍ଷେତ୍ରରେ ମହୋତ୍ସବର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଚନ୍ଦ୍ରଶେଖର ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଚୈତନ୍ୟ କୁମାର ସାହୁଙ୍କୁ ବୃକ୍ଷମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ସଂନ୍ଧ୍ୟାରେ ଲକ୍ଷ୍ମୀଧର ଜେନାଙ୍କ ସଂଯୋଜନାରେ ତଥା ଅଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୁପକୁମାର ଦାସ ମୁଖ୍ୟ ଅତିଥି, 'ସମୟର ଚକ୍ର' ସମ୍ପାଦକ ସର୍ବେଶ୍ୱର ଜେନା ମୁଖ୍ୟ ବକ୍ତା, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସଂଜୟ କୁମାର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ବରଦା ପ୍ରସନ୍ନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ବରେନ୍ଦ୍ର ସେଠୀ, ରାଇସୁଆଁ ସରପଞ୍ଚ ଅଜିତ ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ହାଇକୋର୍ଟରେ ବାର୍ଦ୍ଧକ୍ୟ ଭତ୍ତା....

ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ବଜେଟରେ ୧ ହଜାର ୭୨୪ କୋଟି ଟଙ୍କାର ବ୍ୟୟବରାଦ କରୁଛନ୍ତି । ହାଇକୋର୍ଟରେ ବାର୍ଦ୍ଧକ୍ୟ ଭତାର ପରିମାଣ ବୃଦ୍ଧି ପାଇଁ ହୋଇଥିବା ଆବେଦନରେ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାର ଦେଉଥିବା ଆର୍ଥିକ ସହାୟତା ନିଅଣ୍ଟ ପଡୁଛି । ଏହା ସମାନତା ଅଧିକାରକୁ ଉଲ୍ଲଂଘନ କରୁଛି । ମାସକୁ ୫ ଶହ ଟଙ୍କାର ଆର୍ଥିକ ସହାୟତା ଗରିବଙ୍କୁ ଉପହାସ କଲାଭଳି ହେଉଛି ବୋଲି ଆବେଦନରେ ଉଲ୍ଲେଖ ରହିଥିଲା । ଜଷ୍ଟିସ ଏସ ମୁରଲୀଧର ଓ ଜଷ୍ଟିସ ଏସଏମ ରମନ୍ନାଙ୍କ ଖଣ୍ଡପୀଠ ଜନସ୍ୱାର୍ଥ ମାମଲାର ଶୁଣାଣି କରି ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିବା ଉପରେ ଉଚିତ ପଦକ୍ଷେପ ନେବାକୁ ସରକାରଙ୍କୁ କହିଛନ୍ତି । ଆସନ୍ତା ଏପ୍ରିଲ ୧୭ ତାରିଖ ସୁଦ୍ଧା ଏ ଉପରେ ବିଧିବଦ୍ଧ ନିଷ୍ପତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲା ଛୋଟରାୟପୁର ଗାଁର ଅଭୟ କୁମାର ପଟ୍ଟନାୟକ ନାମକ ମଧୁବାବୁ ପେନସନ ହିତାଧିକାରୀ ଭତା ପରିମାଣ ବୃଦ୍ଧି କରିବାକୁ ହାଇକୋର୍ଟ ଯାଇଛନ୍ତି । ସେ ଭିକ ମାଗି ଚଳନ୍ତି, ହେଲେ ନ୍ୟାୟ ପାଇବା ପାଇଁ ହାଇକୋର୍ଟରେ ପିଆଇଏଲ କରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି ।

### ରାଜ୍ୟ କ୍ୟାବିନେଟ୍‌ରେ ୧୨ ଟି ....

କର୍କଟ ରୋଗୀଙ୍କ ରହଣୀ ନିମିତ ବିଶ୍ରାମଗୃହ ନିର୍ମାଣ କରିବାକୁ ଯାଉଥିବା ନେଇ ସୂଚନା ଦିଆଯାଇଛି । କ୍ୟାବିନେଟ ବୈଠକରେ ଓଡ଼ିଶା ଖାଦ୍ୟ ପରୀକ୍ଷାଗାର କର୍ମଚାରୀ ନିଯୁକ୍ତି ଅଧିନିୟମରେ ମଧ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ସେହିପରି କ୍ୟାବିନେଟ ବୈଠକରେ ଜିଏସ୍‌ଟି, ବାଣିଜ୍ୟ କର ଡାଟା ଏଂଟ୍ରି ଅପରେଟର ନିଯୁକ୍ତି ଅଧିନିୟମ ସଂଶୋଧନ ହୋଇଛି । ଓଡ଼ିଶା ଗ୍ରୁପ-ବି କର୍ମଚାରୀ ନିଯୁକ୍ତି ଓ ସେବାସର୍ତ୍ତରେ ସଂଶୋଧନ ପ୍ରସ୍ତାବକୁ ମଧ କ୍ୟାବିନେଟରେ ମଂଜୁରୀ ମିଳିଛି । ସେହିପରି ମାଲକାନଗିରିର ୪ଟି ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଖଇରିପୁଟ, ମାଲକାନଗିରି, ମାଥିଲି ଓ କାଲିମେଳାରେ ଏହି ପ୍ରକଳ୍ପ ହେବ । ନୟାଗଡ଼ ଜିଲ୍ଲାର ଦଶପଲା, ଗଣିଆ ଓ ନୂଆଗାଁରେ ହେବ ୩ଟି ପାନୀୟଜଳ ପ୍ରକଳ୍ପ ପାଇଁ ନିବିଦାକୁ ଅନୁମୋଦନ ମିଳିଛି । ଯାଜପୁରର ବରୀ ଓ କୋରେଇ ବ୍ଲକରେ ନିର୍ମାଣ ପାନୀୟ ଜଳ ପ୍ରକଳ୍ପ ହେବ । ଏହାକୁ କ୍ୟାବିନେଟର ଅନୁମୋଦନ ମିଳିଛି ।

### ଷ୍ଟାର ଦମ୍ପତ୍ତିଙ୍କ କଳିରେ ନୂଆ....

କରିଛନ୍ତି, ଝିଅ ଜନ୍ମ ପରେ ତାଙ୍କ ଉପରେ ନିର୍ଯାତନା ବଢିଥିଲା । କିନ୍ତୁ ସ୍ୱାମୀ ସେଲିବ୍ରିଟି ହୋଇଥିବାରୁ ସମସ୍ୟାର ସମାଧାନ କରିଦେଇଥିଲୁ । କିନ୍ତୁ ୬ ମାସ ହେଲା ନିର୍ଯାତନା ବଢିଯାଇଥିଲା । ସମାଧାନ ଉଦ୍ୟମ ବି ବିଫଳ ହୋଇଥିଲା । କିନ୍ତୁ ନିର୍ଯାତନା ଅସହ୍ୟ ହେବାରୁ ସେ ଥାନାକୁ ଯିବାକୁ ବାଧ ହୋଇଛନ୍ତି । ନିଜ ଶାଶୁ ମଦ ପିଉଥିବା ନେଇ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ତେବେ ଦୁଇଦିନ ଭିତରେ ବିବାଦ ବଢିଥିଲେ ବି ସମାଧାନର ସଙ୍କେତ ଦେଇଛନ୍ତି ଶ୍ରେୟା । ସେ କହିଛନ୍ତି, କମ୍ପ୍ରମାଇଜ ହୋଇପାରିବ । ଏଥିପାଇଁ ଶାଶୁଘର ଲୋକେ ହାତ ବଢାନ୍ତୁ । କେବଳ ମିଡିଆରେ କହିଲେ ହେବନି । ସ୍ତ୍ରୀର ଅଧିକାର ମିଳିଲେ ନିଶ୍ଚିତ ସେ ଯିବେ ବୋଲି କହିଛନ୍ତି ଶ୍ରେୟା ସେ କହିଛନ୍ତି, ଏବେ ସେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ୨୦୧୫ରେ ହ୍ୟୁମାନ ସାଗର ଓ ଶ୍ରେୟା ବିବାହ କରିଥିଲେ । କିନ୍ତୁ ୮ ବର୍ଷ ପରେ ସମ୍ପର୍କରେ ଫାଟ ସୃଷ୍ଟି ହେବା ଚର୍ଚ୍ଚାର ବିଷୟ ହୋଇଛି । ପ୍ରଶ୍ନ ଉଠୁଛି, ଶ୍ରେୟାଙ୍କ ସାଂଘାତିକ ଅଭିଯୋଗ ପରେ ବିବାଦ ବଢିବ ନା ସମାଧାନ ରାସ୍ତା ବାହାରିବ ।

### ଆବାସ ପାଇଁ ଅସନ୍ତୋଷ....

ପୋଷଣ କରାଯାଇ ବେଆଇନ୍ ଭାବେ ଥିଲା ବାଲାଙ୍କୁ ତାଲିକାଭୁକ୍ତ କରାଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି । ମୁଣ୍ଡଗୁଞ୍ଜିବା ପାଇଁ ନାହିଁ ପକ୍କାଘର । ନାହିଁ ମୋଟର ସାଇକେଲ କି ଆଜବେଷ୍ଟସ ଘର । ତଥାପି ବାଦ ପଡୁଛନ୍ତି କିଛି ଲୋକ । ବିଞ୍ଝାରପୁରରେ ବି ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ଯୋଗ୍ୟ ହିତାଧିକାରୀ ବାଦ ପଡିଥିବାରୁ ଅନେକ ପଞ୍ଚାୟତରେ ଅସନ୍ତୋଷ ତେଜିଛି । ଏଠାରେ ପ୍ରଶ୍ନ ଉଠୁଛି, ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବନି,ଚାଳ ଛପର ଥିବା ଲୋକଙ୍କୁ ତାଲିକାରେ ସାମିଲ କରାଯିବନି, ତାହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନାରେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀ କିଏ ?

### ଜାନୁଆରୀ ୨୬ରେ ଲଞ୍ଚ ହେବ....

୧୮ ବର୍ଷରୁ ଅଧିକ ବୟସ୍କମାନେ ନାଜାଲ ଟିକା ନେଇପାରିବେ । ଏହା ଅତ୍ୟନ୍ତ ସହଜ । ୨ଟି ଯାକ ନାକ ପୁଡ଼ାରେ ୪ ଡ୍ରପ୍ ଲେଖାଏ ମୋଟ ୦.୫ ଏମଏଲର ଟିକା ନେବାକୁ ହେବ । ଏହାର ପାର୍ଶ୍ୱପ୍ରତିକ୍ରିୟା ମଧ ନାହିଁ । ନାକରେ କିଛି ସମୟ ପାଇଁ ବ୍ଲକେଜ ଆସିପାରେ । କିନ୍ତୁ ଏହା ଅତ୍ୟନ୍ତ ସୁରକ୍ଷିତ ଟିକା ବୋଲି ପରୀକ୍ଷାରୁ ଜଣାପଡ଼ିଛି । ଫେବୃଆରୀ ମାସରେ ମୁମ୍ୱାଇ ଭିତ୍ତିକ ଗ୍ଲେନମାର୍କ ଭାରତରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଗୋଟିଏ ନାଜାଲ ସ୍ପ୍ରେ ବାହାର କରିଥିଲା ।

## ଗାନ୍ଧିବାଦୀ କଂଗ୍ରେସ ଭାଇଙ୍କ ଜୟନ୍ତୀରେ ଆଲୋଚନା ଚକ୍ର : ଗାନ୍ଧିବାଦ ହିଁ ଆଜିର ବିଶୃଙ୍ଖଳିତ ସମାଜକୁ ସଜାଡିପାରିବ

ବାରିପଦା,୨୧/୦୧ (ନି.ପ୍ର): ବିଶିଷ୍ଟ ସର୍ବୋଦୟ କର୍ମୀ ଗାନ୍ଧିବାଦୀ କଂଗ୍ରେସ ଭାଇଙ୍କ ଜୟନ୍ତୀ ଉପଲକ୍ଷେ ଗୁରୁବାର ସଂଧାରେ ବାରିପଦା ରୋଟାରୀ କ୍ଲବ ଠାରେ ବିନୋବା ସ୍ମାରକ ଟ୍ରଷ୍ଟ ଏବଂ ବଡାମ ବାହିନୀ ମିଳିତ ଆନୁକୁଲ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସର୍ବଦୋୟ ମଣ୍ଡଳ ମୟୂରଭଂଜ ଜିଲ୍ଲାଶାଖାର ସଭାପତି ଅଭିଜିତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ପ୍ରତିକ ସମୟରେ ସର୍ବଦୋୟର ଆବଶ୍ୟକତା ଶୀର୍ଷକ ଏହି ଆଲୋଚନା ଚକ୍ରରେ ଅତିଥି ତଥା ବକ୍ତା ଭାବରେ ଗାନ୍ଧିବାଦୀ ସ୍ତମ୍ଭକାର ଡ. ବିଶ୍ୱଜିତ, ସର୍ବୋଦୋୟ ମଣ୍ଡଳର ରାଜ୍ୟ ସଭାପତି ମିହିର ପ୍ରତାପ ଦାସ, ପ୍ରଫେସର ନାସିର ବକ୍ସ, ଗବେଷକ ଡ. ରାଜକିଶୋର ନାୟକ, ସମାଜସେବୀ ଶରତଚନ୍ଦ୍ର ନାୟକ, ବୀରଜା ଦେବୀ, ବଡାମ ବାହିନୀର ସଭାପତି ରୂପେଶ ଗିରି, ଯୁବ ଗାନ୍ଦିବାଦୀ କର୍ମୀ ମାନସ ପଟ୍ଟନାୟକ, ସର୍ବଦୋୟ ମଣ୍ଡଳର ରାଜ୍ୟ ସମ୍ପାଦକ ଆର୍ଯ୍ୟଭଟ ମହାନ୍ତି ପ୍ରମୁଖ ଯୋଗଦେଇ ସର୍ବଦୋୟ ବିଚାର ତଥା ଗାନ୍ଧିବାଦ ହିଁ ଆଜିର ବିଶୃଙ୍ଖଳିତ ସମାଜକୁ ସଜାଡିପାରିବ ବୋଲି କହିଥିଲେ । ଏହି ଅବସର ରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଚିତ୍ରକଳା ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ସହ ଆଲୋଚନା ଚକ୍ରରେ ବାରିପଦାର ବହୁ ବୁଦ୍ଧିଜିବୀ ଏବଂ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ ।

## ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କାର୍ଯ୍ୟକ୍ରମ




ବାଲେଶ୍ୱର,୨୧/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପୁରୁଣା ଜାତୀୟ ରାଜପଥ ଜଳେଶ୍ୱର ବାଇ ପାସ୍ ଠାରୁ ଡ଼ି. ପି ପ୍ରାଇମେରୀ ସ୍କୁଲ ଛକ ମଧରେ ସ୍ଥିତ ଗୋବରଘାଟ ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ହାଇ ଲେଭେଲ୍ ବ୍ରିଜ ନିର୍ମାଣ କରିବା ପାଇଁ ଅନୁମୋଦନ ଦେଇଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ । ଏହି ବ୍ରିଜ ନିର୍ମାଣ ଦ୍ୱାରା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ମ୍ୟୁନିସିପାଲିଟି ଠାରୁ ଜଳେଶ୍ୱର ବ୍ଲକର ରାଇବଣିଆ ଏବଂ ମୟୁରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ମଧରେ ଗମନାଗମନ ସୁବିଧା ସହିତ ଉଭୟ ଜିଲ୍ଲାର ଜନସାଧାରଣଙ୍କ ଆର୍ଥିକ ଉନ୍ନତିରେ ଏହା ସହାୟକ ହେବ । ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଜିଲ୍ଲା ବାସୀଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଜିଲ୍ଲା ବିଜେଡ଼ି ଉପ ସଭାପତି ଗୌରୀ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏହି ହାଇ ଲେଭେଲ୍ ବ୍ରିଜ ନିର୍ମାଣ ପାଇଁ ୧୦୧କୋଟି ୬୬ଲକ୍ଷ ଟଙ୍କା ଅନୁମୋଦନ କରିବା ସହିତ ୩୬ମାସ ମଧରେ ଏହା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଉଲ୍ଲେଖ କରିବା ସହିତ ଜିଲ୍ଲା ବାସୀ ତଥା ଜଳେଶ୍ୱର ବାସୀଙ୍କ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଜେନା, ଜଳେଶ୍ୱର ମ୍ୟୁନିସିପାଲିଟି ଅଧକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, ଜିଲ୍ଲା ବିଜେଡ଼ି ଉପସଭାପତି ଭୁବନାନନ୍ଦ ଦାସ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶତ୍ରୁଘ୍ନ ମଲ୍ଲିକ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ କୁମାର ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଯୁବନେତା ମଧୁସୂଦନ ସେନାପତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ସର୍ବଶେଷରେ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାଷ୍ଟ୍ର ବିକାଶ ପାଇଁ ଯୁବଗୋଷ୍ଠୀଙ୍କ ପ୍ରତିଭା ବିକାଶ ଜରୁରୀ

ବାଲେଶ୍ୱର,୨୧/୦୧ (ନି.ପ୍ର): ଦିବସବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ୧୭ତମ ସ୍ୟାଣ୍ଡ ଫେଷ୍ଟ ଶନିବାର ଉଦଘାଟିତ ହୋଇଯାଇଛି । ସକାଳେ ମହୋତ୍ସବ କମିଟି ଅଧ୍ୟକ୍ଷ ଅଜୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରାଫିକ ଥାନାଧିକାରୀ ପ୍ରେମପ୍ରଜ୍ଞା ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ଯୁବ କିଶୋର ଓ ଶିଶୁଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସମେତ ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରଥମ ଦିବସର ବିଭିନ୍ନ ପ୍ରତିଯୋଗିତାରେ ଅଧ୍ୟାପକ ଚିତ୍ତରଞ୍ଜନ ପରିଡ଼ା, ସୁଶାନ୍ତ କୁମାର ରାଉତ, ଭାସ୍ୱତୀ କର, ଉମେଶ ବେହେରା, ନିର୍ମଳା ଭୋଇ, ଅନୁପମା ମିଶ୍ର ଏବଂ ସୋନାଲି ଶିଖା ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ସନ୍ଧ୍ୟାରେ ଷ୍ଟେସନ କ୍ଲବ ପରିସରରେ ସଣ୍ଡଫେଷ୍ଟର ସଭାପତି ପ୍ରଦୀପ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ, ମୁଖ୍ୟବକ୍ତା 'ମହାନଦୀ ବଂଚାଅ' ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ କାଉନସିଲର୍ ପଦ୍ମଲୋଚନ ଲେଙ୍କା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଯୁବ ଓ ଶିଶୁଙ୍କ ପ୍ରତିଭା ବିକାଶ ପାଇଁ ଏହି ମହୋତ୍ସବ ସୁଯୋଗ ସୃଷ୍ଟି କରିଛି ବୋଲି ମତ ଦେଇଥିଲେ । ତେବେ ରାଷ୍ଟ୍ର ଗଠନ ପାଇଁ ଯୁବ ଗୋଷ୍ଠୀଙ୍କ ପ୍ରତିଭା ବିକାଶ ଜରୁରୀ ବୋଲି ସେମାନେ କହିଥିଲେ । ସଭାକାର୍ଯ୍ୟରେ କମିଟିର ଅଧ୍ୟକ୍ଷତ ଅଜୟ କୁମାର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଉପସଭାପତି ବିକାଶ ପାଢ଼ୀ, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସମ୍ପାଦକ ସିମନ୍ ଦାସ ମହାପାତ୍ର, ସାଂଗଠନିକ ସମ୍ପାଦକ ପାର୍ଥ ସାରଥି ଦାସ ଓ ଝାଡ଼େଶ୍ୱର ଜେନା, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଉପଦେଷ୍ଟା ଗୌରହରି ମଲ୍ଲିକ, ସହ ସମ୍ପାଦକ ଶେଖ୍ ବୁରହାନ, ତୁଷାରକାନ୍ତି ତପସ୍ୱୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ସଂଗଠକ ସୁକୀର୍ତ୍ତି କର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଦର ନିର୍ବାଚନମଣ୍ଡଳୀରେ ବିଜେପିର ପ୍ରବାସ ବୈଠକ

ବାଲେଶ୍ୱର,୨୧/୦୧ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଓ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନ କ୍ରମେ ବିଜେପି ପକ୍ଷରୁ ଏବେ ସବୁଠି ଚାଲିଛି ପ୍ରବାସ କାର୍ଯ୍ୟକ୍ରମ । ବାଲେଶ୍ୱର ଜିଲା ପରିଷଦର ୨୮ନଂରେ ମଣ୍ଡଳ ସଭାପତି ତପନ କୁମାର ଗିରି ଓ ୨୬ନଂ ମଣ୍ଡଳ ସଭାପତି ଅନୀଲ କୁମାର ପାତ୍ରଙ୍କ ନେତୃତ୍ୱରେ ରୂପସା ଏବଂ ଚାନ୍ଦିପୁର ମଣ୍ଡଳରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସକାଳେ ହଳଦୀପଦା ଠାରେ ରୂପସା ମଣ୍ଡଳ ବୈଠକ ଓ ଅପରାହ୍ନରେ ଶ୍ରୀକୋଣା ଠାରେ ଚାନ୍ଦିପୁର ମଣ୍ଡଳ ବୈଠକ ଆୟୋଜିତ ହୋଇଥିଲା ।ଏହି ପ୍ରବାସ କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ ଯୋଗଦେଇ ସାଙ୍ଗଠନିକ ଧାରା ସମ୍ପର୍କରେ ଆଲୋଚନା କରିଛନ୍ତି । ରାଜ୍ୟ ସରକାର ବିଭିନ୍ନ ଯୋଜନା ନାମରେ ଲୋକଙ୍କୁ ଭୁଆଁ ବୁଲାଉଥିବା ବେଳେ ପ୍ରକୃତ ହିତାଧିକାରୀ ଏଥିରେ ଉପକୃତ ହୋଇ ପାରୁନାହାନ୍ତି ବୋଲି ସେମାନେ କହିଛନ୍ତି । ବିଶେଷ କରି କେନ୍ଦ୍ର ପ୍ରଦତ୍ତ ପ୍ରଧାନମନ୍ତ୍ରୀ ଆବାସରେ ରାଜ୍ୟ ସରକାରଙ୍କ ଲୋଗୋ ଲଗାଯିବା, କୃଷିରୁ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରି ନପାରି ଚାଷୀମାନେ କ୍ଷତି ସହିବା ଉପରେ ସେମାନେ ଆଲୋଚନା ସହ ଏ ବାବଦରେ ଲୋକଙ୍କୁ ସଚେତନ କରିବାକୁ ସେମାନେ ବୈଠକରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ପର୍ଶୁରାମ ବେହେରା ଓ ଗଙ୍ଗାଧର ରାଉତ, ମଣ୍ଡଳର ସାଧାରଣ ସମ୍ପାଦକ ଅନନ୍ତ ନାୟକ ଓ ହରେନ୍ଦ୍ର ପ୍ରଧାନ, କୁରାଢ଼ିହା ସରପଞ୍ଚ ନିରଞ୍ଜନ ଧଳ, ସାରଗାଁ ସମିତିସଭ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ବରିଷ୍ଠ ବିଜେପି ନେତା ରାଜେନ୍ଦ୍ର ଚାଟାର୍ଜୀ, ରାଜ୍ୟ ଯୁବମୋର୍ଚ୍ଚା ସହ ସଂଯୋଜକ ବିକାଶ ପାଢୀ, ଜିଲ୍ଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ସଦାଶିବ ଜେନା, ନିରଞ୍ଜନ ଜେନା, ବିଜୟ ସାହୁ, ଉମାକାନ୍ତ ପ୍ରଧାନ, ବିକାଶ ମାଇତି, ଶ୍ରୀଧର ବେହେରା, ରାଧାକୃଷ୍ଣ ମାଝୀ, ରଞ୍ଜିତ ଦାସ ସହିତ ସମସ୍ତ ମଣ୍ଡଳ ପଦାଧିକାରୀ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସମସ୍ତ ପ୍ରତିଯୋଗିତା ଶେଷ



ଭଦ୍ରକ,୨୧/୦୧ (ନି.ପ୍ର): ୭୪ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଗତ ୬ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସଂସ୍କୃତି ଭବନରେ ଜାନୁୟାରୀ ୧୮ ତାରିଖରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଆଜି ୨୧ ତାରିଖରେ ଶେଷ ହୋଇଛି । ୧୮ ତାରିଖରେ ରୋଟାରୀ କ୍ଲବ୍ ସହଯୋଗରେ କ୍ଲବ୍‌ର ସଂପାଦକ ଅଭିଜିତ୍ ନାୟକ ଓ ରୋଟାରିଆନ୍ ବାଦଲ ମହାପାତ୍ରଙ୍କ ପରିଚାଳନାରେ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବ୍ରଜମୋହନ ମିଶ୍ର, ଗୋଲକ ବିହାରୀ ସାହୁ, ରାମଚନ୍ଦ୍ର ପଣ୍ଡା ଇଂରାଜୀ ବକ୍ତୃତା ଓ ପ୍ରଭାତ ନଳିନୀ ମହାପାତ୍ର, ଶଶଧର ଦାସ, ପ୍ରଫୁଲ୍ଲ କୁମାର ସାହୁ ଓଡ଼ିଆ ବକ୍ତୃତା ପାଇଁ ବିଚାରକ ଦାୟିତ୍ୱ ତୁଲାଇଥିଲେ । ସେହିପରି ୧୯ ତାରିଖରେ ସାଲନ୍ଦୀ ହସ୍‌ପିଟାଲର ସହଯୋଗରେ ଡା. ପ୍ରଭାସ ଚନ୍ଦ୍ର ମହାନ୍ତିଙ୍କ ପରିଚାଳନାରେ ସାଧାରଣଜ୍ଞାନ ଓ ସାଲନ୍ଦୀ ନର୍ସିଂ ସ୍କୁଲ ସହଯୋଗରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତି, ମହନ୍ତ ଆଶିଷ ଗୋସ୍ୱାମୀ ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ ପ୍ରସାଦ ସାହୁ ପ୍ରମୁଖ ସଙ୍ଗୀତ ପ୍ରତିଯୋଗିତା ପାଇଁ ବିଚାରକ ଦାୟିତ୍ୱ ନିଭାଇଥିଲେ । ୨୦ ତାରିଖରେ ପଲ୍ଲିଶ୍ରୀ ସହଯୋଗରେ ପ୍ରତାପ ପାଢ଼ୀଙ୍କ ପରିଚାଳନାରେ ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ବେଳେ ସେହିଦିନ ଚାଇଲଡ୍ ଲାଇନ୍ ଆସିଆନା ସହଯୋଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଳା ଶିକ୍ଷକ ଜୟନ୍ତ କୁମାର ନାୟକ, ମନୋଜ ଭଟ୍ଟାଚାର୍ଯ୍ୟ, ନାରାୟଣ ବେହେରା ପ୍ରମୁଖ ଏଥିପାଇଁ ବିଚାରକ ଥିଲେ । ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ, ସଦସ୍ୟ ରମାକାନ୍ତ ଜେନା, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ମହାପାତ୍ର, ସଂଯୁକ୍ତା ମଳିକ, ସ୍ମୃତିରେଖା ଓଝା, ପ୍ରତିମା ବଳ ପ୍ରମୁଖ ଏହି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## କଷାଫଳ ପ୍ରିମିଅର ଲିଗ ଉଦ୍‌ଘାଟିତ




ଲଙ୍ଗଳେଶ୍ୱର,୨୧/୦୧ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମରେ କଷାଫଳ ପ୍ରିମିଅର ଲିଗ କ୍ରିକେଟ ମ୍ୟାଚ ଉଦଘାଟିତ ହୋଇଯାଇଛି । ସିଦ୍ଧିବିନାୟକ ଓ ସିଂହବହିନୀ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏଇ ମ୍ୟାଚର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଆଦିକ ଓ ମୁଖ୍ୟ ବକ୍ତା ଭାବେ ସମାଜସେବୀ ବିକ୍ରମ ପଣ୍ଡା ଯୋଗ ଦେଇ ଦୈନନ୍ଦିନ ଜୀବନରେ ଖେଳର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।ଯଯାତି କେଶରୀ ପୃଷ୍ଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ ସଭାରେ ସମାଜସେବୀ ମୁକୁନ୍ଦ ଆଦିକ,ପୂର୍ବତନ ସରପଞ୍ଚ ସିବାନନ୍ଦ ପାତ୍ର, ପ୍ରିୟରଞ୍ଜନ ପୃଷ୍ଟି ସତ୍ୟ ଜେନା, ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ପରାମର୍ଶ ଦେଇଥିଲେ ।ଆଜି ଚାରିଟି ଦଳ ଖେଳିଥିଲେ । ପ୍ରଥମେ ସତ୍ୟନାରାୟଣ ଇଲେବେନ ଷ୍ଟାର କୁ ବି ଏସ ୱାରିଆସ ୧୨ରନ ରେ ପରାସ୍ତ କରିଥିବା ବେଳେ ଏଥଲେଟିକ ଲାୟନ କୁ ପାୱାର ଗ୍ଲାଡିଅର ୭୨ ରନ ରେ ପରାସ୍ତ କରିଥିଲା ।

## ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଦିନିକିଆ ସମ୍ବଲପୁର ଗସ୍ତରେ ଯିବେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ଆସନ୍ତା ୨୩ ତାରିଖରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ ସମ୍ବଲପୁର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି, ଅମୃତ ମହୋତ୍ସବ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପୂଣ୍ୟ ଜୟନ୍ତୀରେ ତାଙ୍କ ଜନ୍ମ ମାଟି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖିଣ୍ଡା ଠାରେ ଅନୁଷ୍ଠିତ ପଦଯାତ୍ରାରେ ସାମିଲ ହେବା ସହ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବେ । ପଦଯାତ୍ରାରେ ଯୋଗଦେବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଓ ପରାକ୍ରମ ଦିବସ ଉପଲକ୍ଷେ ସମ୍ବଲପୁରରେ ଆଇଆଇଏମ ଓ ଆଇସିଏଚଆରର ମିଳିତ ଉଦ୍ୟମ ଉଦ୍ୟମରେ ଆୟୋଜିତ ସେମିନାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ । ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବେ । ମାଣେଶ୍ୱର ବ୍ଲକ ସାସନ ପରମାଣପୁର ଠାରେ ଆଂଚଳିକ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଧନୁଯାତ୍ରା ସମାରୋହରେ କେନ୍ଦ୍ରମନ୍ତ୍ରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

## ନୀଳଗିରି ଅବକାରୀ ବିଭାଗ ଦ୍ୱାରା ୨ ମଦ ବେପାରୀ ଗିରଫ



ନୀଳଗିରି,୨୧/୦୧ (ନି.ପ୍ର): ନୀଳଗିରି ଅବକାରୀ ବିଭାଗର ଆଜି ନୂତନ ଓ.ଆଇ.ସି. ଭାବେ ନୃସିଂହ ନାରାୟଣ ରଥ ଯୋଗଦାନ କରିଛନ୍ତି । ଯୋଗଦାନର ପ୍ରଥମ ଦିନରେ ବହୁ ପରିମାଣର ମହୁଲି ମଦ ଜବତ୍ କରିବା ସହିତ ହଜାର ହଜାର ଲିଟର ପୋଚକୁ ନଷ୍ଟ କରି ମଦ ମାଫିଆଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ଅବକାରୀ ବିଭାଗ ଓ ବାଲେଶ୍ୱର ମୋବାଇଲ ସ୍କ୍ୱାର୍ଡ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୭୨ଲିଟର ମହୁଲି ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛନ୍ତି । ଖୁଂଟା ବହଳଦା ଅଂଚଳର କୁନା ସିଂ (୨୫) ଠାରୁ ୪୨ ଲିଟର ମହୁଲି ମଦ, ବରହମପୁର ଥାନା ଅର୍ନ୍ତଗତ ହୁଡ଼ିସାହି ଗ୍ରାମର କନ୍ଦା ସିଂ (୩୩) ଠାରୁ ୩୦ଲିଟର, ଉକ୍ତ ଅଂଚଳର ପୁଟିବନ୍ଧ ଜଙ୍ଗଲରେ ଚୋରାରେ ଚାଲିଥିବା ମହୁଲୀ ଭାଟିରେ ଚଢ଼ାଉ କରି ୩୦୦୦ ଲିଟର ପୋଚକୁ ନଷ୍ଟ କରିବା ସହିତ ଶହ ଶହ ଲିଟର ମଦକୁ ଜବତ କରିବା ସହିତ ମଦରନ୍ଧା ସାମଗ୍ରୀ, ଡେଗିଚି, ପ୍ଲାଷ୍ଟିକ୍ ଡ୍ରମ ଜବତ୍ କରିଛନ୍ତି । ଏହି ଚଢ଼ାଉରେ ବାଲେଶ୍ୱର ଅବକାରୀ ସ୍କ୍ୱାର୍ଡ , ନୀଳଗିରି ଓ.ଆଇ.ସି. ନୃସିଂହ ନାରାୟଣ ରଥ, କନେଷ୍ଟବଳ, ପ୍ରହ୍ଲାଦ ବାରିକ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

# ପେନସନ ଓ ଜିପିଏଫ ଅଭିଯୋଗ ଶୁଣାଣି ସୁବ୍ୟବସ୍ଥାର ସମୀକ୍ଷା

ଭଦ୍ରକ,୨୧/୦୧ (ନି.ପ୍ର): ଭଦ୍ରକ ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଜିଲ୍ଲାରେ ଥିବା ୭ଟି ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କର ଭବିଷ୍ୟନିଧି ପାଣ୍ଠି(ଜିପିଏଫ), ପ୍ରାପ୍ୟରୁ ବଞ୍ଚି ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ପ୍ରଦାନ କରିବା ଓ ତ୍ୱରିତ୍ ପେନସନ ପ୍ରଦାନର ସୁବ୍ୟବସ୍ଥା କରିବା ପାଇଁ ଆଲୋଚନା କରାଯାଇଥିଲା । ଆଲୋଚନାରେ ପେନସନ ପ୍ରଦାନର ବିଳମ୍ବର କାରଣ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ଏହାକୁ ସରଳ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଏକ ବର୍ଷ ପୂର୍ବରୁ ଏନଓସି ପ୍ରଦାନ କରିବା, ଏନଓସି ପ୍ରଦାନରେ ବିଳମ୍ବ ନକରି ଆଫିଡେଭିଟ(ସତ୍ୟପାଠ) ଜରିଆରେ ପନେସନ ପ୍ରଦାନ କରିବା ଲାଗି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭବିଷ୍ୟନିଧି ପାଣ୍ଠିର ପାଖାପାଖି ଏକ କୋଟି ଟଙ୍କା ଭରଣା କରାଯାଇଥିବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କଲେକ୍ଟର ଅଶୋକ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ । କଲେକ୍ଟର ଶ୍ରୀ ମହାନ୍ତି ସବିଶେଷ ତଥ୍ୟକୁ ଉକ୍ତ ବୈଠକରେ ସମସ୍ତଙ୍କ ସମ୍ମୁଖରେ ଅବଗତ କରାଇଥିଲେ । ଉକ୍ତ ବୈଠକରେ ୭ଟି ବ୍ଲକର ବ୍ଲକ ଶିକ୍ଷାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । କଲେକ୍ଟରିଏଟ କର୍ମଚାରୀ ଅପରେଶ ଜନା, ପଦାରବିନ୍ଦ ମହାପାତ୍ର ମଧ ଉପସ୍ଥିତ ରହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲା ଓଷ୍ଟା ଓ ପ୍ରାଥମିକ ଶିକ୍ଷକ ସଂଗଠନ ପକ୍ଷରୁ କଲେକ୍ଟରଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ରାଜ୍ୟ ମହା ସଚିବ ଚାରୁଲତା ମହାପାତ୍ର, ଓଷ୍ଟା ସଂପାଦକ ପ୍ରଦୀପ ଦାସ, ମନୋରଂଜନ ନାୟକ, ବାବୁଲା ରାଉତ, ସମୀର ଜେନା ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ ।

## ବେସରକାରୀ କଲେଜ ଗ୍ରାଂଟ ଇନ୍‌ଏଡ୍ସ ବୃଦ୍ଧିକୁ ୬୬୨ ବର୍ଗ ପକ୍ଷରୁ ବିରୋଧ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ସରକାରଙ୍କ ପକ୍ଷରୁ ବେସରକାରୀ କଲେଜ ଗ୍ରାଂଟ ଇନ୍‌ଏଡ୍ ବୃଦ୍ଧିକୁ ୬୬୨ ବର୍ଗ ପକ୍ଷରୁ ବିରୋଧ କରାଯାଇଛି । ସଂଘ ସଭାପତି ଗୋଲକ ନାୟକ ଏହି ନିଷ୍ପତିକୁ ବିରୋଧ କରି କହିଛନ୍ତି ଯେ ଏହାର ପ୍ରତିବାଦରେ ଆସନ୍ତା ଫେବ୍ରୁଆରୀ ୩ରେ ମହାସମାବେଶ କରିବୁ । ସେ ଆହୁରି କହିଛନ୍ତି ଯେ +୨ ଓ +୩ ପରୀକ୍ଷାରେ ଅସହଯୋଗ ଓ ଖାତା ମୂଲ୍ୟାୟନ ବର୍ଜନ କରାଯିବ ।

# ଲଛମନଖୁଣ୍ଟାରେ ଆଦିବାସୀ ମେଳା ଉଦ୍‌ଯାପିତ



ବସ୍ତା,୨୧/୦୧ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଓ ଦରଖୁଲି ହାଟ କମିଟି ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ ଆଦିବାସୀ ମକର ମେଳା ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଯୁବ ଉଦ୍ୟୋଗୀ ଅବଦୁଲ ସଲିମ ଖାନ ସମ୍ମାନୀତ ଅତିଥି ପୂର୍ବତନ ସମିତିସଭ୍ୟ କମଳାକାନ୍ତ ସିଂ, ଶିକ୍ଷକ ନିଜାମୁଦ୍ଦିନ ତୋଗଲକ, ସମାଜସେବୀ ରାଜୀବ ଖାନ ପ୍ରମୁଖ ଯୋଗ ଦେଇ ସଂସ୍କୃତି ଓ ପରମ୍ପରା କ୍ଷେତ୍ର ରେ ଆଦିବାସୀ ମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ । କର୍ମକର୍ତ୍ତା ତାରାକାନ୍ତ ସିଂ ପୌରାହିତ୍ୟ କରିଥିଲେ । ରବିରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଦରଖୁଲି ପଡିଆରେ ୩ ଦିନ ବ୍ୟାପୀ ଏହି ମେଳାରେ ମୁଣ୍ଡାରୀ ନୃତ୍ୟ, ସାନ୍ତାଳୀ ଢାବୁଲ ତାମସା ଓ ଝୁମର ନାଚ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା । ଆଦିବାସୀ ନାଚ ର ତାଳେ ତାଳେ ଉପସ୍ଥିତ ଦର୍ଶକ ଦୀର୍ଘ ସମୟ ବେଶ ଝୁମିଥିବା ଦେଖିବାକୁ ମିଳିଥିଲା । ସଦସ୍ୟ ରବିରାମ ସିଂ, ବ୍ରଜ ସିଂ, ବିଜୟ କୁମାର ମହାନ୍ତ, ଡମାନ ମୁର୍ମୁ, ଅରୁଣ ମହାନ୍ତ, ମନୁ ସିଂ, ସୁକୁଲାଲ ସିଂ ପ୍ରମୁଖ ମେଳା ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ମିଳିଲା ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ର



ବାଲିଆପାଳ,୨୧/୦୧ (ନି.ପ୍ର): ଗତ ନଭେମ୍ବର ମାସରେ ବାଲିଆପାଳ ବ୍ଲକ ପରିସରରେ ହୋଇଥିବା ଭିନ୍ନକ୍ଷମ ଚିହ୍ନଟ ଶିବିରରେ ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସ୍ଥାୟୀ ପ୍ରମାଣପତ୍ର ନଦେଇ ପାଞ୍ଚ ବର୍ଷିଆ ଅସ୍ଥାୟୀ ପ୍ରମାଣପତ୍ର ପ୍ରଦାନ ବିଷୟରେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଏବଂ ଆମ ଅଧିକାର ଫାଉଣ୍ଡେସନର ସଦସ୍ୟମାନେ ଚଳିତ ମାସ ବ୍ଲକ ପରିସରରେ ହୋଇଥିବା ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଅଭିଯୋଗ ସମୟରେ ସ୍ୱେଚ୍ଛାସେବୀମାନେ ବାଲିକୁଟି ଗ୍ରାମର ଭିନ୍ନକ୍ଷମବ୍ୟକ୍ତି ସୁକୁଲ ସୋରେନ, ରବିନ୍ଦ୍ର ଦଳାଇ ଏବଂ ମହେଶ୍ୱର ନାୟକଙ୍କୁ ଜିଲ୍ଲାପାଳଙ୍କୁ ଦେଖାଇବା ସହ କିପରି ଦିବ୍ୟାଙ୍ଗମାନେ ପାଞ୍ଚବର୍ଷକୁ ଥରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ବାରମ୍ବାର ହଜାର ହଜାର ଲୋକଙ୍କ ଭିଡ଼ ଭିତରେ ଲମ୍ବା ଲାଇନରେ ଛିଡା ହୋଇ ଶାରୀରିକ ଏବଂ ମାନସିକ ଯନ୍ତ୍ରଣାରେ ଶିକାର ହେଉଛନ୍ତି କହିବା ସହ ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ରର ସରକାରୀ ନିର୍ଦ୍ଦେଶନାମାର ଏକ ନକଲ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରି ପ୍ରକୃତ ଭିନ୍ନକ୍ଷବ୍ୟକ୍ତିଙ୍କୁ ସ୍ଥାୟୀ ପ୍ରମାଣପତ୍ର ଯୋଗାଇଦେବା ପାଇଁ ନିବେଦନ କରିଥିଲେ । ତେବେ ଜିଲ୍ଲାପାଳ ଏହି ନିବେଦନକୁ ଗୁରୁତ୍ୱ ଦେଇ ସରକାରୀ ନିୟମ ଅନୁସାରେ ଆସିଥିବା ତିନି ଦିବ୍ୟାଙ୍ଗଙ୍କୁ ସ୍ଥାୟୀ ପ୍ରମାଣପତ୍ର ଯୋଗାଇଦେବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଏବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ତେଣୁ ପ୍ରଶାସନ ତତ୍ପର ହୋଇ ଶେଷରେ ଦିବ୍ୟାଙ୍ଗ ଆଦିବାସୀ ସୁକୁଲ ସୋରେନକୁ ଦେଇଥିବା ୬୦ପ୍ରତିଶତର ଅସ୍ଥାୟୀ ଭିନ୍ନକ୍ଷମ ପ୍ରମାଣ ପତ୍ରକୁ ପରିବର୍ତ୍ତନ କରି ୯୦ପ୍ରତିଶତର ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦେଇଥିଲେ । ଠିକ ସେହିପରି ଅନ୍ୟ ଦୁଇ ଦିବ୍ୟାଙ୍ଗ ରବିନ୍ଦ୍ର ଦଳାଇ ଏବଂ ମହେଶ୍ୱର ନାୟକଙ୍କୁ ପୂର୍ବରୁ ମିଳିଥିବା ୯୦ପ୍ରତିଶତର ଅସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ରକୁ ପରିବର୍ତ୍ତନ କରି ୬୦ପ୍ରତିଶତର ସ୍ଥାୟୀ ପ୍ରମାଣପତ୍ର ଯୋଗାଇ ଦେଇଥିଲେ । ପ୍ରକୃତ ଦିବ୍ୟାଙ୍ଗଙ୍କୁ ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦେବା ପାଇଁ ସ୍ୱର ଉଠାଇଥିବା ଆମ ଅଧିକାର ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତାଙ୍କୁ ବାଲିଆପାଳ ବାସି ସାଧୁବାଦ ଜଣାଇଛନ୍ତି । ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଅନ୍ୟ ପ୍ରକୃତ ଦିବ୍ୟାଙ୍ଗଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପରିବର୍ତ୍ତନ କରୁଛନ୍ତି ।

## ଜାମୁକୋଳି ଗୋଶାଳା ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଜଟଣୀର ଜାମୁକୋଳି ଅଂଚଳରେ ଥିବା ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ଗୋଶାଳା ପରିଦର୍ଶନ କରି ଗୋରୁ ମାନଙ୍କ ରକ୍ଷଣା ବେକ୍ଷଣ ଓ ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଛନ୍ତି । ଗାଇ ମାନଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଗାଇ ମାନଙ୍କ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥା, ଦିଆ ଯାଉଥିବା ଗୋ ଖାଦ୍ୟ ସବୁ ବୁଲି ଦେଖିଥିଲେ ଏବଂ କିଛି ଗାଇ ମାନଙ୍କୁ ଫଳ ଓ ପନିପରିବା ମଧ୍ୟ ଖାଇବାକୁ ଦେଇଥିଲେ । ଏକ ନବ ଜନ୍ମିତ ବାଛୁରୀ କୁ ଦେଖି ମୁଖ୍ୟମନ୍ତ୍ରୀ ଏହାର ନାମ କଣ ବୋଲି ପଚାରି ଥିଲେ । ତାହାର ନାମ ଦିଆ ଯାଇ ନାହିଁ ବୋଲି ଜାଣିବା ପରେ ମୁଖ୍ୟମନ୍ତ୍ରୀ ତା'ର ନାମ ରଖିଥଲେ କ୍ରିଷ୍ଣା । ସୂଚନା ଯୋଗ୍ୟ ଯେ ଜାମୁକୋଳି ଠାରେ ୨୦୧୮ ମସିହାରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୫.୫ ଏକର ପରିମିତ ଜମିରେ ଏକ ଗୋଶାଳା ସ୍ଥାପନ କରା ଯାଇଛି । ଏହାକୁ ୨୦.୫ ଏକର ପରିମିତ ଅଂଚଳକୁ ସମ୍ପ୍ରସାରିତ କରିବାକୁ ପ୍ରସ୍ତାବ ରହିଛି । ଏଥିରେ ବର୍ତ୍ତମାନ ୯୦୬ ଟି ଗାଇ ଗୋରୁ ଅଛନ୍ତି । ସହରର ବୁଲା ଗାଇ ଗୋରୁ ମାନଙ୍କୁ ମୁଖ୍ୟତଃ ଏଠାରେ ରଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ୫ଟି ସଚିବ ଶ୍ରୀ ଭି କେ ପାଣ୍ଡିଆନ ମଧ ଗୋଶାଳା ପରିଦର୍ଶନ କରିଥିଲେ । ଭୁବନେଶ୍ୱର ମହାନଗର ନିଗମ ମେୟର, ଉତର ବିଧାୟକ, ପୂର୍ବତନ ବିଧାୟକ, ମହାନଗର ନିଗମ ର କମିଶନର ପ୍ରମୁଖ ଉପସ୍ଥତ ଥିଲେ ।

# କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳର ୩୯ତମ ବାର୍ଷିକ



ବାଲିଆପାଳ,୨୧/୦୧ (ନି.ପ୍ର): ଆଜି ପୂର୍ବାହ୍ନରେ ବାଲିଆପାଳ ବ୍ଲକ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳର ୩୯ତମ ବାର୍ଷିକ ଉତ୍ସବ ଅଧକ୍ଷା ଡ଼.ହରପ୍ରିୟା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ମହିଳା ବିଜୁଜନତାଦଳର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରି ତଥା ରେବତୀ ପତ୍ରିକାର ସମ୍ପାଦିକା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା, ମୁଖ୍ୟ ବକ୍ତା ପ୍ରାଧ୍ୟାପକ ଓଡ଼ିଆ ବିଭାଗ ସହିଦ ମେମୋରିଆଲ କଲେଜ ମୟୁରଭଞ୍ଜ ଡ଼.ଦିଲୀପ କୁମାର ଭୋଇ, ସମ୍ମାନିତ ବକ୍ତା ଫକୀରମୋହନ ସାହିତ୍ୟ ପରିଷଦ, ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅନ୍ୟତମ ସମ୍ମାନିତ ଅତିଥି ସାହିତ୍ୟିକ ଗାନ୍ଧୀକ ନିବାରଣ ଜେନା ମହାବିଦ୍ୟାଳ ପରିଚାଳନା ସମିତିର ସଭାପତି ନାରାୟଣ ଦାସ, ପ୍ରତାପପୁର ପଞ୍ଚାୟତ ର ସରପଞ୍ଚ କସ୍ତୁରୀବାଳା ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀ ଛାତ୍ର ମାନଙ୍କ ଉଦ୍ଦେଶ୍ୟ ରେ ମୂଲ୍ୟବୋଧ ଭିତ୍ତିକ ଉପଦେଶାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳର ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ବିଶ୍ୱମ୍ବର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ର ଅଧକ୍ଷ୍ୟା ଡ. ହରପ୍ରିୟା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସାଂସ୍କୃତିକ ପରିଷଦ ଏବଂ କ୍ରୀଡା ପରିଷଦ ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ବିଜୟ କୁମାର ଜେନା ଏବଂ ଦୟାନିଧି ସାହୁ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ରାଧାକାନ୍ତ ମହାନ୍ତି, ଅଧ୍ୟାପିକା ଶାନ୍ତିଲତା ଦାସ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ପ୍ରଭାତ କୁମାର ଜେନା, ବିଦ୍ୟାଧର ପରିଡା, ରାଜୀବ ଲୋଚନ ମାଝୀ, ଡ଼.ବାମଦେବ ଆଚାର୍ଯ୍ୟ, ବିକାଶ ରଞ୍ଜନ ପ୍ରଧାନ, ପ୍ରଭାଂଶୁ କୁମାର ସିଂ, ସରୋଜ କୁମାର ତ୍ରିପାଠୀ, ଶାନ୍ତନୁ ସାମଲ, ଶଙ୍କର୍ଷଣ ପାଣିଗ୍ରାହୀ ପ୍ରମୁଖ ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିବା ଏବଂ ସୁପରିଚାଳନା ଓ ଶୃଙ୍ଖଳାରକ୍ଷା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo